


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୮ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 NOVEMBER 2022
Vol.No. 33 ■ No. 309 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଦ୍ମପୁରରେ ବିଜେପିର ପାୱାର ସୋ, ବର୍ଷିଲେ କେନ୍ଦ୍ର କୃଷିମନ୍ତ୍ରୀ



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ପଦ୍ମପୁରରେ ଶକ୍ତି ପ୍ରଦର୍ଶନ କରିବା ସହ, ନିର୍ବାଚନୀ ସଭାରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଦୁଇ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ପଦ୍ମପୁର ଉପନିର୍ବାଚନରେ ଫସଲ ବୀମା ଓ ରେଳ ପ୍ରକଳ୍ପ ପ୍ରମୁଖ ପ୍ରସଙ୍ଗ ପାଲଟିଥିବାବେଳେ ଦୁଇ କେନ୍ଦ୍ରମନ୍ତ୍ରୀ ଜବାବ ରଖିଛନ୍ତି ଓ ରାଜ୍ୟ ସରକାରଙ୍କୁ କାଠଗଡାକୁ ଟାଣିଛନ୍ତି । ଚାଷୀଙ୍କୁ ଫସଲ ବୀମା ମିଳିବା ପାଇଁ କେନ୍ଦ୍ର ସରକାରଙ୍କୁ ବିଜେଡି ଦାୟୀ କରି ଆସୁଥିବାବେଳେ, ପଦ୍ମପୁର ମାଟିକୁ ଆସି ରାଜ୍ୟ ସରକାରଙ୍କୁ ଦୋଷ ଦେଇଛନ୍ତି କେନ୍ଦ୍ର କୃଷିମନ୍ତ୍ରୀ । ଜନସଭାକୁ ସମ୍ବୋଦ୍ଧିତ କରି କହିଛନ୍ତି, ବୀମା ଟଙ୍କା କେନ୍ଦ୍ର ଦେଇସାରିଛି । ରାଜ୍ୟ ସରକାରଙ୍କ ଭୁଲ୍ ଯୋଗୁ ଚାଷୀଙ୍କୁ ଟଙ୍କା ମିଳିପାରିନାହିଁ । ରାଜ୍ୟ ସରକାର ମିଛ କହି ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି । ଡବଲ ଇଞ୍ଜିନ ସରକାର ଥିଲେ ଏହି ଅସୁବିଧା ହୋଇନଥାନ୍ତା । ତେଣୁ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇ ଉପନିର୍ବାଚନରେ ବିଜୟୀ କରାନ୍ତୁ । ପଦ୍ମପୁର ଉପନିର୍ବାଚନରେ ରେଳ ପ୍ରକଳ୍ପକୁ ବିଜେଡି ଆଉ ଏକ ପ୍ରମୁଖ ପ୍ରସଙ୍ଗ କରିବା ପରେ, ପ୍ରଥମ ଥର ପାଇଁ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ପଦ୍ମପୁର ନିର୍ବାଚନୀ ମଇଦାନରୁ ରାଜ୍ୟ ସରକାରଙ୍କୁ ଖୋଲା ଚାଲେଞ୍ଜ ଦେଇଛନ୍ତି ଅଶ୍ୱିନୀ । ଜନସଭାକୁ ସମ୍ବୋଦ୍ଧିତ କରି କହିଛନ୍ତି, ରାଜ୍ୟ ସରକାର କାଲି ଜାଗା ଦେଲେ, ପରଦିନ କାମ ଆରମ୍ଭ ହେବ । ରେଳ ସେବା ପାଇବା ପଦ୍ମପୁରବାସୀଙ୍କ ଅଧିକାର । ଏହି ଅଧିକାରକୁ କେହି ଛଡାଇପାରିବେ ନାହିଁ । କଂଗ୍ରେସ ୭୦ ବର୍ଷର ଶାସନ ଭିତରେ ରେଳବାଇ ପାଇଁ ଯାହା କରିପାରିନଥିଲା, ତାହା ଏବେ ମୋଦୀ ସରକାର କରୁଛନ୍ତି । ଓଡିଶାର ବିକାଶ ପାଇଁ ନେଇଥିବା ସଂକଳ୍ପକୁ ପୂରା କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ । ଦୁଇ କେନ୍ଦ୍ର ମନ୍ତ୍ରୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ପରେ ଜବାବ ରଖିଛି ବିଜେଡି । ଦୁଇ ମନ୍ତ୍ରୀଙ୍କ ବୟାନକୁ ଅସତ୍ୟ କହିବା ସହ, ଜନସାଧାରଣଙ୍କୁ ବିଭ୍ରାନ୍ତି କରିବା ପାଇଁ ଚାଲ ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ । କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କ କଥା କୌତୁହଳ ପୂର୍ଣ୍ଣ ଓ ଅସତ୍ୟ । କ୍ଷତିପୂରଣ ରାଶି ବୀମା କମ୍ପାନୀ ଦିଅନ୍ତି, ରାଜ୍ୟ ସରକାର ନୁହେଁ । ରେଳମନ୍ତ୍ରୀଙ୍କୁ ପ୍ରଶ୍ନ କରି ପଚାରିଛନ୍ତି, କେନ୍ଦ୍ର ରାଜ୍ୟ ସରକାରଙ୍କୁ ଜମି ମାଗିବାର ଫୋରମ କଣ ସାଧାରଣ ସଭା ? ଜମି ପାଇଁ ରାଜ୍ୟ ସରକାରଙ୍କୁ କେବେ ଚିଠି ଲେଖିଥିଲା କେନ୍ଦ୍ର ? କେଉଁଠି ଜମି ଦେବୁ କୁହ ? ପଦ୍ମପୁର ଉପନିର୍ବାଚନ ତାରିଖ ଘୋଷଣା ପରଠାରୁ, ଫସଲ ବୀମା ନିର୍ବାଚନୀ ପ୍ରସଙ୍ଗ ପାଲଟିଛି । ସେହିପରି ପଦ୍ମପୁର-ନୂଆପଡା ରେଳ ପ୍ରକଳ୍ପ ଆଉ ଏକ ପ୍ରମୁଖ ପ୍ରସଙ୍ଗ ପାଲିଟିଛି । ଯାହାକୁ ଆଳ କରି କେନ୍ଦ୍ରକୁ ଦୋଷ ଦେଇ ଆସୁଛି ବିଜେଡି । କିନ୍ତୁ ଏହି ଦୁଇ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ପାଲଟା ଦୋଷ ଦେଇଆସୁଛି ବିଜେପି ।

## ରାଜଧାନୀରେ ଗର୍ଜିଲେ ଶିକ୍ଷକ: ସରକାରଙ୍କ ଶିକ୍ଷାନୀତିକୁ ବିରୋଧ



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ରାଜଧାନୀରେ ଏକାଠି ହୋଇ ଦମ ଦେଖାଇଛନ୍ତି ହଜାର ହଜାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ । ତିନି ଦଫା ଦାବି ନେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀ । ନୂତନ ପେନସନ ଯୋଜନାରେ ସରକାର ନୀତିବିହୀନ ନିଷ୍ପତି ନେଇଥିବା ଦର୍ଶାଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଶିକ୍ଷକମାନେ । ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧ ଲକ୍ଷରୁ ଅଧିକ ଶିକ୍ଷକ, କର୍ମଚାରୀ ସାମିଲ ହୋଇଛନ୍ତି । ଫଳରେ ଲୋୟର ପିଏମଜିରେ ଲୋୟର ପିଏମଜିରେ ଶାନ୍ତିଶୃଙ୍ଖଳା ପାଇଁ ପୁଲିସରୁ ନାକେଦମ ହେବାକୁ ପଡିଛି । ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁଁ ଲୋୟର ପିଏମଜି ଜାମ ହୋଇଯାଇଛି । ସମ୍ପୃକ୍ତ ଅଞ୍ଚଳକୁ ନିଜ କବଜାକୁ ନେଇଯାଇଛନ୍ତି ଆନ୍ଦୋଳନକାରୀ । ଏହି ସବୁ ଦାବି ନେଇ ବିଧାନସଭା ସମ୍ମୁଖରେ ମହାସମାବେଶ କରିଛନ୍ତି ଶିକ୍ଷକ । ପିଏସ ଶିକ୍ଷକ ସଂଘର ଦାବି ଗୁଡ଼ିକ ଯଥାର୍ଥ ଏବଂ ସରକାର ସେମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରିବା ଦରକାର ବୋଲି କହି ଓଷ୍ଟା ଆନ୍ଦୋଳନକୁ ସମର୍ଥନ ଜଣାଇଛି । ୩ଟି ଦାବି ପୂରଣ ନହେଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।

## ଦେଶକୁ ବିଜେପିର ଭାରତ ହେବାକୁ ଦିଆଯିବ ନାହିଁ : ମେହବୁବା ମୁଫ୍ତି



ନୂଆଦିଲ୍ଲୀ, ୨୭/୧୧ : ପିପୁଲ୍ସ ଡେମୋକ୍ରେଟିକ ପାର୍ଟିର ପ୍ରମୁଖ ମେହବୁବା ମୁଫତି ରବିବାର ଦିନ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି । ରବିବାର ଦିନ ସେ କହିଛନ୍ତି ଯେ, ଜାମ୍ମୁ-କାଶ୍ମୀରରେ ବିଜେପି ଯେତେ ସୈନ୍ୟ ନିୟୋଜିତ କରନ୍ତୁ , ହେଲେ ଯେପର୍ଯ୍ୟନ୍ତ କାଶ୍ମୀର ସମସ୍ୟାର ସମାଧାନ ହୋଇନାହିଁ ସେପର୍ଯ୍ୟନ୍ତ ସରକାର ସକରାତ୍ମକ ପରିଣାମ ଦେଖିପାରିବେ ନାହିଁ । ଏହାସହ ସେ କହିଛନ୍ତି କି ଆମେ ଦେଶକୁ ବିଜେପିର ଭାରତ ହେବାକୁ ଦେବୁ ନାହିଁ । ମେହବୁବା ମୁଫତି ଶ୍ରୀନଗର ଠାରେ ପାର୍ଟିର ଯୁବ ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି, ଯେତେବେଳେ ଆକ୍ରମଣକାରୀ ପାକିସ୍ତାନରୁ ଆସିଥିଲେ ସେପର୍ଯ୍ୟନ୍ତ ଭାରତୀୟ ସେନା ସେଠାରେ ପହଂଚିପାରି ନଥିଲେ । ସେପଟେ ସାଧାରଣ ଲୋକଙ୍କ ହାତରେ ବନ୍ଧୁକ ନଥିଲେ ବି ସେମାନେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଘଉଡାଇ ଦେଇଥିଲେ । ତେଣୁ ଜାମ୍ମୁ-କାଶ୍ମୀରବାସୀ ଜାଣିଛନ୍ତି ଯେ କାହାକୁ ଘଉଡାଇ ଦିଆଯିବ ଓ କାହାକୁ କାଶ୍ମୀରରେ ସ୍ଥାନ ଦିଆଯିବ । ସେପଟେ ମୁଫତି ମହାତ୍ମାଗାନ୍ଧୀ ଓ ନେହରୁଙ୍କୁ ଭାରତ ବାବଦରେ କହିବାକୁ ଯାଇ କହିଥିଲେ କି, ଆମେ ସେହି ଭାରତର ଅନୁସନ୍ଧାନ କରୁଛି ଯାହାକୁ ଏବେ ନେହେରୁଙ୍କ ନାତି ରାହୁଲ ଗାନ୍ଧୀ ଖୋଜୁଛନ୍ତି । ସେପଟେ ବିଜେପି ଭାରତର ସମ୍ବିଧାନକୁ ନଷ୍ଟ କରୁଛି ବୋଲି ସେ ଅଭିଯୋଗ କରିବା ସହ ଭାରତ ବିଜେପିର ନୁହେଁ ବୋଲି ସେ କହିଛନ୍ତି ।

## ବେଙ୍ଗାଲୁରୁ-କୋଲକାତା ଏକ୍ସପ୍ରେସ୍‌ରେ ନିଆଁ

ହାଇଦ୍ରାବାଦ, ୨୭/୧୧ (ନି.ପ୍ର): ବେଙ୍ଗାଲୁରୁ-କୋଲକାତା ଏକ୍ସପ୍ରେସ୍‌ରେ ନିଆଁ। ଉକ୍ତ ଏକ୍ସପ୍ରେସର ୫୯ ଏସି କୋଚରେ ନିଆଁ ଲାଗିଛି। ବେଙ୍ଗାଲୁରୁରୁ କୋଲକାତା ଯାଉଥିବା ହାଓଡ଼ା ଏକ୍ସପ୍ରେସ୍‌ରେ ଗୋଟିଏ ବଗିରେ ନିଆଁ ଲାଗିଯାଇଛି। ଟ୍ରେନ୍‌ର ଏସ୍-୯ ଏସି କୋଚ୍‌ରେ ନିଆଁ ଲାଗିବା ପରେ ଆନ୍ଧ୍ରପ୍ରଦେଶର କୁପ୍ପମ ଷ୍ଟେସନ୍‌ରେ ଗାଡ଼ିକୁ ଅଟକାଯାଇଛି। ଟ୍ରେନ୍‌ରେ ନିଆଁ ଲାଗିବା ନେଇ ଲୋକୋମୋଟିଭ୍ ପାଇଲଟ ସତର୍କ କରାଇଥିଲେ। ଏହାପରେ ଟ୍ରେନ୍‌ରୁ ସମସ୍ତ ଯାତ୍ରୀ ଓହ୍ଲାଇ ପଡ଼ିଛନ୍ତି।

## ମୁମ୍ବାଇ ବିମାନବନ୍ଦରରୁ ଜବତ ହେଲା ୪୦ କୋଟି ଟଙ୍କାର ଡ୍ରଗସ, ୨ ବିଦେଶୀ ନାଗରିକ ଗିରଫ



ନୂଆଦିଲ୍ଲୀ, ୨୭/୧୧ : ମୁମ୍ବାଇ ଆନ୍ତର୍ଜାତୀୟ ବିମାନବନ୍ଦରରୁ ରାଜସ୍ୱ ଗୁଇନ୍ଦା ବିଭାଗ ପକ୍ଷରୁ ୪୦ କୋଟି ଟଙ୍କାର ଡ୍ରଗସ ଜବତ କରାଯାଇଛି । ୮ କିଲୋ ହେରୋଇନ ଜବତ କରିବା ସହ ୨ ଜଣ ବିଦେଶୀ ନାଗରିକଙ୍କୁ ଗିରଫ କରିଛି ରାଜସ୍ୱ ଗୁଇନ୍ଦା ବିଭାଗ । ଜବତ ହୋଇଥିବା ଡ୍ରଗସର ଅନ୍ତରାଷ୍ଟ୍ରୀୟ ମୂଲ୍ୟ ୪୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । କିଛି ସୂତ୍ର ସୂଚାନ ଆଧାରରେ ରାଜସ୍ୱ ଗୁଇନ୍ଦା ବିଭାଗ ଚଢାଉ କରି ଏହି ସଫଳତା ମିଳିଛି । ରାଜସ୍ୱ ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା କି କିଛି ବିଦେଶୀ ନାଗରିକ କୋଟି କୋଟି ଟଙ୍କାର ଡ୍ରଗସ ଧରି ମୁମ୍ବାଇ ଆସୁଛନ୍ତି । ଏହି ବିଦେଶୀ ନାଗରିକମାନେ ମୁମ୍ବାଇ ବିମାନବନ୍ଦରରେ ଓହ୍ଲାଇବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ରାଜସ୍ୱ ଗୁଇନ୍ଦା ବିଭାଗ ସେମାନଙ୍କୁ ଧରିଥିଲା । ଏହାପରେ ସେମାନଙ୍କ ଲଗେଜ ଯାଂଚ କରି ସେମାନଙ୍କ ଠାରୁ ୮ କିଲୋ ହେରୋଇନ ଜବତ କରାଯାଇଥିଲା । ସୂଚନା ଥାଉକି ଏହା ପୂର୍ବରୁ ଚଳିତମାସ ୨୧ ତାରିଖରେ ମୁମ୍ବାଇ ବିମାନବନ୍ଦରରୁ ବଡ ଧରଣର ଡ୍ରଗ୍ସ ଜବତ ହୋଇଥିଲା । ନଭେମ୍ବର ୨୧ ତାରିଖରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରେ ଏକ ଆନ୍ତର୍ଜାତୀୟ ଡ୍ରଗସ ରାକେଟର ପର୍ଦ୍ଦାଫାସ କରିଥିଲା । ଏଥିରେ କୋଟି କୋଟି ଟଙ୍କାର କୋକେନ ଜବତ କରାଯିବା ସହ ୨ ଜଣ ବିଦେଶୀ ନାଗରିକଙ୍କୁ ଗିରଫ କରାଯାଇଥିଲା ।

## ବାବା ରାମଦେବଙ୍କ ବ୍ୟୁଟି ଥିଓରୀକୁ ନେଇ ବଢ଼ିଲା ବିବାଦ



ନୂଆଦିଲ୍ଲୀ, ୨୭/୧୧ : ବାବା ରାମଦେବ ଦେଇଥିବା ବୟାନକୁ ନେଇ ତେଜିଛି ବିବାଦ । ମହାରାଷ୍ଟ୍ର ପୁଣେର ଆୟୋଜିତ ଏକ ଯୋଗଶିବିରରେ ବାବା ଏହି ବୟାନ ଦେଇଛନ୍ତି । ଯୋଗ ଶିବିରରେ ସାମିଲ ହୋଇଥିବା ମହିଳାମାନେ ଯୋଗ ପାଇଁ ପିନ୍ଧିଥିବା ପୋଷାକକୁ ବଦଳାଇ ପାରିନପାରିବାରୁ, ସବୁବେଳେ ମଜାଳିଆ ଢ଼ଙ୍ଗରେ ବିବୃତି ରଖୁଥିବା ରାମଦେବ ଏହା କହିଛନ୍ତି । କହିଛନ୍ତି, ଆପଣମାନେ ଶାଡିରେ ଭଲ ଦେଖାଯାଆନ୍ତି । ଅମୃତାଜୀଙ୍କ ପରି ସାଲୱାର ସୁଟରେ ଭଲ ଦେଖାଯାଆନ୍ତି ଏବଂ ତାଙ୍କ ପରି କିଛି ନପିନ୍ଧିଲେ ବି ଭଲ ଦେଖାଯାନ୍ତି । ବାବା ରାମଦେବଙ୍କ ଏପରି ବୟାନକୁ ସୋସିଆଲ ମିଡିଆରେ ସମାଲୋଚନା କରାଯାଇଛି । ଏମିତିକି ଦିଲ୍ଲୀ ମହିଳା କମିଶନର ଅଧକ୍ଷ ସ୍ୱାତୀ ମାଲିୱାଲ ମଧ୍ୟ ଟ୍ୱିଟ୍ କରି ରାମଦେବଙ୍କ ବୟାନକୁ ନିନ୍ଦା କରିଛନ୍ତି । ରାମଦେବ, ଦେଶବାସୀଙ୍କୁ କ୍ଷମା ମାଗିବା ଉଚିତ ବୋଲି ସେ ଦାବି କରିଛନ୍ତି । ଉଦ୍ଧବ ଠାକରେ ଗୋଷ୍ଠୀର ସାଂସଦ ସଞ୍ଜୟ ରାଉତ କହିଛନ୍ତି ରାମଦେବଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଓଡିଶାରେ ମଧ୍ୟ ରାମଦେବଙ୍କ ବୟାନକୁ ନିନ୍ଦା କରାଯାଇଛ । ଜଣେ ସାଧୁ ହୋଇ ଏଭଳି ମନ୍ତବ୍ୟ କେମିତି ଦେଲେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ତେବେ ବାବା ଖରାପ ଉଦେଶ୍ୟ ରଖି କିଛି କହି ନଥିବା କହିଛନ୍ତି ପତଞ୍ଜଳି ଓଡିଶା ମୁଖ୍ୟ । ରାମଦେବ ଏପରି ବିବାଦୀୟ ବୟାନ ଦେବା କିଛି ନୂଆ କଥା ନୁହେଁ । ପୂର୍ବରୁ ତାଙ୍କ କମ୍ପାନୀର ରିପଡ ଜିନ୍ସ ପିନ୍ଧିଲେ ହିଁ ଯୁବତୀ ସଂସ୍କାରି ଦେଖାଯିବେ କହି ବିବାଦୀୟ ହୋଇ ପଡିଥିଲେ ।

## ୯୫ ତମ ସଂସ୍କରଣରେ ମୋଦିଙ୍କ 'ମନ କି ବାତ' କାର୍ଯ୍ୟକ୍ରମ

ନୂଆଦିଲ୍ଲୀ, ୨୭/୧୧ : ମନ କି ବାତ କାର୍ଯ୍ୟକ୍ରମ ଜରିଆରେ ଆଜି ଦେଶବାସୀଙ୍କ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହା ହେଉଛି ତାଙ୍କର ୯୫ ତମ ସଂସ୍କରଣ । ପ୍ରତିଥର ମନ କି ବାତରେ ପ୍ରଧାନମନ୍ତ୍ରୀ ମୋଦି କୌଣସି ନା କୌଣସି ପରିଶ୍ରମୀ ଏବଂ ସମାଜ ପାଇଁ ବର୍ତ୍ତା ଦେଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ କହିଥାନ୍ତି ଏବଂ ତାଙ୍କ କାର୍ଯ୍ୟକୁ ନେଇ ପ୍ରଶଂସା କରିଥାନ୍ତି । ତେବେ ପ୍ରଧାନମନ୍ତ୍ରୀ ଆଜି କହିଛନ୍ତି ଯେ ଆମେ ମନ କି ବାତର ଶହେତମ ସଂସ୍କରଣ ଆଡକୁ ବଢୁଛେ । ଜି -୨୦ ର ଅଧ୍ୟକ୍ଷତା ମିଳିବା ଭାରତ ପାଇଁ ଏକ ବଡ ସୁଯୋଗ । ପ୍ରତ୍ୟେକ ଦେଶବାସୀ କୌଣସି ନା କୌଣସି ଉପାୟରେ ଜି -୨୦ ସହିତ ଯୋଡି ହୋଇଛନ୍ତି । କିଛି ଦିନ ପୂର୍ବରୁ ଜି -୨୦ ଲୋଗୋ ଏବଂ ଭାରତର ଅଧ୍ୟକ୍ଷତାର ୱେବସାଇଟ୍ ଉନ୍ମୋଚନ କରିବାର ସୌଭାଗ୍ୟ ପାଇଲି । ଏହି ଲଗୋର ଚୟନ ଏକ ସାଧାରଣ ପ୍ରତିଯୋଗିତା ମାଧ୍ୟମରେ କରାଯାଇଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଜି -୨୦ ରେ ବିଶ୍ୱ ଜନସଂଖ୍ୟାର ଦୁଇ ତୃତୀୟାଂଶ, ବିଶ୍ୱବାଣିଜ୍ୟର ଚତୁର୍ଥାଂଶ ଏବଂ ବିଶ୍ୱଜିଡିପିର ୮୫% ଭାଗିଦାରୀ ରହିଛି । ଡିସେମ୍ବର ୧ରୁ ଭାରତ ଏତେ ବଡ ଗ୍ରୁପର , ଏତେ ଶକ୍ତିଶାଳୀ ଗ୍ରୁପର ଅଧ୍ୟକ୍ଷତା କରିବା ନେଇ ମଧ୍ୟ ହୁଏତ କେହି କଳ୍ପନା କରି ନଥିବେ। ଜି -୨୦ ର ଅଧ୍ୟକ୍ଷତା ଆମ ପାଇଁ ଏକ ବଡ଼ ସୁଯୋଗ ଭାବରେ ଆସିଛି । ଆମକୁ ଏହି ସୁଯୋଗର ପୂର୍ଣ୍ଣ ଉପଯୋଗ କରିବାକୁ ହେବ ଏବଂ ବିଶ୍ୱ ଭଲ, ବିଶ୍ୱ କଲ୍ୟାଣ ଉପରେ ଧ୍ୟାନ ଦେବାକୁ ପଡିବ ।

## କମୁଛି ପାରଦ ବଢୁଛି ଶୀତ, ସରଗରମ ହେଉଛି ଶୀତବସ୍ତ୍ର ବ୍ୟବସାୟ



ନୂଆଦିଲ୍ଲୀ, ୨୭/୧୧ : ସାରା ରାଜ୍ୟକୁ ଛୁଇଁଲାଣି ମାର୍ଗଶିରର ଶୀତ । ପାରଦସ୍ତର ମଧ୍ୟ କ୍ରମସଃ ଖସିବା ଆରମ୍ଭ କଲାଣି । ତେଣୁ ଶୀତ ସହ ତାଳ ଦେଇ ଶୀତବସ୍ତ୍ର ବଜାର ମଧ୍ୟ ସରଗରମ ହେଲାଣି । ରାସ୍ତାକଡରୁ ଆରମ୍ଭ କରି ମଲ ପର୍ଯ୍ୟନ୍ତ ସବୁଠି ପାରମ୍ପାରିକ ଶୀତବସ୍ତ୍ର ସାଙ୍ଗକୁ ଷ୍ଟାଇଲିସ୍ ଶୀତ ବସ୍ତ୍ର ସମ୍ଭାର ଦେଖିବାକୁ ମିଳିଲାଣି । ମନପସନ୍ଦର ଶୀତ ପୋଷାକ କିଣିବାକୁ ଗ୍ରାହକ ମାନେ ବି ଭିଡ଼ ଜମାଇଲେଣି । କଟକ କାଠଯୋଡ଼ି କୂଳେ ଖୋଲା ପଡିଆରେ ପଡିଥିବା ରାଜସ୍ତାନୀ ୱିଂଟର ମାର୍କେଟରେ ସଂଧ୍ୟା ହେଲେ ଜମୁଛି ଭିଡ । ଏଠାରେ ରଙ୍ଗବେରଙ୍ଗର ହୁଡ୍ଡି, ଉଲ୍ ଗଂଜି, ଲଙ୍ଗ ସ୍ୱେଟର, ସର୍ଟ ସ୍ୱେଟର, ଜ୍ୟାକେଟ୍, ବ୍ଲାଙ୍କେଟ୍ ଆଦି ବିକ୍ରି ହେଉଥିବା ବେଳେ ଏହାକୁ କିଣିବାକୁ ଜମୁଛି ଗହଳି । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କ ପାଇଁ ଗୋଟିଏ ସ୍ଥାନରେ ବିଭିନ୍ନ ଭେରାଇଟିର ଶୀତ ପୋଷାକ ମିଳୁଥିବାରୁ ଖୁସି ପ୍ରକାଶ କରିଛନ୍ତି ଗ୍ରାହକ । ବ୍ୟବସାୟୀକ ପେଣ୍ଠସ୍ଥଳ କଟକ । ଶୀତ ଆସିଲେ ଏହି ସହରରେ ଜମେ ଶୀତବସ୍ତ୍ର ବ୍ୟବସାୟ । ତେବେ ଏହି ବ୍ୟବସାୟ ପାଇଁ ସୁଦୂର ରାଜସ୍ଥାନର ଗୋଟିଏ ଗାଁର ପୁରା ପରିବାର ପ୍ରତିବର୍ଷ ବ୍ୟବସାୟ ପାଇଁ କଟକ ଆସୁଛନ୍ତି । କଟକରେ ଭଲ ବେପାର ହେଉଥିବା କହିଛନ୍ତି ବ୍ୟବସାୟୀ ।

## ଗୁଜରାଟରେ ହେବ ଆପ୍ ସରକାର : ଅରବିନ୍ଦ କେଜ୍ରିୱାଲଙ୍କ ଦମ୍ଭୋକ୍ତି



ନୂଆଦିଲ୍ଲୀ, ୨୭/୧୧ : ଗୁଜରାଟ ବିଧାନସଭା ନିର୍ବାଚନକୁ ନେଇ ସାରା ଦେଶର ରାଜନୀତି ସରଗରମ ରହିଛି । ଏହା ପ୍ରଧାନମନ୍ତ୍ରୀଙ୍କ ରାଜ୍ୟ ହୋଇଥିବାରୁ ବିଜେପି ପାଇଁ ଏଠାରେ ପୁଣି ସରକାରକୁ ଫେରିବା ସମ୍ମାନର ପ୍ରଶ୍ନ, ସେପଟେ ଗତ ବିଧାନସଭା ନିର୍ବାଚନରେ ସରକାର ଗଠନ କରିବାକୁ ବହୁମତରୁ ଅଳ୍ପ ଦୂରରେ ଅଟକି ଯାଇଥିବା କଂଗ୍ରେସ ଏଥର ମଇଦାନରେ ଖେଳିବା ପରିବର୍ତ୍ତେ ଦର୍ଶକ ଭଳି ରହିଯାଇଛି । ଏହାରି ମଧ୍ୟରେ ଦିଲ୍ଲୀ ଓ ପଞ୍ଜାବ ଦଖଲ କରିସାରିବା ପରେ ଆମ୍ ଆଦମୀ ପାର୍ଟି ଏଥର ଗୁଜରାଟକୁ ପୁରା ଫୋକସ କରିଛି । ଏନେଇ ଉଭୟ ବିଜେପି ଓ ଆମ୍ ଆଦମୀ ପାର୍ଟି ନିଜର କଳ, ବଳ କୌଶଳ ସବୁ ଗୁଜରାଟରେ ଲଗେଇ ଦେଇଛନ୍ତି । ହେଲେ ସବୁଠାରୁ ବଡକଥା କି ଗୁଜରାଟ ନିର୍ବାଚନର ମଙ୍ଗ ଧରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ପଞ୍ଜାବ ନିର୍ବାଚନ ପୂର୍ବରୁ ଯେଭଳି ଭବିଷ୍ୟବାଣୀ କରିଥିଲେ ଠିକ୍ ସେହିଭଳି ଗୁଜରାଟର ପ୍ରଥମ ପର୍ଯ୍ୟାୟ ଭୋଟ ପୂର୍ବରୁ ଭବିଷ୍ୟବାଣୀ କରିବା ସହ ଏକ କାଗଜରେ ଲେଖିଛନ୍ତି କି ଏଥର ଗୁଜରାଟରେ ଆମ୍ ଆଦମୀ ପାର୍ଟି ସରକାର ଗଠନ କରିବାକୁ ଯାଉଛି । ଆଜି (ରବିବାର) ଏକ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧମ ଆଗରେ କେଜ୍ରିୱାଲ ଏଭଳି ଲେଖିକି ଦେବା ସହ କହିଥିଲେ କି ଦୀର୍ଘ ୨୭ ବର୍ଷ ପରେ ଗୁଜରାଟରେ ବିଜେପି ଅଣନିଶ୍ୱାସୀ ହୋଇଯାଇଛି । ଏହାସହ ସେ କହିଛନ୍ତି କି ଦୀର୍ଘ ୨୭ ବର୍ଷରୁ କୁଶାସନରୁ ଏଥର ଗୁଜରାଟବାସୀ ମୁକ୍ତ ହେବାକୁ ଯାଉଛନ୍ତି । ଏହି ଅବସରରେ ପୁଣିଥରେ ଗୁଜରାଟ ପାଇଁ ଆପ, ପ୍ରସ୍ତୁତ କରିଥିବା ନିର୍ବାଚନୀ ଇସ୍ତାହାରକୁ ଦୋହରାଇଛନ୍ତି କେଜ୍ରିୱାଲ । ସେ କହିଛନ୍ତି କି ଦଳ କ୍ଷମତାକୁ ଆସିଲେ ପଞ୍ଜାବ ଭଳି ଏଠାରେ ପୁରୁଣା ପେନସନ ଯୋଜନା ଲାଗୁ କରାଯିବ । ଏହାସହ ରାଜ୍ୟରେ ଠିକା ନିଯୁକ୍ତି ଉଚ୍ଛେଦ ଓ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ସମସ୍ତ ଦାବି ପୂରଣ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ତିହାର ଜେଲରୁ ସତ୍ୟେନ୍ଦ୍ର ଜୈନଙ୍କ ଆଉ ଏକ ଭିଡିଓ ଭାଇରାଲ

ନୂଆଦିଲ୍ଲୀ, ୨୭/୧୧ : ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଦିଲ୍ଲୀର ଆମ ଆଦମୀ ପାର୍ଟି ସରକାରରେ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ତିହାର ଜେଲରେ ଯେଭଳି ଭାବେ ଭିଆଇପି ଓ ଆରାମଦାୟକ ସୁବିଧା ପ୍ରଦାନ କରାଯାଉଛି ତାର ଗୋଟିଏ ପରେ ଗୋଟିଏ ଭିଡିଓ ଆସିବାରେ ଲାଗିଛି । ସତ୍ୟେନ୍ଦ୍ର ଜୈନଙ୍କୁ ତିହାର ଜେଲରେ ସେଲରେ ସଫାସଫି କରିବା ଓ ତାଙ୍କର ଅନ୍ୟ ସୁବିଧା ଉପରେ ଧ୍ୟାନ ଦେବାକୁ ଦଶ ଜଣଙ୍କୁ ଦାୟିତ୍ୱ ଦିଆଯାଇଥିବା ଏହି ଭିଡିଓରୁ ଜଣା ପଡିଛି । ତିହାର ଜେଲରେ ତାଙ୍କୁ ମାଲିସ କରାଯିବା, ଭଲ ଭୋଜନ ଦିଆଯାଉଥିବା ଓ ନିଲମ୍ବିତ ହୋଇଥିବା ଅଧୀକ୍ଷକଙ୍କ ସହ କଥାବାର୍ତ୍ତା କରୁଥିବା ଭିଡିଓ ଆସିବା ପରେ ଏବେ ନୂଆ ଭିଡିଓ ଆସିଛି ଯେଉଁଥିରେ ଜୈନଙ୍କ ସେଲରେ ହାଉସ କିପିଂ ପାଇଁ ଲୋକମାନେ ଆସୁଥିବା ଦେଖିବାକୁ ମିଳିଛି । ସେମାନେ ତାଙ୍କର ସେଲକୁ ସଫା କରିବା ସହ ତାଙ୍କର ବେଡର ଚଦର ଓ ତକିଆ ଆଦି ବଦଳାଉଥିବା ଭିଡିଓରେ ଦେଖିବାକୁ ମିଳିଛି । ତାଙ୍କର ରୁମକୁ ସଫା କରିବା ଓ ଅନ୍ୟାନ୍ୟ କାମରେ ସହଯୋଗ କରିବାକୁ ଦଶ ଜଣଙ୍କୁ ଦାୟିତ୍ୱ ଦିଆଯାଇଥିବା କୁହା ଯାଉଛି । ଏଥି ମଧ୍ୟରୁ ୮ ଜଣଙ୍କୁ ସତ୍ୟେନ୍ଦ୍ର ଜୈନଙ୍କ ଆବଶ୍ୟକତା ଉପରେ ଧ୍ୟାନ ଦେବାକୁ ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ଏହି ଲୋକ ମାନେ ତାଙ୍କର ରୁମକୁ ସଫା କରିବା, ବିଛଣା ଠିକ୍ କରିବା, ବାହାରୁ ଖାଦ୍ୟ ଆଣି ଦେବା ତଥା ମିନେରାଲ ୱାଟର, ଫଳ ଓ ବସ୍ତ୍ର ଆଦି ଉପଲବ୍ଧ କରାଇବା ପାଇଁ ରହିଛନ୍ତି । ଅନ୍ୟ ଦୁଇ ଜଣ ସୁପରଭାଇଜର ଭାବେ ଏହି କାମକୁ ଦେଖୁଛନ୍ତି ।

# ଓଡିଶା ସାମ୍ବାଦିକ ସଂଘ ଓଜେୟୁ କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ଭବାନିପାଟଣା , ୨୭/୧୧ (ନି.ପ୍ର): ଓଡ଼ିଶାର ସମସ୍ତ କାର୍ଯ୍ୟରତ ସାମ୍ବାଦିକ ସମୂହଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡିଶା ସାମ୍ବାଦିକ ସଂଘ ଓଜେୟୁ ଗତ ନଭେମ୍ବର ୧୬ ତାରିଖ ଦିନ ଜାତୀୟ ପ୍ରେସ ଦିବସ ଅବସରରେ ଭୁବନେଶ୍ୱରର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳ,ସୂଚନା ଓ ଲୋକ ସମ୍ପର୍କ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ସାକ୍ଷାତ କରି ଦାବୀ ପ୍ରଦାନ କରିଥିଲେ ।ଏହାପାରେ ଏହି ସଂଘର ବିଭିନ୍ନ ଜିଲ୍ଲା ଶାଖାପକ୍ଷରୁ ଜାତୀୟ ସମ୍ବିଧାନ ଦିବସ ଅବସରରେ ଏହି ୧୦ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିୟାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ପ୍ରଦାନ କରାଯାଉଛି । ଏହି କ୍ରମରେ ଓଜେୟୁ କଳାହାଣ୍ଡି ଜିଲ୍ଲା ଶାଖା ସଭାପତି ନିରୋଜ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାପାଳ ପି.ଅନ୍ୱେଶା ରେଡ୍ଡିଙ୍କୁ ଭେଟି ଏହି ୧୦ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ସୂଚନାରୁ ପ୍ରକାଶ ଯେ, ଓଡିଶା ପ୍ରଦେଶରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଅନ୍ୟାୟ, ଅତ୍ୟାଚାର ଓ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଦିନକୁ ଦିନ ଉପେକ୍ଷିତ, ଅବହେଳିତ ଓ ଶୋଷିତ ହେଉଥିବା ଅଭିଯୋଗ ହେଉଛି ।ଏନେଇ ରାଜ୍ୟର ବିଭିନ୍ନ ସାମ୍ବାଦିକ ସଂଗଠନ ଶୃଙ୍ଖଳିତ ଭାବରେ ସାମ୍ବାଦିକ ସମୂହଙ୍କ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ସରକାରଙ୍କ ଠାରେ ବିଭିନ୍ନ ପ୍ରକାର ଦାବୀ କରିଆସୁଛନ୍ତି ।ନିକଟ ଅତୀତରେ ଏନେଇ ଓଜେୟୁ ପକ୍ଷରୁ ଭୁବନେଶ୍ୱରର ରାଜମାର୍ଗରେ ଏକ ବିରାଟ ଧରଣର ସମାବେଶ ହୋଇଥିଲା ।ପ୍ରତ୍ୟେକ ଜିଲ୍ଲାରୁ ବିପୁଳ ସଂଖ୍ୟାରେ ସାମ୍ବାଦିକ ମାନେ ପ୍ରତିନିଧିତ୍ୱ କରି ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶ କରିବା ସହିତ ମାନ୍ୟବର ରାଜ୍ୟପାଳଙ୍କ ସମେତ ସୂଚନା ଓ ଲୋକ ସମ୍ପର୍କ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।ଏହାପରେ ମଧ୍ୟ ସାମ୍ବାଦିକ ସମୂହଙ୍କ ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ କିମ୍ବା ପ୍ରତିଶୃତି ନ ମିଳିବା ନେଇ ସାମ୍ବାଦିକ ସମୂହଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି ।ରାଜ୍ୟବ୍ୟାପୀ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନର ଚେତାବନୀ ଦେବା ପୂର୍ବକ ଜାତୀୟ ସମ୍ବିଧାନ ଦିବସ ଅବସରରେ ଓଜେୟୁର ପ୍ରତ୍ୟେକ ଜିଲ୍ଲା ଶାଖା ପକ୍ଷରୁ ପୁଣି ଥରେ ଏହି ଦାବିପତ୍ର ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳଙ୍କ ଜରିୟାରେ ଏହି ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଉଛି ।ଏହି କ୍ରମରେ ରାଜ୍ୟରେ ସାମ୍ବାଦିକ ମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଆକ୍ରମଣ ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ମହାରାଷ୍ଟ୍ର ଢାଂଚାରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ରାଶି ବାର୍ଷିକ ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା, ସାମ୍ବାଦିକଙ୍କ ମୃତ୍ୟୁକାଳୀନ ସହାୟତା ରାଶି ୪ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି କରିବା, ସମ୍ବେଦନଶୀଳ ଘଟଣା କିମ୍ବା ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ଏକ ଆଦର୍ଶ ମାର୍ଗଦର୍ଶିକା ପ୍ରଣୟନ କରି ତାଲିମ ପ୍ରଦାନ କରିବା,ଅବସର ପରେ ସାମ୍ବାଦିକଙ୍କୁ ଅବସରକାଳୀନ ଭତା ପ୍ରଦାନ,ସରକାରଙ୍କ ଦ୍ୱାରା ଘୋଷିତ ସାମ୍ବାଦିକଙ୍କୁ ବ୍ୟାଙ୍କ ଋଣ ପ୍ରଦାନର ସରଳିକରଣ,ସାମ୍ବାଦିକ ଅଧିସ୍ୱୀକୃତୀ ନିତୀର ସରଳିକରଣ କରି ଜିଲ୍ଲା,ଉପଖଣ୍ଡ ଓ ବ୍ଲକ ସ୍ତରୀୟ ସାମ୍ବାଦିକଙ୍କୁ ମଧ୍ୟ ସାମିଲ କରିବା,ବ୍ଲକ, ଉପଖଣ୍ଡ,କିମ୍ବା ଜିଲାସ୍ତରୀୟ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ରିହାତି ମୂଲ୍ୟରେ ଘରଭଡା ବ୍ୟବସ୍ଥା କିମ୍ବା ସାମ୍ବାଦିକ କଲୋନୀ ମାନ ନିର୍ମାଣ କରି ରିହାତି ମୂଲ୍ୟରେ ଭଡାଘର ପ୍ରଦାନ କରିବା, ଗଣମାଧ୍ୟମ ସଂସ୍ଥାମାନଙ୍କୁ ପ୍ରଦାନ କରାଯାଉଥିବା ସରକାରୀ ବିଜ୍ଞାପନ ରାଶିରୁ ଅତିକମରେ ଦୁଇ ପ୍ରତିଶତ ଲେଭି ଆଦାୟ କରି ସାମ୍ବାଦିକ କଲ୍ୟାଣ ପାଣ୍ଠି ମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକଙ୍କ କଲ୍ୟାଣ ନିମିତ ଖର୍ଚ୍ଚ କରିବା, ସାମ୍ବାଦିକଙ୍କ ବୃତିଗତ, ସାମାଜିକ, ଅର୍ଥନୈତିକ, ପାରିବାରିକ, ଗୋଷ୍ଠୀଗତ ଓ ଆନୁଷ୍ଠାନିକ ସୁରକ୍ଷା ଆଦି ଦିଗରେ ବୈଚାରିକ ସମନ୍ୱୟ ରକ୍ଷା ନିମନ୍ତେ ରାଜ୍ୟ ସ୍ତରରେ ବିଭିନ୍ନ କମିଟି ଗଠନ କରାଯାଇ ସେହି କମିଟି ମାନଙ୍କରେ ରାଜ୍ୟର ଅଗ୍ରଣୀ ସାମ୍ବାଦିକ ସଂଗଠନର ମୁଖ୍ୟ କିମ୍ବା ପ୍ରତିନିଧିଙ୍କୁ ସ୍ଥାନିତ କରିବା ଭଳି ୧୦ ଟି ଦାବୀ ଲିଖିତ ଭାବରେ ଓଜେୟୁ କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ କଳାହାଣ୍ଡି ଜିଲ୍ଲାପାଳ ପି.ଅନ୍ୱେଶା ରେଡ୍ଡିଙ୍କୁ ଜରିୟାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ପ୍ରଦାନ କରଯାଇଛି । ଓଜେୟୁ କଳାହାଣ୍ଡି ଶାଖା ପକ୍ଷରୁ ଜିଲ୍ଲା ଶାଖା ସଭାପତି ନିରୋଜ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁ,କୋଷାଧ୍ୟକ୍ଷ ଅଭିରାମ ପ୍ରସାଦ ପଟ୍ଟନାୟକ, ନରେନ୍ଦ୍ର ଦାସ, ସଞ୍ଜୟ ବେହେରା,ବିରଂଚି ଯୋଶୀ, ସନ୍ତୋଷ ପ୍ରଧାନ, ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଏମଏସଟି ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ

ମାଲକାନଗିରି, ୨୭/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ତଥା ସହରର ଅନ୍ୟତମ ପ୍ରସିଦ୍ଧ ଏବଂ ପୁରାତନ ଇଂରାଜୀ ମିଡିୟମ ବିଦ୍ୟାଳୟ, ଆଇ.ଏମ୍.ଏସ.ଟି. ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସପ୍ତାହ ବ୍ୟାପୀ ଚାଲିଥିବା ଏହି ଉତ୍ସବକୁ ମାଲକାନଗିରି ତହସିଲଦାର ଚନ୍ଦନ କୁମାର ଭୋଇ କ୍ରୀଡ଼ା ପତାକା ଉତୋଳନ ଓ କ୍ରୀଡ଼ା ମଶାଲ ପ୍ରଜ୍ୱଳନ ସହିତ ଆରମ୍ଭ କରିଥିଲେ । ଉକ୍ତ ଉଦଘାଟନ ଉତ୍ସବରେ ଅନ୍ୟତମ ଅତିଥି ଭାବରେ ମାଲକାନଗିରି ନବୋଦୟ ବିଦ୍ୟାଳୟ ଏବଂ କେନ୍ଦ୍ରିୟ ବିଦ୍ୟାଳୟର ପ୍ରିନ୍ସିପାଲ ଯଥାକ୍ରମେ ସି. ଶିବରାମ ଏବଂ ଇକରାର ଆହମେଦ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏକ ସପ୍ତାହ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାରର ଦୌଡ଼, ହାଇ ଜମ୍ପ, ଲଙ୍ଗ ଜମ୍ପ, ସଟପୁଟ୍, ଡିସକସ ଥ୍ରୋ ଫୁଟବଲ, ଭଲିବଲ, କବାଡି, ବ୍ୟାଡମିଂଟନ, ଚେସ, କ୍ୟାରମ ସହିତ ପୁଚି, କୁମ୍ଭୀର ଦୌଡ଼, ବେଙ୍ଗ ଡିଆଁ, ସାକ ରେସ ପ୍ରଭୃତି ମନୋରଞ୍ଜନ ଧର୍ମୀ ଖେଳ ଏବଂ ଖେଳ ଉପରେ ଆଧାରିତ ଗୋଟିଏ କୁଇଜ୍ ପ୍ରତିଯୋଗିତା ମଧ ଅଂଶଗ୍ରହଣ କରିଥିଲେ । ଆଜି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା ଏବଂ ସମ୍ମାନିତ ଅତିଥି କାର୍ଯ୍ୟନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ, ପୌରପରିଷଦ, ମାଲକାନଗିରି, ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ ଏବଂ କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

ଏହି ଉଦଯାପନୀ ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଛତିଶଗଡ଼ ରାଜ୍ୟର ସୁକମା ଏବଂ ଦୋରନାପାଲ ଆଇ ଏମ୍ ଏସ ଟି ବିଦ୍ୟାଳୟର ପ୍ରିନ୍ସିପାଲ ଯଥାକ୍ରମେ ଜୟ କୁମାର ଏବଂ ଅଗଷ୍ଟିନ, ମାଲକାନଗିରି ମିଶନ ଫିଲ୍ଡର ଅଧିକାରୀ ଶିବରାଜ, ମାଲକାନଗିରି ଆଇ ଏମ୍ ଏସ ଟି ଉଚ୍ଚ ବିଦ୍ୟାଳୟର ପ୍ରିନ୍ସିପାଲ ଯୀଶୁ ଦାସ, ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ କିର୍ତନୀୟା ଏବଂ ଉପାଧ୍ୟକ୍ଷା ସୁଧାମଣୀ ତାଣ୍ଡି, ଶ୍ରୀମତୀ ବନିତା ସୁନ୍ଦର ଯୋସେଫ ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଏହି କ୍ରୀଡ଼ା ପ୍ରତିଯୋଗିତାର ସଫଳତା ପଛରେ କ୍ରୀଡ଼ା ଶିକ୍ଷକ ଫିଲିମନ ହାଁସଦା, ଅଜିତ ଖୋସଲା, ମେସୋଆକ, ଅନିଲ, ସୁମିତ୍ରା ମୁର୍ମୁ ଏବଂ ପ୍ରାୟ ପଚାଶ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଅବଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ୟାରେଡ ଏବଂ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ଲୋକେ ଏହି ଉଦଯାପନୀ ଉତ୍ସବକୁ ଉପଭୋଗ କରିଥିଲେ ।

## ଭୋଟର ତାଲିକା ସଂଶୋଧନର ସ୍ୱତନ୍ତ୍ର ଅଭିଯାନ

ପୁରୀ, ୨୭/୧୧ (ନି.ପ୍ର): ୨୦୨୩ ମସିହା ପାଇଁ ନୂତନ ଓ ତୃଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କାର୍ଯ୍ୟକ୍ରମର ଅଂଶ ବିଶେଷ ସ୍ୱତନ୍ତ୍ର ଅଭିଯାନ ଦିବସ ଆଜି ଆୟୋଜିତ ହୋଇଥିଲା । ବୋର୍ଡ ଅଫ ରେଭିନ୍ୟୁର ସଚିବ ତଥା ପୁରୀ ଜିଲ୍ଲା ପାଇଁ ନିଯୁକ୍ତ ରୋଲ ଅବଜରଭର ଡଃ. ବିଜୟ କେତନ ଉପାଧ୍ୟାୟ ପୁରୀ ପୌରପାଳିକା ତଥା ପୁରୀ ସଦର ବ୍ଲକ ର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ । ବୁଥ ମାନଙ୍କରେ ବିଏଲଓ, ସୁପରଭାଇଜର ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ସହ ଡଃ. ଉପାଧ୍ୟାୟ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ନିର୍ବାଚନ ଜିତେନ୍ଦ୍ର ପାତ୍ର, ପୁରୀ ବିଡ଼ିଓ ସମ୍ବିତ କୁମାର ଶତପଥୀ, ପୁରୀ ତହସିଲଦାର କ୍ଷିରୋଦ କୁମାର ବେହେରା, ସହକାରୀ ଜିଲ୍ଲାପାଳ ରାଜବଲ୍ଲଭ ନାୟକ, ନିର୍ବାଚନ ବିଭାଗ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଜିଲ୍ଲାର ସମସ୍ତ ୧୫୯୩ ବୁଥରେ ଆଜି ସ୍ୱତନ୍ତ୍ର ଅଭିଯାନ ଦିବସ ପାଳିତ ହୋଇଥିଲା ।

## ଜିଲ୍ଲା କୋର୍ଟ ପରିସରରେ ସମ୍ବିଧାନ ଦିବସ

କେନ୍ଦ୍ରାପଡ଼ା, ୨୭/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳନ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ବିଧାନ ଦିବସରେ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବିଧାନର ଗଠନ ପ୍ରକ୍ରିୟା, ସମ୍ବିଧାନର କର୍ତବ୍ୟ ଓ ସୁସ୍ଥ ସମାଜ ଗଠନ ଉପରେ ଆଲୋକପାତ କରିଥିଲେ । ବୈଠକରେ ଉପସ୍ଥିତ ଥିବା ବିଚାରପତି ଓ ଆଇନଜୀବିମାନେ ନିଜ ନିଜର ମତପ୍ରକାଶ କରିଥିଲେ । ଶେଷରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଶ୍ରୀମତୀ ସୁମିତ୍ରା ସାହୁ ସମ୍ବିଧାନ ଗଠନରେ ଡ଼ଃ ବି.ଆର୍. ଆମ୍ବେଦକରଙ୍କର ଭୂମିକା ବିଷୟରେ ଅବିଭାଷଣ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତିନି ଦିନିଆ ପରିଦର୍ଶନ ସାରି ଫେରିଲେ ନାକ୍ ଟିମ୍

ଗଞ୍ଜାମ, ୨୭/୧୧ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶୈକ୍ଷିକ, ବୌଦ୍ଧିକ ଓ ପରିବେଶର ମାନଦଣ୍ଡ ନିର୍ଦ୍ଧାରଣ ପାଇଁ ୟୁ.ଜି.ସି.ର ୫ ଜଣିଆ ନାକ୍ ଟିମ୍ ଗତ ୨୩ ରୁ ୨୫ ତାରିଖ ତିନି ଦିନିଆ ପରିଦର୍ଶନ କରିଛନ୍ତି ।ଅନ୍ତିମ ଦିବସରେ ନାକ୍ ଟିମ୍ ବିଶ୍ୱବିଦ୍ୟାଳୟରେ କୂଳ ସଚିବଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ପରୀକ୍ଷା ନିୟନ୍ତ୍ରକ, ବିତ ନିୟନ୍ତ୍ରକଙ୍କ ସହିତ ଆଲୋଚନା କରିଛନ୍ତି । ପରେ ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ସେଂଟର, ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗ, କ୍ରୀଡ଼ା ପରିଷଦ, ନାରୀ ଶିକ୍ଷା ଗବେଷଣା କେନ୍ଦ୍ର, ଇଂଟରନାଲ୍ କମ୍ପ୍ଲେନ ସେଂଟର, ଭିନ୍ନକ୍ଷମ ସେଂଟର ଆଦି ପରିଦର୍ଶନ କରିଥିଲେ । ପରିଦର୍ଶନ ସାରି ନାକ୍ ଟିମ୍ ତିନି ଦିନର କାର୍ଯ୍ୟକ୍ରମକୁ ନେଇ କୂଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସହିତ ଆଲୋଚନା କରି ଚିଠା ପ୍ରସ୍ତୁତ କରିଥିଲେ । ଗତକାଲି ଅପରାହ୍ନରେ ନୂଆ ସମ୍ମିଳନୀ କକ୍ଷରେ ନାକ୍ ଟିମ୍ ର ସଦସ୍ୟ, କୂଳପତିଙ୍କ ସମେତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ, ଗବେଷକ, ଗବେଷିକା ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପ୍ରସ୍ତୁତ ହୋଇଥିବା ଚିଠାକୁ ଖୋଲା ଯାଇଥିଲା । ଏଥିରେ କୂଳପତି ଓ ନାକ୍ ଟିମ୍ ର ସଦସ୍ୟ ମାନେ ଦସ୍ତଖତ କରି ଉଭୟଙ୍କ ମଧ୍ୟରେ ଆଦାନପ୍ରଦାନ କରିବା ପରେ ନାକ୍ ୱେବସାଇଟରେ ଅପଲୋଡ୍ ହୋଇଥିବା ଜଣାପଡିଛି । ନାକ୍ ଟିମ୍ ର ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ କୂଳପତି ପ୍ରଫେସର ଦାଶଙ୍କ ସହିତ ଯୋଗାଯୋଗ କରାଯିବାରେ ଟିମ୍ ଗସ୍ତ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମକୁ ଦେଖି ଉଚ୍ଚ ପ୍ରଶଂସା କରିଥିବା ଜଣାପଡିଛି । ଗବେଷଣା ଓ ପ୍ରକଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନାକ୍ ଟିମ୍ ପରାମର୍ଶ ଦେଇଥିବା କୂଳପତି ପ୍ରଫେସର ଦାଶ ସୂଚନା ଦେଇଛନ୍ତି । ଏହି ଚିଠାକୁ ନାକ୍ କାର୍ଯ୍ୟାଳୟକୁ ପ୍ରଦାନ କରିବା ପରେ ମାନ୍ୟତା ମିଳିବ ବୋଲି କୂଳପତି କହିଛନ୍ତି । ମିଜୋରାମ ବିଶ୍ୱବିଦ୍ୟାଳୟର କୂଳପତି ଡଃ. କେ.ଆର.ଏସ. ଶାମ୍ବାଶିବ ରାଓଙ୍କ ନେତୃତ୍ୱରେ କର୍ଣ୍ଣାଟକ ସ୍ଥିତ ଟୁମପୁର ବିଶ୍ୱବିଦ୍ୟାଳୟର ଡିନ୍ ଡଃ. ନୂର ଆଫଜା, ଅହମ୍ମଦାବାଦ ସ୍ଥିତ ଗୁଜୁରାଟ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ କୁମାର ଶାସ୍ତ୍ରୀ, ଜାମ୍ମୁ-କାଶ୍ମିର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡିନ୍ ଡଃ. ଦେବାନନ୍ଦ ପଣ୍ଡା, କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ଜହନ୍ ମୋଲାକାଟୁ ଷ୍ଟିଫେନ୍ ନାକ୍ ର ଏହି ୫ ଜଣିଆ ଦଳରେ ସାମିଲ୍ ଥିଲେ । ପ୍ରକାଶ ଥାଉକି, ଏହା ପୂର୍ବରୁ ୨୦୧୬ ରେ ନାକ୍ ଟିମ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସି ଏ ଗ୍ରେଡ୍ ମାନ୍ୟତା ପ୍ରଦାନ କରିଥିଲେ । ଚଳିତ ବର୍ଷ ଭଲ ପ୍ରଦର୍ଶନ କରିଥିବାରୁ ତା ଠାରୁ ଭଲ ଗ୍ରେଡ୍ ପାଇବ ବୋଲି ଆଶା ରହିଥିବା କୂଳପତି କହିଛନ୍ତି ।

# ଏନ୍ ଏସ ଏସ ଆନୁକୁଲ୍ୟରେ ସମ୍ବିଧାନ ଦିବସ ପାଳନ

ଜୟପୁର , ୨୭/୧୧ (ନି.ପ୍ର): ରାଷ୍ଟ୍ରୀୟ ସେବା ଯୋଜନା ଯୋଜନା ଏନ୍ ଏସ ଏସ ଆନୁକୁଲ୍ୟରେ ସରକାରୀ ମହିଳା ମହାବିଦ୍ୟାଳୟ,ଜୟପୁର ଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ସମ୍ମିଳିତ ଭାବରେ ସମ୍ବିଧାନର ପ୍ରସ୍ଥାବନାକୁ ନେଇ ଶପଥ ପାଠ କରିଥିଲେ । ତାପରେ ସମବେତ ଛାତ୍ରୀ ମାନଙ୍କୁ ଭାରତ ସମ୍ବିଧାନର ଗଠନ ପ୍ରଣାଳୀ, ସମ୍ବିଧାନର ମହତ୍ୱ, ସ୍ୱରୂପ, ବୈଶିଷ୍ଟ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ ଭାବରେ ଆଲୋଚନା ହୋଇଥିଲା । ଆଲୋଚନା ଚକ୍ରରେ ଅଧ୍ୟକ୍ଷା ଡ ମନୋରମା ଦେବୀ ପ୍ରଥମ ବକ୍ତା ଭାବରେ ନିଜର ବକ୍ତବ୍ୟ ଅତି ଚମତ୍କାର ଭାବରେ ପ୍ରଦାନ କରିଥିଲେ ।ପରେ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ଡ ବିବେକାନନ୍ଦ ସୁନା, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ ସିଦ୍ଧାନନ୍ଦ ପ୍ରଧାନ, ଶିକ୍ଷା ବିଭାଗର ମୁଖ୍ୟ ଶ୍ରୀ ଶିବ ପ୍ରସାଦ ଜେନା, ଇତିହାସ ବିଭାଗର ମୁଖ୍ୟ ଡ କନକଲତା ମହାପାତ୍ର ନିଜ ନିଜ ବକ୍ତବ୍ୟରେ ସମ୍ବିଧାନ ର ପବିତ୍ରତା, ବିକଶିତ ଭାରତ ଗଠନରେ ସମ୍ବିଧାନର ଆବଶ୍ୟକତା ଓ ଗୁରୁତ୍ୱ ସମ୍ବନ୍ଧରେ ପ୍ରାଞ୍ଜଳ ଭାବରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ତଥା ରାଷ୍ଟ୍ରୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼ ମନୋରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ଅଂଶ ଗ୍ରହଣ କରିଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ସୀମା ମହାପାତ୍ରଙ୍କ ଆକ୍ଲାନ୍ତ ପରିଶ୍ରମ, ସୁନ୍ଦର ଯୋଜନା ଓ ପ୍ରଚେଷ୍ଟା ଯୋଗୁଁ ଏଭଳି ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିବାରୁ ଅଧ୍ୟକ୍ଷା ଡ ମନୋରମା ଦେବୀ ଭୁରି ଭୁରି ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ କି ଶ୍ରୀମତୀ ମହାପାତ୍ର ନୂତନ ଭାବେ ଜାତୀୟ ସେବା ଯୋଜନାର ଦାୟିତ୍ୱ ନେଇ ଅତ୍ୟନ୍ତ ନିଷ୍ଠାର ନିଜର କାର୍ଯ୍ୟ ତୁଲାଉଛନ୍ତି । ଶେଷରେ ଅଧ୍ୟାପିକା ଶ୍ରୀମତୀ ସୀମା ମହାପାତ୍ର ଔପଚାରିକ ଧନ୍ୟବାଦ ଅର୍ପଣ କରିଥିଲେ ।ଏ କ୍ଷେତ୍ରରେ ଅଧ୍ୟାପିକା ସୁନୀତା ପ୍ରଧାନ ଓ ଅନ୍ୟାନ୍ୟ ସହକର୍ମୀ ସହଯୋଗ କରିଥିବାରୁ ଶ୍ରୀମତୀ ମହାପାତ୍ର ବିଶେଷ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚମ୍ପୁଆରେ ସମ୍ବିଧାନ ଦିବସ ଓ ଜାତୀୟ ଆଇନ ଦିବସ ସଚେତନତା ଶିବିର ଅନୁଷ୍ଠିତ

ଚମ୍ପୁଆ, ୨୭/୧୧ (ନି.ପ୍ର): ଉପାନ୍ତ ଚମ୍ପୁଆ ଉପଖଣ୍ଡସ୍ଥ ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ସମ୍ବିଧାନ ଦିବସ ଏବଂ ଜାତୀୟ ଆଇନ ଦିବସ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବିଧାନ ହେଉଛି ଭାରତର ସର୍ବୋଚ୍ଚ ବିଧି । ଏହି ନଥିପତ୍ରଟି ଭାରତରେ ପ୍ରଶାସନର ସଂରଚନା, ଗଠନ, କାର୍ଯ୍ୟଶୈଳୀ, ନୀତିନିୟମ, ଅଧିକାର, କର୍ତବ୍ୟ ଆଦି ବିଷୟରେ ମୂଳଦୁଆ ସ୍ଥାପିତ କରିଅଛି । ଏହା ବିଶ୍ୱର ଦୀର୍ଘତମ ଲିଖିତ ସମ୍ବିଧାନ ଅଟେ । ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଭାରତର ସମ୍ବିଧାନ ସଭା ଦ୍ୱାରା ଏହି ସମ୍ବିଧାନ ଗୃହୀତ ହୋଇଥିଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ପ୍ରଣୟନ କରାଗଲା । ଭାରତର ସମ୍ବିଧାନ, ଭାରତୀୟ ପ୍ରଶାସନ ଅଧିନିୟମ ୧୯୩୫କୁ ଦେଶର ମୂଳ ପ୍ରଶାସନିକ ଅଧିନିୟମ ରୂପେ ପ୍ରତିସ୍ଥାପିତ କଲା ଏବଂ ଏହାସହିତ ଭାରତୀୟ ଅଧିରାଜ୍ୟ, ଭାରତୀୟ ଗଣରାଜ୍ୟରେ ପରିଣତ ହେଲା । ଭାରତ ଏହାର ସମ୍ବିଧାନକୁ ପ୍ରତିବର୍ଷ ଜାନୁଆରୀ ୨୬ ତାରିଖ ଦିନ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରେ । ସମ୍ବିଧାନ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ପନ୍ଥ-ନିରପେକ୍ଷ ତଥା ଗଣତାନ୍ତ୍ରିକ ସାଧାରଣତନ୍ତ୍ର ହେବ ବୋଲି ଉଦ୍ଘୋଷଣା କରିଅଛି । ତତସହିତ ଏହା ସମସ୍ତ ନାଗରିକଙ୍କୁ ନ୍ୟାୟ, ସମାନତା ଏବଂ ସ୍ୱତନ୍ତ୍ରତା ପ୍ରଦାନ କରିଅଛି ଏବଂ ତାଙ୍କ ମଧ୍ୟରେ ଭ୍ରାତୃଭାବ ସ୍ଥାପନ ଦିଗରେ ଉତ୍ସାହିତ କରୁଅଛି । ୧୯୫୦ର ମୂଳ ସମ୍ବିଧାନଟିକୁ ଏକ ହିଲିଅମ ପୂର୍ଣ୍ଣ କାଚବାକ୍ସରେ ନୂଆଦିଲ୍ଲୀଠାରେ ସୁରକ୍ଷିତ ରଖାଯାଇଅଛି । 'ପନ୍ଥ-ନିରପେକ୍ଷ' ତଥା 'ସମାଜବାଦୀ' ଶବ୍ଦ ଦୁଇଟିକୁ ୧୯୭୬ ମସିହାରେ ଆପାତକାଳ ସମୟରେ ପ୍ରସ୍ତାବନାରେ ଯୋଡାଯାଇଥିଲା । ଏହି ସଭାକୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ଶ୍ରୀ ସରୋଜ କୁମାର ଦାସ୍ ଅଧ୍ୟକ୍ଷତା କରିଥିବା ବେଳେ ସବଜଜ୍ ଡ଼ଃ. ପ୍ରଦୀପ କୁମାର ପ୍ରଧାନ, ଜେ.ଏମ୍.ଏଫ୍.ସି- ସୁଶ୍ରୀ ସାଇପ୍ରୀୟା ତ୍ରିପାଠୀ, ଚମ୍ପୁଆ ବାର ର ସଭାପତି ଶ୍ରୀ ହରେକୃଷ୍ଣ ମିଶ୍ର, ମହାବିଦ୍ୟାଳୟ ର ? ଅଧ୍ୟକ୍ଷ ଶ୍ରୀ ବିପିନ୍ ବିହାରୀ ଜେନା, ଫ୍ରଣ୍ଟ ଅଫିସ୍ ରିଟେନର୍ ଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଆଇନଜୀବି ବିଷ୍ଣୁ ଚରଣ ରାଠୋର ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ ।

# ଡିସେମ୍ବର ୨୧ ଓ ୨୨ରେ ବଲାଙ୍ଗିରଠାରେ ଗୋପାଳନ ସମ୍ମିଳନୀ ଅନୁଷ୍ଠିତ ହେବ -ସାମ୍ବାଦିକ ସମ୍ମିଳନୀରେ ସୂଚନା

ବଲାଙ୍ଗିର , ୨୭/୧୧ (ନି.ପ୍ର): ଡିସେମ୍ବର ୨୧ ଓ ୨୨ ତାରିଖରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ବଲାଙ୍ଗିର -କଳାହାଣ୍ଡି-ନୂଆପଡା ଆଂଚଳିକ ଦୁଗ୍ଧ ସଂଘର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆ ଠାରେ ୨ ଦିନିଆ 'ଗୋପାଳନ ସମ୍ମିଳନୀ - ୨୦୨୨' ଆୟୋଜିତ ହେବ । ଏ ସମ୍ପର୍କରେ ଆଜି ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ , ବଲାଙ୍ଗିର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ସବିଶେଷ ସୂଚନା ଦେଇଛନ୍ତି । ଏମିତି ଏକ ଗୋପାଳନ ସମ୍ମିଳନୀର ଆୟୋଜନ ସମଗ୍ର ରାଜ୍ୟରେ ପ୍ରଥମ । ଗୋପାଳନ କ୍ଷେତ୍ରରେ ସ୍ଥାୟୀ ଜୀବିକା ଓ ଉଦ୍ୟୋଗୀକରଣ ବିକାଶ ଦ୍ୱାରା ରୋଜଗାର ସୃଷ୍ଟି କରିବା ସହିତ ଗୋପାଳନ ନିମନ୍ତେ ପ୍ରୋତ୍ସାହନ ପାଇଁ ଏକ ନକ୍ସା ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ନିମନ୍ତେ ଆୟୋଜିତ ହେଉଥିବା ଏହି ନିଆରା ସମ୍ମିଳନୀ ଗୋପାଳନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ । ସାରା ଦେଶରୁ ବିଭିନ୍ନ ସରକାରୀ ବିଭାଗ ଓ ଜାତୀୟ ସ୍ତରୀୟ ସଂସ୍ଥା ଯଥା ଜାତୀୟ ଗୋପାଳନ ବିକାଶ ପରିଷଦ(ଏନ.ଡି.ଡି.ବି),ଜାତୀୟ ଗୋପାଳନ ଗବେଷଣା ପ୍ରତିଷ୍ଠାନ(ଏନ.ଡି.ଆର.ଆଇ) , ଭାରତୀୟ ପ୍ରାଣୀଧନ ଗବେଷଣା ପ୍ରତିଷ୍ଠାନ(ଆଇ.ଭି.ଆର.ଆଇ) , କେନ୍ଦ୍ରୀୟ ପ୍ରାଣୀଧନ ପ୍ରଜନନ ଫାର୍ମ(ସି.ସି.ବି.ଏଫ୍), ଏପିକଲ୍, ଭାରତୀୟ କୃଷି ଗବେଷଣା ପରିଷଦ(ଆଇ.ସି.ଏ.ଆର), ସି.ଡି.ଏସ୍.ଆଇ, ଜାତୀୟ ଦକ୍ଷତା ବିକାଶ ପରିଷଦ (ଏନ.ଏସ.ଡି.ସି) ଆଦି ର ପ୍ରତିନିଧି ମାନେ ଏହି ସମ୍ମିଳନୀ ରେ ଯୋଗଦେବେ । ଏହା ସହିତ ରାଜ୍ୟର ବିଭିନ୍ନ ଦୁଗ୍ଧ ସଂଘ, ଦୁଗ୍ଧ ସମବାୟ ସମିତି, ସଫଳ ଦୁଗ୍ଧ ଚାଷୀ ଙ୍କ ସହିତ ପ୍ରାୟ ୨ ହଜାର ଲୋକ ସମ୍ମିଳନୀରେ ଯୋଗ ଦେବା ନିମନ୍ତେ ପ୍ରୟାସ କରାଯାଇଛି କ୍ଷସରକାରୀ ଯୋଜନା ଏବଂ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା କିଭଳି ଗୋପାଳନର ବିକାଶ କରାଯିବ ତାହା ସମ୍ମିଳନୀରେ ଆଲୋଚନା କରାଯିବ । ଏଥି ସହିତ ଗୋପାଳନ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ସଫଳ ବ୍ୟବହାର କରିଥିବା ବିଭିନ୍ନ ସଂସ୍ଥା ମାନଙ୍କ ଦ୍ୱାରା ଏକ ପ୍ରଦର୍ଶନୀର ଆୟୋଜନ କରାଯିବ । ରାଜ୍ୟର ସଫଳ ଗୋପାଳନ ଉଦ୍ୟୋଗୀ ମାନେ ନିଜର ମୂଲ୍ୟବାନ ଅନୁଭୂତି ବାଣ୍ଟିବା ସହ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ କୁଇଜ ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହେବ । ସିଧାସଳଖ ଆଲୋଚନା ଭିତିକ ବୌଦ୍ଧିକ ପ୍ରେରଣା ପ୍ରଦାନକାରୀ କାର୍ଯ୍ୟକ୍ରମ, ସମବାୟ ପରିଚାଳନା, ସରକାରୀ ଯୋଜନା ଏବଂ ଏହି କ୍ଷେତ୍ରରେ ବିଭିନ୍ନ ପ୍ରୟାସ, ବୈଷୟିକ ଜ୍ଞାନ କୌଶଳ ର ବିକାଶ ଓ ଉଦ୍ଭାବନ ବିଷୟରେ ଜଣାଇବା ସହ ଏହି କ୍ଷେତ୍ରରେ ଉନ୍ନତ ତଥା ବିଭିନ୍ନ ଉତ୍ପାଦନ ପାଇଁ ଏକ କୁଶଳୀ ବ୍ୟବସ୍ଥା ର ବିକାଶ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀ ରେ ବଲାଙ୍ଗିର -କଳାହାଣ୍ଡି-ନୂଆପଡା ଆଂଚଳିକ ଦୁଗ୍ଧ ସଂଘର ସଭାପତି ସୀମାରାଣୀ ପଟେଲ , ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡ଼ ସନ୍ତୋଷ କୁମାର ପଣ୍ଡା , ବଲାଙ୍ଗିର -କଳାହାଣ୍ଡି-ନୂଆପଡା ଆଂଚଳିକ ଦୁଗ୍ଧ ସଂଘର ର ସାଧାରଣ ପରିଚାଳକ ଡ଼ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ତାଲୁକ ଆଇନ ସେବା ସମିତି ଜୟପାଟଣା ତରଫରୁ ସମ୍ବିଧାନ ଦିବସ ପାଳିତ

ମୁଖୀଗୁଡା, ୨୭/୧୧ (ନି.ପ୍ର): ଆଜି ଜୟପାଟଣା ଜେଏମଏଫସି କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏଥିରେ କୋର୍ଟ କର୍ମଚାରୀଙ୍କ ସମେତ ଆଇନଜିବୀ ସୌଦାମିନୀ ଦ୍ୱିବେଦି,କେଦାର ନାଥ ସାହୁ ,ଆଶିଷ କୁମାର ପଣ୍ଡା,ମହେଶ ପଣ୍ଡା, ପ୍ରମୋଦ ପଣ୍ଡା, ନିହାର ରଂଜନ ବେହେରା ,ଗଙ୍ଗାଧର ପାତ୍ର ପ୍ରମୁଖ ଯୋଗଦେଇ ଶପଥପାଠ କରିଥିଲେ ।

# ଗ୍ୟାସ ପାଇପ ଲାଇନ ଯୋଗୁ କଟୁଛି କେବୁଲ : ବିଏସଏନଏଲ ସେବା ବାଧାପ୍ରାପ୍ତ

କୋରେଇ, ୨୭/୧୧ (ନି.ପ୍ର): ଗତ କିଛି ଦିନ ହେବ ଭାରତୀୟ ସଂଚାର ନିଗମ (ବିଏସଏନଏଲ) ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଦିନ ଦିନ ଧରି ସେବା ବାଧାପ୍ରାପ୍ତ ହେବାରୁ ଗ୍ରାହକ ମନରେ ଅସନ୍ତୋଷ ଦେଖାଦେଇଛି । ବର୍ତମାନ ସମୟରେ ଦିନ ଦିନ ଧରି ବିଏସଏନଏଲ ସେବା ବାଧାପ୍ରାପ୍ତ ଯୋଗୁ ଉପଭୋକ୍ତ ମାନେ କେବଳ ଅସୁବିଧାର ସମ୍ମୁଖିନ ହେଉଛନ୍ତି ତାହା ନୁହେଁ ବହୁ ଜରୁରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏନେଇ ବିଏସଏନଏଲ ପକ୍ଷରୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ହେଲେ ଗ୍ୟାସସଂସ୍ଥା ବିଜିଆରଏଲ( ଭାରତ ଗ୍ୟାସ ରିସୋର୍ସ ଲିମିଟେଡ)ଏହାକୁ କର୍ଣ୍ଣପାତ କରୁନାହିଁ । ଫଳରେ ଗ୍ରାହକ ମାନେ ବହୁ ଅସୁବିଧା ଭୋଗୁଛନ୍ତି । ଗ୍ୟାସପାଇପ ଲାଇନ ଖୋଳିବା ପୂର୍ବରୁ ବିଏସଏନଏଲ ସହ କୌଣସି ଯୋଗାଯୋଗ କରୁନି ଗ୍ୟାସ ସଂସ୍ଥା । ଏପରି ଅପଟିକାଲ ଫାଇବର ଲାଇନ କଟିଯିବାରୁ ଯାଜପୁରରୋଡ ଓ ପାଣିକୋଇଲି ଅଂଚଳରେ ଗ୍ରାହକ ସେବା ବାଧାପ୍ରାପ୍ତ ହେଉଛି । ବିଏସଏନଏଲ ପକ୍ଷରୁ କୁହାଗଲେ ମଧ୍ୟ ଶୁଣିନି ଗ୍ୟାସ ସଂସ୍ଥା, ଫଳରେ ବାଧ୍ୟ ହୋଇ ବିଏନଏନଏଲ ଯାଜପୁରରୋଡ ସବ ଡିଭିଜନାଲ ଅଫିସର ପାଣିକୋଇଲି ଥାନାରେ ଗ୍ୟାସ ପାଇପ ଲାଇନ ସଂସ୍ଥା ନାମେର ଲିଖିତ ଅଭିଯୋଗ କରିଛି । ଏଥି ସହିତ ଏନେଇ ୫ଟି ସଚିବଙ୍କୁ ପତ୍ର ଲେଖିଛି । ଗ୍ୟାସ ପାଇପ ଲାଇନ ଠିକା ସଂସ୍ଥା ବାରମ୍ବାର ବିଏସଏନଏଲ ମୋବାଇଲ କେବୁଲ କାଟୁଥିବାରୁ ଘନ ଘନ ଟାୱାର ଫେଲ ହେଉଛି ।

# ଓଡ଼ିଶାର ଅନୁପମ ବୌଦ୍ଧ ପର୍ଯ୍ୟଟନ



ଏବେ ପର୍ଯ୍ୟଟନ ଋତୁ । କୋଭିଡ୍ କଟକଣା ପାଇଁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ, ଐତିହ୍ୟପୀଠ ଓ କୀର୍ତ୍ତିସ୍ଥଳରେ ରହିଥିବା କଟକଟାଗୁଡ଼ିକୁ ହଟାଇ ନେବା ପରେ ଏହା ପର୍ଯ୍ୟଟକମାନଙ୍କ ପାଇଁ ଖୋଲି ଦିଆଯାଇଛି । ରାଜ୍ୟର ପ୍ରମୁଖ ଐତିହ୍ୟପୀଠ ତଥା ଦେଶ ବିଦେଶରେ ଖ୍ୟାଦି ଅର୍ଜନ କରିଥିବା ହୀରକ ତ୍ରିଭୁଜ ବଳୟ ଅନ୍ତର୍ଗତ ବୌଦ୍ଧ ପର୍ଯ୍ୟଟନକ୍ଷେତ୍ର ମଧ୍ୟରୁ ଯାଜପୁର ଜିଲ୍ଲାର ରତ୍ନଗିରି ଓ ଉଦୟଗିରି ଏବଂ କଟକ ଜିଲ୍ଲାର ଲଳିତଗିରିର ରହିଛି ବିଶେଷ ପରିଚିତି । ତେବେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତବର୍ଷରେ ଥିବା ବୌଦ୍ଧପୀଠ ମଧ୍ୟରୁ ଏହି ବୌଦ୍ଧପୀଠଗୁଡ଼ିକର ରହିଛି ବିଶେଷ ସ୍ୱତନ୍ତ୍ରତା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକ ସବୁବେଳେ ଦେଶ ବିଦେଶର ପର୍ଯ୍ୟଟକ, ଗବେଷକ, ଐତିହାସିକ ଏବଂ ସାଧାରଣ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ଅତୀତରେ ରାଜ୍ୟ ସରକାର ବୌଦ୍ଧପୀଠ ଉଦୟଗୁରିଠାରେ ଆନ୍ତର୍ଜାତିକ ବୌଦ୍ଧଧର୍ମ ପର୍ଯ୍ୟଟନ ସମାରୋହ କରି ଏହାର ଗୁରୁତ୍ୱ ବୃଦ୍ଧି କରିଥିଲାବେଳେ କେଇବର୍ଷ ହେଲା ଏହା ବନ୍ଦ ହୋଇଯାଇଛି । ଭାରତବର୍ଷର ବୋଧଗୟା, ସାରନାଥ, ନାଳନ୍ଦାଠାରୁ କୌଣସି ଗୁଣରେ କମ୍ ନଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକର ଉପଯୁକ୍ତ ବିକାଶ କରାଇଲେ । ଏହା ରାଜ୍ୟ ପର୍ଯ୍ୟଟନ ବିଭବକୁ ଅଧିକ ଋଦ୍ଧିମନ୍ତ କରାଇପାରନ୍ତା ।

## ।। ଉଦୟଗିରି ।।


ବିରୂପା-କେଲୁଅ ନଦୀ ଉପତ୍ୟକା ଉପକଣ୍ଠରେ ଗଢ଼ି ଉଠିଥିବା ଏହି ବିଶିଷ୍ଟ ବୌଦ୍ଧବିହାର ବଡ଼ଚଣା ବ୍ଲକର ଉଦୟଗିରିଠାରେ ଅବସ୍ଥିତ । ବଅଡ଼ିହ-ଷୋଳପିଅମା'-ଉଦୟଗିରି ପାହାଡ଼ର ପରିବେଷ୍ଟନୀ ଭିତରେ ଏବଂ ଅପୂର୍ବ ପ୍ରାକୃତିକ ପରିବେଶରେ ଗଢ଼ି ଉଠିଥିବା ଏହି ସୁମହାନ ବୌଦ୍ଧପୀଠ ଭାରତବର୍ଷର ଏକ ଅଦ୍ୱିତୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ମଧ୍ୟ ପରିଚିତ । ଉଦୟଗିରିଠାରେ ରହିଛି ବୌଦ୍ଧ ବଜ୍ରଯାନ ଯୁଗର ପ୍ରାଚୀନ ଦ୍ୱିତଳ ବୌଦ୍ଧବିହାର, ଯାହାକି ପଞ୍ଚରଥ ଶୈଳୀରେ ନିର୍ମିତ । ଉଦୟଗିରିର ଉତ୍‌ଖନନରୁ ଆବିଷ୍କୃତ ହୋଇଛି ପ୍ରାଚୀନ ମାଧବପୁର ବୌଦ୍ଧମହାବିହାର ଓ ଏକ ବିଶାଳ ମହାସ୍ତୁପ । ଖ୍ରୀଷ୍ଟୀୟ ଅଷ୍ଟମ-ନବମ ଶତାବ୍ଦୀରେ ନିର୍ମିତ ଏହି ବିହାରଠାରୁ ଅଳ୍ପ ଦୂରରେ ଏକ ବିରଳତମ ଚୈତ୍ୟଗୃହ କମ୍ପ୍ଲେକ୍ସ ଓ ଦ୍ୱିତଳ ସିଂହପ୍ରସ୍ଥ ମହାବିହାର ମଧ୍ୟ ମାଟିତଳୁ ବାହାରିଛି । ଉଦୟଗିରିଠାରେ ବୌଦ୍ଧମହାବିହାର ସମେତ ଏକ ପ୍ରସ୍ତରକଟା ବିଶାଳ କୂପ, ମହାକାଳ ମନ୍ଦିର, ବୃହତ ରୋଷଶାଳା (କିଚେନ୍ କଂପ୍ଲେକ୍ସ) ସମେତ ଶତାଧିକ ବୌଦ୍ଧ ବିଗ୍ରହ ଆବିଷ୍କୃତ ହୋଇଛି । ଉଦୟଗିରିରୁ ଜଟାମୁକୁଟ ଲୋକେଶ୍ୱର, ଅମିତାଭ, ଆକ୍‌ସୌଭ୍ୟ, ମଂଜୁଶ୍ରୀ, ରତ୍ନସମ୍ଭବ, ପଦ୍ମପାଣି, ଅବଲୋକିତେଶ୍ୱର, ଜମ୍ଭାଳ, ଅପରାଜିତା, ହାରିତି ଇତ୍ୟାଦି ବୌଦ୍ଧମୂର୍ତ୍ତି ଉତ୍‌ମୂର୍ତ୍ତି ଉତ୍‌ଖତିତ ହୋଇଛି । ସେହିଭଳି ଏଠାରୁ ଖନନ ସମୟରେ ବହୁ ପ୍ରାଚୀନ ଶିଳାଲେଖ, ଅଳଙ୍କୃତ ସ୍ତମ୍ଭ, ଭୋଟିପ୍ (ଅର୍ଘ୍ୟ) ସ୍ତୁପ, ଚତୁର୍ଭୁଜାକାର ବିହାର, ସ୍ଥାପତ୍ୟ ଓ କଳା ଖୋଦିତ ବିଗ୍ରହ, ସିଲମୋହର, ସୁରେଇ, ଚିଲମ, ମାଟିନଳୀ, ପୋଡ଼ାମାଟିର ନଳୀ, ବିଭିନ୍ନ ପ୍ରକାର କୁଟକାମଯୁକ୍ତ ଟାପୁଆ ଇଟା ଆବିଷ୍କୃତ ହୋଇଛି ।




## ।। ରତ୍ନଗିରି ।।



ରାଜ୍ୟର ଏକ ସୁବିଖ୍ୟାତ ବୌଦ୍ଧପୀଠର ମାନ୍ୟତା ଲାଭ କରିଥିବା ରତ୍ନଗିରି ବୌଦ୍ଧ ମହାବିହାରର କଳାକୀର୍ତ୍ତି ଓ ଐତିହ୍ୟ ଏକ ବୌଦ୍ଧସ୍ମରଣୀୟ କୃତି । ବରି ବ୍ଲକ ଅନ୍ତର୍ଗତ ଏହି ରତ୍ନଗିରିଠାରେ ରହିଛି ଏକ ପ୍ରାଚୀନ ବୌଦ୍ଧଯୁଗୀୟ ବିଶ୍ୱବିଦ୍ୟାଳୟ, ବହୁ ପୁରାତନ ବୌଦ୍ଧମହାବିହାର, ଇଟା ନିର୍ମିତ ଏକ ବିଶାଳ ମହାସ୍ତୁପ, ମହାକାଳଙ୍କ ପବିତ୍ର ମନ୍ଦିର । ରତ୍ନଗିରି ଏକଦା ବୌଦ୍ଧ କାଳଚକ୍ରଯାନ ଓ ଯୋଗାଚାର ବିଜ୍ଞାନବାଦର ଏକ ମହିମାମଣ୍ଡିତ ପୀଠ ଭାବରେ ମଧ୍ୟଯୁଗୀୟ ସମୟରେ ସୁପରିଚିତ ଥିଲା । ବିଶ୍ୱର ବିଭିନ୍ନ ସ୍ଥାନରୁ ଆସୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁଞ୍ଚ ରତ୍ନଗିରି ବୌଦ୍ଧମହାବିହାର ଥିଲା ପୁରାତନ ଭାରତବର୍ଷର ଏକ ପ୍ରାଚୀନତମ ବୌଦ୍ଧ ଶିକ୍ଷାକେନ୍ଦ୍ର । ଗୁପ୍ତ ସମ୍ରାଟ ନରସିଂହ ଗୁପ୍ତ ବାଳାଦିତ୍ୟ ଏହି ବିଖ୍ୟାତ ବୌଦ୍ଧପୀଠରେ ବୌଦ୍ଧଶ୍ରମଣ ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସୁବିଶାଳ ବୌଦ୍ଧ ମହାବିହାର ଓ ସଂଘାରାମ ନିର୍ମାଣ କରିଥିଲେ ।



୧୯୦୩ ମସିହାରେ ଯାଜପୁରର ତତ୍‌କାଳୀନ ଏସ୍.ଡି.ଓ. ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ରତ୍ନଗିରି ବୌଦ୍ଧପୀଠର ପ୍ରାରମ୍ଭିକ ସର୍ବେକ୍ଷଣ କରାଯାଇଥିଲା ଓ ୧୯୫୮ ମସିହାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ.) ଏହାର ପ୍ରଥମ ଉତ୍‌ଖନନ ଆରମ୍ଭ କରିଥିଲେ ଡକ୍ଟର ଦେବଳା ମିତ୍ର ନାମକ ଜଣେ ମହିଳା ପ୍ରତ୍ନତତ୍ତ୍ୱବିତ୍ । ରତ୍ନଗିରି ପ୍ରତ୍ନ ଉତ୍‌ଖନନରୁ ବିପୁଳ ପରିମାଣର ପ୍ରାଚୀନ ବୌଦ୍ଧକୀର୍ତ୍ତିରାଜି ସମେତ ବିଭିନ୍ନ ମୁଦ୍ରାରେ ଆସୀନ ମନୋଜ୍ଞ ବୌଦ୍ଧବିଗ୍ରହ ବୋଧିସତ୍ତ୍ୱ, ତାରା, ହାରିତି, ବସୁଧାରା, ପ୍ରଜ୍ଞାପାରମିତା, ମଂଜୁଶ୍ରୀ, ମହାକାଳ, ହେରୁକ, ପଦ୍ମପାଣି ବୁଦ୍ଧ ଓ ଅପରାଜିତାଙ୍କ ଶହ ଶହ ପ୍ରତିମା ଆବିଷ୍କୃତ ହୋଇଛି । ରତ୍ନଗିରିଠାରେ ଥିବା ମନୋରମ ସଂଗ୍ରହାଳୟରେ ଏହି କଳାଭାସ୍କର୍ଯ୍ୟଗୁଡ଼ିକ ସ୍ଥାନ ପାଇଛି ।





## ।। ଲଳିତଗିରି ।।

କଟକ ଜିଲ୍ଲାରେ ବିରୂପା-ଚିତ୍ରୋତ୍ପଳା ନଦୀ ଉପତ୍ୟକାର ପୂର୍ବଘାଟ ପର୍ବତମାଳାର ଅସିହା ପର୍ବତଶ୍ରେଣୀର ନଣ୍ଡାପାହାଡ଼, ପାରାଭାଡ଼ି ଓ ଓଳାଶୁଣି ପାହାଡ଼ ମଧ୍ୟରେ ଲଳିତଗିରିର ଅବସ୍ଥିତି ସ୍ୱତନ୍ତ୍ର । ଲଳିତଗିରିର ପୁରାତାତ୍ତ୍ୱିକ ଅବଶେଷକୁ ୧୮୬୯ ମସିହାରେ ପ୍ରଥମେ ଲୋକଲୋଚନକୁ ଆଣିଥିଲେ ଚନ୍ଦ୍ରଶେଖର ବାନାର୍ଜୀ । ୧୯୨୭-୨୮ରେ ରାମପ୍ରସାଦ ଚାନ୍ଦ ଏହି ବୌଦ୍ଧପୀଠର ପ୍ରଲେଖିକରଣ କରାଇଥିଲେ । ଏହି ପ୍ରମୁଖ ପୀଠର ପ୍ରତ୍ନତାତ୍ତ୍ୱିକ ମହତ୍ତ୍ୱ ଥିବା ଯୋଗୁଁ ୧୯୩୭ ମସିହାରେ ଏହାକୁ ରାଷ୍ଟ୍ରୀୟ ମହତ୍ତ୍ୱପୂର୍ଣ୍ଣ ସ୍ମାରକ ଭାବେ ଘୋଷଣା କରାଯାଇଥିଲା । ୧୯୭୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ତତ୍‌କାଳୀନ ଲଳିତଗିରିର ପ୍ରଥମ ପ୍ରାରମ୍ଭିକ ଖନନ କରାଯାଇଥିଲେ ମଧ୍ୟ ୧୯୮୫ ମସିହାରୁ ୧୯୯୧ ମସିହାଯାଏ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ (ଏ.ଏସ୍.ଆଇ.)ର ଭୁବନେଶ୍ୱର ମଣ୍ଡଳ ଏହି ପୀଠର ବ୍ୟାପକ ଓ ପୂର୍ଣ୍ଣାଙ୍ଗ ପ୍ରତ୍ନଖନନ କରିଥିଲେ । ଏହି ଉତ୍‌ଖନନରୁ ଏକ ବିଶାଳସ୍ତୁପର ଅବଶେଷ ମିଳିଥିଲା । ଏହି ସ୍ତୁପ ମଧ୍ୟରେ ଖଣ୍ଡୋଲାଇଟ ପଥରରେ ନିର୍ମିତ ତିନୋଟି ଅସ୍ଥି ଅବଶେଷର ଫରୁଆ (ରେଲିକ୍ସ କାସକେଟ୍) ମିଳିଥିଲା । ତିନୋଟି ଫରୁଆ ମଧ୍ୟରୁ ଗୋଟିଏ ଖାଲି ଥିଲାବେଳେ ଦୁଇଟି ଭିତରେ ଖଡ଼ିପଥର, ତା' ଭିତରେ ରୂପା ଓ ତା' ମଧ୍ୟରେ ସ୍ୱର୍ଣ୍ଣ ଲଘୁ ଫରୁଆର ସେଟ୍ ମିଳିଥିଲା ।ଉଭୟ ସ୍ୱର୍ଣ୍ଣ ଫରୁଆ ଭିତରେ ଦଗ୍ଧ ଅସ୍ଥି ଖଣ୍ଡରୂପରେ ଧାତୁ ଅଥବା ପୁରାବଶେଷ ମିଳିଥିଲା । ଲଳିତଗିରି ପୀଠ ଖନନରୁ ଚାରୋଟି ବୌଦ୍ଧବିହାରର ଅବଶେଷ ଆବିଷ୍କୃତ ହୋଇଛି । ଲଳିତଗିରିରେ 'ଶ୍ରୀ ଚନ୍ଦ୍ରାଦିତ୍ୟ ବିହାର ସମଗ୍ର ଆର୍ଯ୍ୟ ଭିକ୍ଷୁ ସଂଘ' ଲେଖା ହୋଇଥିବା ଏକ ମୃଣ୍ମୟ ମୁଦ୍ରାଛାପ (ସିଲ୍‌ମୋହର) ମିଳିଥିଲା, ଯାହାକି ଖ୍ରୀଷ୍ଟାବ୍ଦ ୯ମ-୧୦ମ ଶତାବ୍ଦୀର ବୋଲି ପ୍ରମାଣ ମିଳୁଛି । ଲଳିତଗିରିଠାରେ ୧୦ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଛି ।





# କ୍ୱିନୋଆ ପଲାଓ



**ସାମଗ୍ରୀ:**

ଏକ କପ୍ କ୍ୱିନୋଆ, ୨ ଚାମଚ ଘିଅ ବା ତେଲ, ୧ ଚାମଚ କଟା ପିଆଜ, ଏକ ଚାମଚ କଟା କଞ୍ଚା ଲଙ୍କା, ଅଧା ଚାମଚ ଅଦା-ରସୁଣ ପେଷ୍ଟ, ୧/୪ କପ୍ କା ଗାଜର, ୧/୪ ସବୁଜ ମଟର, ୨/୩ଟି କଟା ବିନ୍ସ, ଗୋଟିଏ ଛୋଟ କଟା ଟମାଟୋ, ୧୦/୧୨ଟି ପୋଦିନା ପତ୍ର, ୩/୪ ଚାମଚ ଗରମ ମସଲା, ୧/୪ ଚାମଚ ଲାଲ୍ ଲଙ୍କା ଗୁଣ୍ଡ ଓ ୨ କପ୍ ପାଣି ।

**ପ୍ରଣାଳୀ:**

- ପ୍ରଥମେ କ୍ୱିନୋଆକୁ ଏକ ପାତ୍ରରେ ନେଇ ୩/୪ କପ୍ ପାଣି ଦେଇ ଭଲ ଭାବେ ଧୋଇ ଦିଅନ୍ତୁ ।
- ପରେ ଏଥିରେ ଥିବା ସମସ୍ତ ପାଣିକୁ ନିଗାଡ଼ି ନିଅନ୍ତୁ ।
- ଏବେ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ କଟା ପିଆଜକୁ ପକାଇ ସୁନେଲୀ ହେବା ଯାଏ ଭାଜନ୍ତୁ ।
- ଭଜା ପିଆଜରେ ଅଦା-ରସୁଣ ପେଷ୍ଟ ପକାଇ ହଳଦୀ ଗୁଣ୍ଡ, ଲାଲ୍ ଲଙ୍କା ଗୁଣ୍ଡ ଓ ଗରମ ମସଲା ପକାନ୍ତୁ ।
- ଏବେ କଟା ହୋଇଥିବା ପରିବାକୁ ଭଜା ମସଲାରେ ପକାନ୍ତୁ । ଭଲ ଭାବେ ମିଶାଇ ୨ ମିନିଟ୍ ପାଇଁ ଢାଙ୍କୁଣୀ ଢାଙ୍କି ଦିଅନ୍ତୁ । ଗ୍ୟାସ୍‌କୁ ସାମାନ୍ୟ ସିମ୍ କରି ଦିଅନ୍ତୁ ।
- ସାମାନ୍ୟ ଫୁଟିବା ପରେ ସେଥିରେ କ୍ୱିନୋଆକୁ ପକାଇ ଢାଙ୍କି ଦିଅନ୍ତୁ । ସେଥିରେ ଥିବା ପାଣି ଭଲରେ ଶୁଖିବା ଯାଏ ଛାଡ଼ି ଦିଅନ୍ତୁ ।
- ପାଣି ଭଲ ଭାବେ ଶୁଖିବା ପରେ କ୍ୱିନୋଆଗୁଡ଼ିକ ଫୁଲି ଫୁଲି ଯିବ । ଏବେ ଏହାକୁ ପରିବେଷଣ କରିବା ସମୟରେ ଲେମ୍ବୁ ରସ ପକାଇବାକୁ ଭୁଲନ୍ତୁ ନାହିଁ ।

# ଯୁବପିଢ଼ିଙ୍କ ପସନ୍ଦ ଷ୍ଟାଇଲିସ୍ ସ୍ଲିଙ୍ଗ୍ ବ୍ୟାଗ୍

ଯୁବବର୍ଗର ଲୋକମାନେ ଆଜିକାଲି ଅଧିକାଂଶ ସମୟରେ ବାହାରକୁ ବିଭିନ୍ନ କାର୍ଯ୍ୟରେ ଯାଉଛନ୍ତି । ଅଫିସକୁ ଯିବା ସହିତ ବାହାରକୁ ଯାତ୍ରା କରୁଛନ୍ତି । ଏଥିପାଇଁ ସାଥୀରେ ଅନେକ କିଛି ଆବଶ୍ୟକ କାଗଜପତ୍ର, ମୋବାଇଲ ଫୋନ, ଟଙ୍କା ପଇସା ଆଦି ନେବାକୁ ପଡୁଛି । ମହିଳାମାନଙ୍କୁ ମଧ୍ୟ ଏସବୁ ଆବଶ୍ୟକ ସାମଗ୍ରୀ ସହିତ ପ୍ରସାଧାନ ସାମଗ୍ରୀ ବାହାରକୁ ଯିବା ସମୟରେ ନେବାକୁ ହେଉଛି । ଏହାକୁ ଦୃଷ୍ଟିରେ ରଖି ବଜାରରେ ବିଭିନ୍ନ ପ୍ରକାର ବ୍ୟାଗ୍ ଆସିଯାଇଛି । ବିଶେଷକରି ଟ୍ରାଭେଲ୍ ସାମଗ୍ରୀ ପ୍ରଦାନ କରୁଥିବା କମ୍ପାନୀ ଗୁଡ଼ିକ ଏସବୁ ବ୍ୟାଗ୍ ବଜାରରେ ବିକ୍ରି କରୁଛନ୍ତି । ଏହି ବ୍ୟାଗ୍‌ଗୁଡ଼ିକୁ ମୁଖ୍ୟତଃ ସ୍ଲିଙ୍ଗ୍ ବ୍ୟାଗ୍ କୁହାଯାଉଛି । ବିଶେଷକରି ଆଇଟି କ୍ଷେତ୍ରରେ ଏବଂ ଭଲ ଭଲ କର୍ପୋରେଟ୍ କାର୍ଯ୍ୟାଳୟରେ ଚାକିରି କରୁଥିବା ଯୁବକ ଓ ଯୁବତୀମାନେ ଏହି ବ୍ୟାଗ୍ ଅଧିକ ମାତ୍ରାରେ କିଣୁଛନ୍ତି । କେବଳ ଆବଶ୍ୟକତା ପୂରଣ ନୁହେଁ, ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି ଜଣାଇବା ପାଇଁ ଗ୍ରାହକମାନେ ଏହି ଷ୍ଟାଇଲିସ୍ ବ୍ୟାଗ୍ କିଣୁଛନ୍ତି ।

**ମେସେଞ୍ଜର ବ୍ୟାଗ୍:** ମେସେଞ୍ଜର ବ୍ୟାଗ୍‌ଟି ସ୍ଲିଙ୍ଗ୍ ବ୍ୟାଗ ତୁଳନାରେ ଟିକେ ବଡ଼ ରହୁଛି । ଏଥିରେ ସ୍ଲିଙ୍ଗ୍ ବ୍ୟାଗରେ ନିଆଯାଇ ପାରୁଥିବା ଦରକାରୀ ସାମଗ୍ରୀ ସମେତ ଆଉ କିଛି ଅଧିକ ଏବଂ ବଡ଼ ଆକୃତିର ଜିନିଷପତ୍ର ନେବାଆଣିବା କରିହେଉଛି । ଯଥା ସରକାରୀ କାଗଜପତ୍ର, ମିନି ଲାପଟପ୍ ଏବଂ ଆଇପ୍ୟାଡ୍ ଆଦି ନିଆଯାଇ ପାରୁଛି ।

**ଭଲିକି ଭଲି ଡିଜାଇନ୍:** ସ୍ଲିଙ୍ଗ୍ ବ୍ୟାଗଗୁଡ଼ିକ ବିଭିନ୍ନ ଡିଜାଇନରେ ପ୍ରସ୍ତୁତ ହୋଇଛି । ପୁରୁଷମାନେ ଗାଡ଼ି ଚଳାଇବା କିମ୍ବା ଯିବାଆସିବା ସମୟରେ ହାତରେ ଧରି ପାରୁଛନ୍ତି କିମ୍ବା କାନ୍ଧରେ ପକାଇ ପାରୁଛନ୍ତି । କାନ୍ଧରେ ପକାଇବା ପରେ ବ୍ୟାଗ୍‌ଟି ସାଧାରଣତଃ ଅଣ୍ଟା ପାଖରେ ଝୁଲି ରହୁଛି । ଫଳରେ ଏଥିରେ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ନେବା ସହଜ ହେଉଛି । ବିଭିନ୍ନ ରଙ୍ଗରେ ଏହି ବ୍ୟାଗ୍‌ଗୁଡ଼ିକ ଆସୁଛି । ଯୁବକମାନେ ହାଲୁକା ରଙ୍ଗର ସ୍ଲିଙ୍ଗ୍ ବ୍ୟାଗ ପସନ୍ଦ କରୁଥିବାବେଳେ ମହିଳାମାନେ ଟିକେ ରଙ୍ଗିନ ବ୍ୟାଗ୍ ନେବାକୁ ପସନ୍ଦ କରୁଛନ୍ତି ବୋଲି ରାଜଧାନୀର ଗୋଟିଏ ପ୍ରମୁଖ ସୋରୁମ୍‌ର ସ୍ୱତ୍ୱାଧିକାରୀ କହିଛନ୍ତି । ସେହିଭଳି ବିଭିନ୍ନ ମ୍ୟାଟେରିଆଲ୍‌ରେ ଏହି ବ୍ୟାଗଗୁଡ଼ିକ ଆସୁଛି । କରୋନା ପାଇଁ ଏହି ବ୍ୟବସାୟୀ କିଛିଟା ପ୍ରଭାବିତ ହୋଇଛି । ସ୍କୁଲ କଲେଜ ଦୀର୍ଘଦିନ ଧରି ବନ୍ଦ ରହିବା ସହିତ କମ୍‌ସଂଖ୍ୟକ କର୍ମଚାରୀଙ୍କୁ ନେଇ ଅଫିସ ଚାଲିବା ଯୋଗୁ ଏହାର ଚାହିଦା କମିଯାଇଥିଲା ।



**ଦାମ୍ ଓ ବ୍ରାଣ୍ଡ:** ବ୍ରାଣ୍ଡେଡ୍ କମ୍ପାନୀ ଗୁଡ଼ିକ ଏକ୍ଷେତ୍ରରେ ପ୍ରବେଶ କରିଛନ୍ତି । ସେମାନଙ୍କ ମଧ୍ୟରେ ୱାଇଲଡକ୍ରାଫ୍ଟ, ଫାଷ୍ଟଟ୍ରାକ୍, ଲାଭି, ଭିଆଇପି, ଆମେରିକାନ୍ ଟୁରିଷ୍ଟର, ସାମସୋନାଇଟ ଏବଂ ସଫାରି ଆଦି କମ୍ପାନି ରହିଛନ୍ତି । ଏକ୍ସକ୍ଲୁସିଭ ସୋ' ରୁମ୍ ସମେତ ମଲ୍ଟି ବ୍ରାଣ୍ଡ ସୋରୁମ୍‌ରେ ଏହି ବ୍ୟାଗ୍ ଉପଲବ୍ଧ ହେଉଛି । ୱାଇଲ୍ଡକ୍ରାଫ୍ଟ ସୋରୁମ୍‌ରେ ଏହି ଦୁଇ ପ୍ରକାର ବ୍ୟାଗ୍ ମଧ୍ୟରୁ ସ୍ଲିଙ୍ଗ୍ ବ୍ୟାଗର ଦାମ୍ ୪୦୦ ଟଙ୍କାରୁ ଆରମ୍ଭ ହୋଇ ୧୦୯୯ ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିଭଳି ମେସେଞ୍ଜର ବ୍ୟାଗ୍‌ଗୁଡ଼ିକର ଦାମ୍ ୮୫୦ ଟଙ୍କାରୁ ଆରମ୍ଭ ହୋଇ ୧୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ନଭେମ୍ବର ୨୦୨୨, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଆପୋଷ ଆଲୋଚନା ଆବଶ୍ୟକ...

ନଭେମ୍ବର ୨୨ ତାରିଖଠାରୁ ପୁଣିଥରେ ଅଶାନ୍ତ ହୋଇ ଉଠିଛି ଦେଶର ଉତ୍ତରପୂର୍ବ ଭାଗରେ ଅବସ୍ଥିତ ଦୁଇ ରାଜ୍ୟ ଆସାମ ଓ ମେଘାଳୟ- ସେମାନଙ୍କ ମଧ୍ୟରେ ଥିବା ସୀମା ବିବାଦକୁ ନେଇ । ଏହି ଦିନ ଦୁଇ ରାଜ୍ୟର ସୀମାରେ ହୋଇଥିବା ଏକ ଗୁଳିମାଡ଼ ଘଟଣାରେ ମେଘାଳୟ ରାଜ୍ୟର ପାଞ୍ଚଜଣ ଗ୍ରାମବାସୀ ନିହତ ହୋଇଥିବା ବେଳେ ଆସାମର ଜଣେ ଫରେଷ୍ଟ ଗାର୍ଡଙ୍କ ପ୍ରାଣହାନି ଘଟିଛି ଏବଂ ଆଉ ଦୁଇଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି । ଏଭଳି ଦୁର୍ଭାଗ୍ୟଜନକ ଘଟଣାରୁ ଯେଉଁ ଏକମାତ୍ର ସକାରାତ୍ମକ କଥାଟି ପଦାକୁ ଆସିବା ଭଳି ମନେହୁଏ, ତାହା ହେଉଛି, ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ କୌଣସି ପ୍ରକାରର ସଂକୀର୍ଣ୍ଣ ରାଜନୀତିକ ବା ସାମ୍ପ୍ରଦାୟିକ ବୟାନବାଜିର ଆଶ୍ରୟ ନେଇ ନାହାନ୍ତି, ଯଦ୍ୱାରା ଅଶାନ୍ତି ବଢ଼ିବାର ସୁଯୋଗ ପାଇଥାନ୍ତା । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ତାଙ୍କର ମେଘାଳୟ ପ୍ରତିପକ୍ଷ କନ୍‌ରାଡ୍ ସାଙ୍ଗ୍ ଟେଲିଫୋନ୍ ଯୋଗେ ପରସ୍ପର ସହିତ ବାର୍ତ୍ତାଳାପ କରିଛନ୍ତି ଏବଂ ତା'ପରେ ଗଣମାଧ୍ୟମକୁ ଭାରସାମ୍ୟ ରକ୍ଷା କରି ବାର୍ତ୍ତା ପ୍ରଦାନ କରିଛନ୍ତି । ଆସାମ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ କରିବା ନିମନ୍ତେ ଏକ କମିଟି ନିଯୁକ୍ତ କରିବାକୁ ଚାହିଁଥିବା ବେଳେ ମେଘାଳୟ ମୁଖ୍ୟମନ୍ତ୍ରୀ ସିବିଆଇ ବା ଏନ୍?ଆଇଏ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି, ଅର୍ଥାତ୍ ଘଟଣାରେ କେନ୍ଦ୍ରର ହସ୍ତକ୍ଷେପ ଲୋଡ଼ିଛନ୍ତି । ଦୁଇ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ମଧ୍ୟରେ ଏହା ହିଁ ପାର୍ଥକ୍ୟ ଥିବା ଭଳି ମନେହୁଏ । ଅପର ପକ୍ଷରେ, ଶ୍ରୀଯୁକ୍ତ ସାଇମା କାଠ ଚୋରା ବେପାରୀ ଏବଂ ଅସାମାଜିକ ତତ୍ତ୍ୱମାନଙ୍କ ଉପରେ ଦୋଷ ଲଦିଛନ୍ତି, ଯେଉଁମାନେ ତାଙ୍କ ରାଜ୍ୟରେ ପ୍ରବେଶ କରିବା ସହିତ ଆସାମର ପଶ୍ଚିମ କର୍ବି ଆଙ୍ଗ୍‌ଲଙ୍ଗ୍ ଜିଲ୍ଲା ଏବଂ ମେଘାଳୟର ସୂତ୍ରପାତ କରାଇଥିବା କହିଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ଅବସ୍ଥିତ ମେଘାଳୟର କେତେକ ଗ୍ରାମରେ ଘଟଣାଟି ଆବେଗିକ କ୍ରୋଧ ସୃଷ୍ଟି କରିଛି । ଆଉ ସମ୍ଭବତଃ ଏହି କାରଣରୁ ଆସାମ ଆଗକୁ ଆସି ନଥିଲେ ସୁଦ୍ଧା ମେଘାଳୟର ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍‌ରେ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ଆସାମର ପଡ଼ୋଶୀ ରାଜ୍ୟ- ଅରୁଣାଚଳ ପ୍ରଦେଶ, ନାଗାଲ୍ୟାଣ୍ଡ, ମେଘାଳୟ ଏବଂ ମିଜୋରାମ ସହିତ ସୀମା ପରେ । ଆସାମ-ମେଘାଳୟ ସୀମା ବିବାଦ ପଚାଶ ବର୍ଷ ହେବ ଚାଲି ଆସିଛି । ୧୯୭୦ରେ ପ୍ରଥମେ ମେଘାଳୟକୁ ଆସାମରୁ ଏକ ସ୍ୱୟଂଶାସିତ ଅଞ୍ଚଳ ଭାବରେ ଅଲଗା କରାଗଲା ଏବଂ ପରେ ୧୯୭୨ରେ ଏହା ଏକ ପୂର୍ଣ୍ଣାଙ୍ଗ ରାଜ୍ୟର ରୂପ ନେଲା । ଉଭୟ ରାଜ୍ୟଙ୍କ ମଧ୍ୟରେ ସୀମାର ଦୀର୍ଘତା ହେଉଛି ୮୮୪.୯ କିଲୋମିଟର । ତେବେ ମେଘାଳୟ ଏହାର ରାଜ୍ୟ ଗଠନ ପାଇଁ ପଥ ପରିଷ୍କାର କରିଥିବା ଆଇନର ବ୍ୟବସ୍ଥାଗୁଡ଼ିକୁ ସେବେଠାରୁ ବିରୋଧ କରି ଆସୁଛି । ଏହି କାରଣରୁ ଉଭୟ ରାଜ୍ୟଙ୍କ ମଧ୍ୟରେ ରାଜନୀତିକ ଦ୍ୱନ୍ଦ୍ୱ ଲାଗି ରହିଥିବା ବେଳେ ସମୟାନ୍ତରରେ ସୀମାରେ ପ୍ରାୟ ପ୍ରତ୍ୟେକଟି ଛୋଟ ଛୋଟ ଘଟଣା ବଡ଼ ଆକାର ଧାରଣ କରି ଆସିଛି । ବାସ୍ତବ ସ୍ତରରେ ଦୁଇ ରାଜ୍ୟଙ୍କ ମଧ୍ୟସ୍ଥ ଉପରୋକ୍ତ ସୀମାରେ ୧୨ ଗୋଟି ବିବାଦୀୟ ସ୍ଥାନ ରହିଛି । ମାର୍ଚ୍ଚ ମାସରେ ଉଭୟ ରାଜ୍ୟ ଏଥିରୁ ଛଅ ଗୋଟିର ସମାଧାନ କରି ସାରିଥିବା ବେଳେ ଖୁବ୍ ଶୀଘ୍ର ଅବଶିଷ୍ଟ ବିବାଦର ସମାଧାନ ନିମନ୍ତେ ଆଲୋଚନା ଆରମ୍ଭ ହେବାକୁ ରହିଛି । ତେଣୁ କେନ୍ଦ୍ରର ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ ଯେ ହୁଏତ ଉପରୋକ୍ତ ଘଟଣା ଆପୋଷ ଆଲୋଚନାକୁ ଟାଳି ଦେଇପାରେ । ତେବେ ସାମ୍ପ୍ରତିକ ବାତାବରଣ ପରିପ୍ରେକ୍ଷୀରେ ଆଲୋଚନା ଯଦି ଆରମ୍ଭ ହୁଏ, ତା'ହେଲେ ତାହା କେବଳ ବିଧ ମୁତାବକ ହେବା ଛଡ଼ା କିଛି ଗୋଟାଏ ନିଷ୍କର୍ଷ ବାହାରିବା ଭଳି ନହେବା କିଛି ଅସମ୍ଭବ ନୁହେଁ । ଆଉ ଏହା ହିଁ ପ୍ରଶ୍ନଟିଏ ଜାଗ୍ରତ କରାଏ ଯେ ଆସାମ ଏବଂ ମେଘାଳୟ ଉଭୟ ମିଳିମିଶି ଆପୋଷ ବୁଝାମଣା ଭିତ୍ତିରେ ତିକ୍ତତାର ଅବସାନ ଘଟାଇବେ କି, ବିଶେଷକରି ଏଇଥପାଇଁ ଯେ ମେଘାଳୟ ଆସାମ ପୁନର୍ଗଠନ ଆଇନ ଉପରେ ହିଁ ପ୍ରଶ୍ନ ଉଠାଇଛି, ଯାହା ଏହାର ସ୍ଥାପନାକୁ ସମ୍ଭବପର କରିଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ ସ୍ୱାଧୀନୋତ୍ତର ଭାରତବର୍ଷରେ ରାଜ୍ୟ ରାଜ୍ୟ ମଧ୍ୟରେ ସୀମାକୁ ନେଇ ବିବାଦ ଲାଗି ରହିଛି ଏବଂ ଏଥିପାଇଁ ବେଳେବେଳେ ଭୟଙ୍କର ସଂଘର୍ଷର ମଧ୍ୟ ସୂତ୍ରପାତ ହେଉଛି, ଯାହା ଧନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆସାମକୁ ନେତୃତ୍ୱ ନେବା ପାଇଁ ଆହ୍ୱାନ ଦେଇଛନ୍ତି ଯାହାର ମୂଳ ରହିଛି ବିଜେପିର ମିତ୍ର ଦଳ ନ୍ୟାସନାଲ ପିପଲସ୍ ପାର୍ଟିର ନେତୃତ୍ୱ ନେଉଥିବା ବେଳେ ଶ୍ରୀଯୁକ୍ତ ଶର୍ମା ହେଉଛନ୍ତି ନିଜକୁ ସମ୍ପ୍ରସାରିତ କରିବାରେ ପ୍ରଭୂତ ସହାୟତା ପ୍ରଦାନ କରିଛନ୍ତି । ଆଶା କରାଯାଏ ଏକ ବୃହତ୍ତର ସ୍ୱାର୍ଥ, ଅର୍ଥାତ୍ କରିବାକୁ ଦୃଷ୍ଟିରେ ରଖ୍ କେନ୍ଦ୍ର ଗୃହମନ୍ତ୍ରୀ ନିକଟରେ ଘଟି ଯାଇଥିବା ଘଟଣାର ତଦନ୍ତ ସୁପ୍ରିମ୍‌କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା କରାଇବାର ପ୍ରସ୍ତାବ ଦେଇ ପାରନ୍ତି ଏବଂ ପରବର୍ତ୍ତୀ ସମୟରେ ଦୁଇ ରାଜ୍ୟଙ୍କ ମଧ୍ୟରେ ଆପୋଷ ଆଲୋଚନା ଜରିଆରେ ଉପୁଜୁ ଥିବା ଅଶାନ୍ତିର ଅସ୍ତ ଘଟାଇବାକୁ ଉଦ୍ୟମ କରି ପାରନ୍ତି ।



ଅଧ୍ୟାପକ ଗୋପବନ୍ଧୁ

# ବିଜ୍ଞାନ ଓ ପରମ୍ପରା

> ଆଜି ବିଜ୍ଞାନ ସାମାଜିକ ଜୀବନର ଅଂଶବିଶେଷ ହୋଇଯାଇଛି । ବିଜ୍ଞାନ ବିନା ବଞ୍ଚିବା ଅସମ୍ଭବ ମନେହେଉଛି । ପୂର୍ବେ ରୋଗବାଗ ହେଲେ ଲୋକେ ଗାଁ ବୈଦ୍ୟ ପାଖକୁ ଦୌଡ଼ୁଥିଲେ, ଗୁଣିଗାରେଡ଼ି ଉପରେ ବିଶ୍ୱାସ କରୁଥିଲେ । ଏବେ ଏହା ବହୁତ କମିଯାଇଛି ।

ବିଜ୍ଞାନ ଓ ପରମ୍ପରା ମଧ୍ୟରେ ବିବାଦ ବହୁ ପୁରାତନ । ସଭ୍ୟ ସମାଜରେ ଏହା ବୌଦ୍ଧିକ ବିତର୍କ ରୂପରେ ପ୍ରକାଶିତ ହୁଏ । ବିତର୍କ ସମାଧାନର ସୂତ୍ର ଖୋଜି ବାହାର କରେ । ବିଜ୍ଞାନକୁ ବଳପୂର୍ବକ କାହା ଉପରେ ଲଦାଯାଇ ପାରିବ ନାହିଁ । ସେହିପରି ପରମ୍ପରାକୁ ମଧ୍ୟ କାହା ଉପରେ ଲଦାଯାଇ ପାରିବ ନାହିଁ । ଯୁକ୍ତି ଉପସ୍ଥାପନ କରାଯାଇ ପାରିବ ଉତ୍କର୍ଷତା ପ୍ରତିପାଦନ ପାଇଁ । ଗ୍ରହଣ କରିବା ଅଥବା ନକରିବା ବ୍ୟକ୍ତି ସାପେକ୍ଷ । ସେ ବିଜ୍ଞାନର ଅନୁଗାମୀ ହେବ କି ପରମ୍ପରାର ଅନୁଗାମୀ ହେବ, ତାହା ନିଜସ୍ୱ ବିଚାର ଓ ବିବେକ ଉପରେ ନିର୍ଭର କରେ । ପ୍ରତ୍ୟେକ ବ୍ୟକ୍ତିର ସ୍ୱତନ୍ତ୍ର ଚିନ୍ତନ ରହିଛି ଓ ସମ୍ମାନ ମଧ୍ୟ ରହିଛି । ତେଣୁକରି ଆଧୁନିକ ସଭ୍ୟତା ବ୍ୟକ୍ତି ସ୍ୱତନ୍ତ୍ରତାକୁ ସ୍ୱୀକାର କରେ । ଆମ ସମ୍ବିଧାନରେ ମଧ୍ୟ ବ୍ୟକ୍ତି ସ୍ୱତନ୍ତ୍ରତାକୁ ଗୁରୁତ୍ୱ ଦିଆଯାଇଛି । ଜାତି, ଧର୍ମ, ବର୍ଣ୍ଣ ଓ ପରମ୍ପରା ନାମରେ କାହାକୁ କୌଣସି କ୍ଷେତ୍ରରେ ବାଧ କରାଯାଇ ପାରିବ ନାହିଁ । ତେବେ ବ୍ୟକ୍ତି ସ୍ୱତନ୍ତ୍ରତା ଅର୍ଥ ସ୍ୱେଚ୍ଛାଚାରୀତା ନୁହେଁ । ବ୍ୟକ୍ତି ସ୍ୱତନ୍ତ୍ରତା ସେତିକି ଯାଏଁ ଠିକ୍ ଯେତେଯାଏଁ ଜଣେ ଅନ୍ୟର ଅଧିକାରକୁ ସଙ୍କୁଚିତ ନକରିଛି । ଏହା ଆପେକ୍ଷିକ ବିଷୟ ।

ବିଜ୍ଞାନ ସତ୍ୟ । ସତ୍ୟ ହେଉଛି ଏକ । ସତ୍ୟର ବିବିଧତା ନାହିଁ । ତେଣୁ ବିଜ୍ଞାନ ଯେଉଁ ସତ୍ୟ ଜ୍ଞାନର ଉପସ୍ଥାପନା କରେ ତାହାର ଅନେକତା ନଥାଏ । ଅନ୍ୟପକ୍ଷରେ ପରମ୍ପରାରେ ବିବିଧତା ଦେଖାଦିଏ । ବିଭିନ୍ନ ଜାତି, ବିଭିନ୍ନ ଧର୍ମ, ବିଭିନ୍ନ ସମ୍ପ୍ରଦାୟ ଓ ବିଭିନ୍ନ ଅଞ୍ଚଳକୁ ନେଇ ଏହା ଭିନ୍ନ ଭିନ୍ନ ପ୍ରକାରର ହୁଏ । ଉଦାହରଣ ସ୍ୱରୁପ ବିବାହକୁ ନେଇ ଯେଉଁ ପରମ୍ପରା ବିଶ୍ୱରେ ରହିଛି ତାହା ଭିନ୍ନ ଭିନ୍ନ ପ୍ରକାରର । ଖ୍ରୀଷ୍ଟ ଧର୍ମାବଲମ୍ବିମାନେ ଚର୍ଚ୍ଚରେ ପାଦ୍ରୀଙ୍କ ଆବୃତି ସହିତ ତାଳ ମିଳେଇ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ବିବାହ କରିଥାନ୍ତି । ଇସଲାମ୍ ଧର୍ମାବଲମ୍ବୀମାନେ କାଜିଙ୍କ ଉପସ୍ଥିତିରେ ଝିଅର କବୁଲାନାମା ବା ସମ୍ମତି ଉପରେ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ନିକାଃ ବା ବିବାହ କାର୍ଯ୍ୟ ସମ୍ପାଦନ କରନ୍ତି । ହିନ୍ଦୁମାନେ ଅନେକ ପ୍ରକାରରେ ବିବାହ କାର୍ଯ୍ୟ ସମ୍ପାଦନ କରନ୍ତି । ସେହିପ୍ରକାର ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟରେ ଅଲଗା ଅଲଗା ବିବାହ ପରମ୍ପରା ରହିଛି । ଆମେ ଏଠାରେ କେଉଁ ପରମ୍ପରା ଠିକ୍ ଓ କେଉଁ ପରମ୍ପରାକୁ ଭୁଲ ବୋଲି କହିପାରିବା ନାହିଁ । ଏଠାରେ ସମସ୍ତ ପରମ୍ପରା ଠିକ୍ । ସମସ୍ତ ପରମ୍ପରାର ମୂଳରେ ରହିଛି ସାମାଜିକ ସ୍ୱିକୃତି । ଯେଉଁମାନେ ଉପସ୍ଥିତ ରହନ୍ତି ସେମାନେ ହେଉଛନ୍ତି ଏହାର ସାକ୍ଷ୍ୟପ୍ରମାଣ । ଯେଉଁମାନେ ଏ ପରମ୍ପରା ନମାନି କୋର୍ଟରେ ରେଜିଷ୍ଟ୍ରୀ ମ୍ୟାରେଜ କରୁଛନ୍ତି ସେମାନେ ବି ଠିକ୍ । କାରଣ ସେମାନେ ଦେଶର ନିୟମ ମୁତାବକ ଏପରି ବିବାହ କରୁଛନ୍ତି । ଏହିପରି ଅନେକ ପରମ୍ପରା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟର ସାମାଜିକ ଜୀବନ ସହିତ ଜଡିତ ହୋଇ ରହିଛି । ଏଗୁଡିକ ସମାଜ ବିଜ୍ଞାନ ସହିତ ଜଡିତ । ସାମାଜିକ ଆଦର୍ଶ ଦୃଷ୍ଟିକୋଣରୁ ନିର୍ଣ୍ଣୟ ହୁଏ ଏଗୁଡିକ ଠିକ୍ କି ଭୁଲ ।

ନିଜର ଆବଶ୍ୟକତାକୁ ନେଇ ମନୁଷ୍ୟ ପରମ୍ପରା ତିଆରି କରେ ଓ ଭାଙ୍ଗେ ମଧ୍ୟ । ବିଶିଷ୍ଟ ସମାଜବିଜ୍ଞାନୀ ରୁଷୋଙ୍କ ମତରେ ଏ ସମାଜ ହେଉଛି ମନୁଷ୍ୟର ସୃଷ୍ଟି । ନିଜର ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ମନୁଷ୍ୟ ଏକ ଚୁକ୍ତି ମାଧ୍ୟମରେ ସମାଜକୁ ତିଆରି କରିଛି । ପରମ୍ପରା ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ଯେତେସବୁ ପରମ୍ପରା ଥିଲା ବା ଅଛି ତାହା ମନୁଷ୍ୟର ସୃଷ୍ଟି । ଯେଉଁ ପରମ୍ପରା ତା ପାଇଁ ଉପାଦେୟ ହୋଇଛି ତାକୁ ସେ ବଳବୋତ୍ତର ରଖିଛି । ଯାହା କ୍ଷତିକାରକ ତାକୁ ପରିତ୍ୟାଗ କରିଛି କିମ୍ବା ପରିବର୍ତ୍ତନ କରି ଯୁଗୋପଯୋଗୀ କରିଛି । ପରମ୍ପରା ସ୍ଥିର ହୋଇଗଲେ ସମାଜ ଆଗକୁ ଆଗେଇ ପାରିବ ନାହିଁ । ଅତୀତରେ ସତୀଦାହ ପ୍ରଥା ଥିଲା । ଏହା ଏକ ଅମାନବୀୟ ପ୍ରଥାଭାବେ ସମାଜ ଅନୁଭବ କଲା । ଏହା ବିରୁଦ୍ଧରେ ସ୍ୱର ଉଠିଲା ଓ ଏହି ପ୍ରଥାକୁ ଉଚ୍ଛେଦ କରାଗଲା । କେତେକ ସମାଜରେ ବିଧବା ବିବାହ ନିଷିଦ୍ଧ ଏକ ପରମ୍ପରା ଥିଲା । ଏବେ ପ୍ରାୟତଃ ଏ ପରମ୍ପରା ହଟିଯାଇଛି । ବଳିପ୍ରଥା କିଛି ହଟିଛି କିଛି ଏବେବି ରହିଛି । ଏବେ ଆଉ ଆମେ ପାରମ୍ପରିକ ପୋଷାକ ପିନ୍ଧୁନାହୁଁ । ଯଦିବି ପିନ୍ଧୁଛୁ ତାହା ବିଶେଷ ସାମାଜିକ କାର୍ଯ୍ୟକ୍ରମ ସମୟରେ ପିନ୍ଧୁଛୁ । ପ୍ରତ୍ୟେକ ଦେଶରେ ଏହିପରି ଅନେକ ପ୍ରକାରର ପରମ୍ପରା ଥିଲା । ସମୟର ସ୍ରୋତରେ ଅନେକ ପରମ୍ପରା ପରିତ୍ୟାଗ ହୋଇଛି ଓ ନୂଆ ପରମ୍ପରା ମଧ୍ୟ ତିଆରି ହୋଇଛି । ବିକଶିତ ରାଷ୍ଟ୍ରମାନେ ଏଦିଗରେ ବହୁ ଆଗରେ ଅଛନ୍ତି ।

ଆଜି ବିଜ୍ଞାନ ସାମାଜିକ ଜୀବନର ଅଂଶବିଶେଷ ହୋଇଯାଇଛି । ବିଜ୍ଞାନ ବିନା ବଞ୍ଚିବା ଅସମ୍ଭବ ମନେହେଉଛି । ପୂର୍ବେ ରୋଗବାଗ ହେଲେ ଲୋକେ ଗାଁ ବୈଦ୍ୟ ପାଖକୁ ଦୌଡ଼ୁଥିଲେ, ଗୁଣିଗାରେଡ଼ି ଉପରେ ବିଶ୍ୱାସ କରୁଥିଲେ । ଏବେ ଏହା ବହୁତ କମିଯାଇଛି । ଲୋକମାନେ ଚିକିତ୍ସା ବିଜ୍ଞାନ ଉପରେ ବିଶ୍ୱାସ କରୁଛନ୍ତି । ଦେହ ଖରାପ ହେଲେ ହସ୍ପିଟାଲକୁ ଯାଉଛନ୍ତି, ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି । ବିଭିନ୍ନ ପ୍ରକାର ବୈଜ୍ଞାନିକ ଉଦ୍ଭାବନ ତା ଜୀବନକୁ ସରସ ଓ ସୁଖମୟ କରିଛି । କଣ ସେ କରିବା ଉଚିତ୍, କଣ ସେ ନକରିବା ଉଚିତ୍ ଏହା ପଛର ଯାଥାର୍ଥ କାରଣ ଖୋଜୁଛି । କ୍ରମେ ବୈଜ୍ଞାନିକ ସିଦ୍ଧାନ୍ତଗୁଡିକ ଓ ଏଗୁଡିକୁ ନେଇ ତାର ବିଶ୍ୱାସ ପରମ୍ପରାର ରୂପ ନେଉଛି । ପାଠ୍ୟ ପୁସ୍ତକରେ ପଢିଥିବା ବୈଜ୍ଞାନିକ ସିଦ୍ଧାନ୍ତଗୁଡିକ ତାର ରଢିବାଦୀ ବିଚାରକୁ ବଦଳାଇ ଦେଇଛି । ଅନେକ ଅବୁଝା ବିଷୟକୁ ବିଜ୍ଞାନ ବୋଧଗମ୍ୟ କରାଇଛି । ବିଜ୍ଞାନ ଏ ଜଗତ ବିଷୟରେ ଅନେକ ତଥ୍ୟ ଦେଇପାରୁଛି । ଅନେକ ଜଟିଳ ଘଟଣାର ସଠିକ ବର୍ଣ୍ଣନା ଦେଉଛି । ପାରମ୍ପରିକ ବିଶ୍ୱାସ ଯାହା ଠିକ୍ ଭାବେ ହୃଦୟଙ୍ଗମ କରାଇ ପାରୁନଥିଲା ତାହା ବିଜ୍ଞାନ କରିପାରୁଛି । ପାରମ୍ପରିକ ବିଶ୍ୱାସଥିଲା ଯେ ରାହୁ ନାମକ ରାକ୍ଷସ ଗିଳିବା ଦ୍ୱାରା ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହୁଏ । କିନ୍ତୁ ବିଜ୍ଞାନ ଏହାର ପ୍ରକୃତ କାରଣ ଅନାବୃତ କରିଛି । ଏହା ଛାଇ ଆଲୁଅର ଖେଳ । ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ର ଗୋଟିଏ ସରଳ ରେଖାକୁ ଆସିଲେ ଏପରି ହୁଏ । ଏହିପରି ଅନେକ ପାରମ୍ପରିକ ବିଶ୍ୱାସ ଭୁଲ ବୋଲି ବିଜ୍ଞାନ ପ୍ରମାଣିତ କରିଛି । ଅବଶ୍ୟ ଏକଥା ସତ୍ୟ ଯେ ବିଜ୍ଞାନ ଆହୁରି ଅନେକ ଜଟିଳ ବିଷୟର ସଠିକ ବର୍ଣ୍ଣନା କରିପାରି ନାହିଁ । ବିଜ୍ଞାନକୁ ଆହୁରି ଆଗକୁ ଯିବାର ଅଛି ।

ସାମାଜିକ ଜୀବନରେ ଆମେ ଅନେକ ପ୍ରକାରର ପରମ୍ପରା ପାଳନ କରୁ । ସମସ୍ତ ପରମ୍ପରାକୁ ବିଜ୍ଞାନ ବିରୋଧ କରେନାହିଁ । ବିଜ୍ଞାନ ସେହି ପରମ୍ପରାକୁ ବିରୋଧକରେ ଯାହା ବୈଜ୍ଞାନିକ ସିଦ୍ଧାନ୍ତର ବିରୁଦ୍ଧାଚରଣ କରେ । ଯେଉଁ ପରମ୍ପରା ବୈଜ୍ଞାନିକ ଦୃଷ୍ଟିକୋଣରୁ ଯାଥାର୍ଥ କାରଣକୁ ଉପସ୍ଥାପନ କରିପାରେ ନାହିଁ । ବିଜ୍ଞାନ ପ୍ରତ୍ୟେକ ଘଟଣା ପଛରେ ଥିବା ଯାଥାର୍ଥ କାରଣକୁ ଜାଣିବାକୁ ଚେଷ୍ଟା କରେ । ପରମ୍ପରାବାଦୀଙ୍କ ବ୍ୟାଖ୍ୟାନ ଏମାନଙ୍କୁ ସନ୍ତୁଷ୍ଟ କରିପାରେ ନାହିଁ । ଆମ ପୂର୍ବପୁରୁଷ ଏହା ପାଳନ କରୁଥିଲେ ତେଣୁ ଆମେ ପାଳନ କରିବା ଯୁକ୍ତି ବି ଗ୍ରହଣୀୟ ନୁହେଁ । ଆମ ପୂର୍ବପୁରୁଷ ସତୀଦାହ ପ୍ରଥା, ବଳିପ୍ରଥା, ବାଲ୍ୟବିବାହ ପ୍ରଭୃତି ଭୁଲ ପ୍ରଥାକୁ ମାନୁଥିଲେ, ତେଣୁ ଏବେ କଣ ଆମେ ମାନିବା ? ତାଙ୍କ ସମୟରେ ସମାଜ ଏତେ ବିକଶିତ ନଥିଲା । ତେଣୁ ସେମାନେ ଏପରି ଭୁଲ୍ ପରମ୍ପରାକୁ ମାନୁଥିଲେ । ଏପ୍ରକାର ଯୁକ୍ତି ବି ଗ୍ରହଣୀୟ ନୁହେଁ ଯେ ଆମ ପୂର୍ବଜ ଯେଉଁ ପରମ୍ପରା ଆରମ୍ଭ କରିଥିଲେ ତା ପଛରେ ନିଶ୍ଚୟ ଯାଥାର୍ଥ ଯୁକ୍ତି ରହିଛି । ପ୍ରକୃତରେ କେଉଁ ଯଥାର୍ଥ ଯୁକ୍ତି ରହିଛି ତାହାର ଉପସ୍ଥାପନ ହେବା ଜରୁରୀ । ଏହା ନହେଲେ ଆପ୍ତଦ୍ରୋହି ଦୋଷ ଜାତ ହେବ । ଯେଉଁ କ୍ଷେତ୍ରରେ ଉଚିତ୍ ଯୁକ୍ତି ଉପସ୍ଥାପନ ନକରି ପୂର୍ବପୁରୁଷ, ମହାପୁରୁଷ, ଧର୍ମଗ୍ରନ୍ଥ ଇତ୍ୟାଦିର ଆଳରେ ଖସିଯିବା ପାଇଁ ଚେଷ୍ଟା ହୁଏ ସେଠାରେ ଏହି ଦୋଷ ଜାତ ହୁଏ ।

ଯଥାର୍ଥ କାରଣ ଅନ୍ଧବିଶ୍ୱାସ ନୁହେଁ, ଏହା ବୈଜ୍ଞାନିକ କାରଣକୁ ବୁଝାଏ । କୌଣସି ପରମ୍ପରା ପାଳନ ପଛର ଯାଥାର୍ଥ ଓ ସନ୍ତୋଷଜନକ କାରଣ ଜଣେ ସଚେତନ ବ୍ୟକ୍ତି ଖୋଜେ । ଯଦି ପରମ୍ପରା ସାମାଜିକ ଆଦର୍ଶ ଓ ମାନବୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ହୋଇଥାଏ ତେବେ ସେ ବିନା ଦ୍ୱିଧାରେ ଏପରି ପରମ୍ପରାକୁ ପାଳନ କରିବାରେ କୁଣ୍ଠାବୋଧ କରେନାହିଁ । କାରଣ ଏପରି କ୍ଷେତ୍ରରେ ଦ୍ୱନ୍ଦାତ୍ମକ ପରିସ୍ଥିତି ତିଆରି ହୁଏ ନାହିଁ । କିନ୍ତୁ ଯେଉଁଠାରେ ପରମ୍ପରା ନାମରେ ବୈଜ୍ଞାନିକ ସିଦ୍ଧାନ୍ତକୁ ବିରୋଧ ହୁଏ ଅଥବା ଏପରି ପରମ୍ପରାକୁ ମାନିବାକୁ ବାଧ କରାଯାଏ ଯାହାର କାରଣ ଏଯାଏଁ ଅଜ୍ଞାତ, ସେଠାରେ ଦ୍ୱନ୍ଦ ସୃଷ୍ଟି ହୁଏ । ବିଜ୍ଞାନର କାମ ପ୍ରଶ୍ନ ଉତଥାପନ କରିବା । ଯେଉଁଦିନ କୌଣସି ପରମ୍ପରା ପଛର ଯାଥାର୍ଥ କାରଣ ଉଦଘାଟିତ ହେବ ସେହିଦିନ ବିନାଦ୍ୱିଧାରେ ତାହା ପାଳନ ହୋଇପାରିବ । ଯେଉଁଠାରେ କାରଣ ଅଜ୍ଞାତ ତାହାକୁ ମାନିବା ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ । ଏହା ବିଜ୍ଞାନର ପରିପନ୍ଥୀ ହେବ । ପ୍ରଗତିର ଦୌଡ ବିଜ୍ଞାନ ବିନା ସମ୍ଭବପର ନୁହେଁ । ପରମ୍ପରାର ମଧ୍ୟ ଆବଶ୍ୟକତା ରହିଛି । ପରମ୍ପରା ତା ବାଟରେ ଥାଉ, କିନ୍ତୁ ଏହା ବିଜ୍ଞାନର ଜିଜ୍ଞାସାଭାବକୁ ସମାପ୍ତ ନକରୁ । ଉଭୟ ମଧ୍ୟରେ ସହାବସ୍ଥିତିର ପରମ୍ପରା ସୃଷ୍ଟି ହେଉ ।


ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦




ସୁବ୍ରତ କର

# ମାଷ୍ଟରଙ୍କ ପାଖରୁ ଆସିଲା ପିଲାଙ୍କ ପାଖକୁ ନିଶା

ଗତଥର ଲେଖିଥିଲି ମାଷ୍ଟରମାନେ ନିଶାକରି ସ୍କୁଲ ପ୍ରାଙ୍ଗଣରେ ପିଟା ପିଟି ହେବା କତାର ଏବଂ ଏ ବି ଲେଖିଥିଲି ଖୁବ୍‌ଶୀଘ୍ର ଏହି ନିଶା କାବୁରେ ପିଲାମାନେ ମଧ୍ୟ ଆସିବେ । ଏବେ ଏହା ସତ ହେଲା । ଆମରି ଜିଲ୍ଲାରେ ଭୋଗରାଇଠାରେ ଦୁଇଜଣ ବଛା ଶିକ୍ଷିତ ଛାତ୍ର ୪୨ ଲକ୍ଷ ଟଙ୍କାରେ ଧଳାଜହର କାରବାର କରି କଟକ କେନ୍ଦ୍ରାଂଚଳ ଅବକାରୀ ଗୁଇନ୍ଦାଙ୍କ ପାଖରେ ଧରା ପଡ଼ିଛନ୍ତି ଏବଂ ଗିରଫ ମଧ୍ୟ ହୋଇଛନ୍ତି । ସେମାନେ ହେଲେ ଜଣେ ଇଞ୍ଜିନିୟର ପ୍ରାଇଡ ପାତ୍ର (୨୬ବର୍ଷ) ଗୋପାଳ ଦାସ (ହୋଟେଲ ମେନେଜମେଂଟ୍ ପଢୁଥିବା ଛାତ୍ର) ଏମାନେ ବହୁଦିନ ହେଲା ଏହି କାର୍ଯ୍ୟରେ ଲିପ୍ତ ଥିଲେ କିନ୍ତୁ ପୋଲିସ କିଛି କରିପାରୁ ନଥିଲା ରାଜନୈତିକ ଚାପ ପାଇଁ । ଭୋଗରାଇର ପାଖ ବ୍ଲକ୍ ଜଳେଶ୍ୱରର ରାଇବଣିଆ ଅଂଚଳରେ ପାୟ ୨୫ହଜାର ଲିଟର ଦେଶୀ ମଦ ଅବକାରୀ ଏବଂ ରାଜସ୍ୱ ବିଭାଗର ମିଳିତ ଚଢ଼ାଉରେ ଜବତ ହୋଇଛି । ଏହି ଅଂଚଳରେ ଅନେକ ଦେଶୀ ମଦଭାଟି ଗଢ଼ି ଉଠିଛି । ଏହା ମଧ୍ୟ କଟକ କେନ୍ଦ୍ରାଂଚଳରେ ଅବକାରୀ ଦଳ, ଜଳେଶ୍ୱର ଅବକାରୀ ବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ଭବ ହୋଇପାରିଛି । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ । ଏହି ସବୁ ଘଟଣାଗୁଡ଼ିକ ଅବକାରୀ ମନ୍ତ୍ରୀଙ୍କର ଇଲାକାର ଘଟୁଥିବା ଘଟଣା ସବୁ । ପୁଣି ଆମରି ଜିଲ୍ଲାର ନୀଳଗିରି ବ୍ଲକ୍‌ରେ ପ୍ରାୟ ୨୪ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ ହୋଇଛି ଏବଂ ଏଥିରେ ଜଣେ ଗିରଫ ହୋଇଛନ୍ତି । ଏହି ଘଟଣା ନୀଳଗିରିର ସନ୍ତରାଗଡ଼ିଆ ଇଲାକାରେ ଘଟିଛି । ବାଲେଶ୍ୱର ଭ୍ରାମମାଣ ଅବକାରୀ ବିଭାଗ ଏବଂ ନୀଳଗିରି ଅବକାରୀ ବିଭାଗର ଅଫିସର ବୃନ୍ଦ ଏହାକୁ ଧରିବାରେ ସଫଳ ହୋଇଛନ୍ତି । ଉପରୋକ୍ତ ତିନୋଟି ଘଟଣା ଆପଣମାନଙ୍କ ପାଖରେ ଉପସ୍ଥାପିତ କରାହେଲା । ସବୁ ଘଟଣା ଗୁଡ଼ିକ ସଙ୍ଗୀନ ଏବଂ ବାରମ୍ବାର ଘଟୁଛି । ନିଶ୍ଚିତ ଭାବରେ ବାଲେଶ୍ୱର ଜିଲ୍ଲାରେ ଅବସ୍ଥାପିତ ଅବକାରୀ ବିଭାଗଙ୍କ ଅଫିସରଙ୍କ ଅକ୍ତିଆର ବାହାରେ କାରଣ କଟକ ଅବକାରୀ ବିଭାଗ ଖବର ପାଇ ଆସି ଜଳେଶ୍ୱର, ଭୋଗରାଇ ଭଳି ଜାଗାକୁ ଆସି ଧରି ପାରିଛନ୍ତି । ତେବେ ବାଲେଶବରଠାରେ ଥିବା ଜିଲ୍ଲା ଅଫିସରମାନେ କଣ କରୁଛନ୍ତି ? ଇଚ୍ଛାକରି ଧରୁନାହାନ୍ତି ନା ତାଙ୍କ ପାଖରେ ଇନ୍‌ଫ୍ରାଷ୍ଟ୍ରକ୍ଚରର ଅଭାବ । କାରଣ ବାଲେଶ୍ୱର ଭଳି ଜାଗାରେ ପ୍ରତିଦିନ ଏପରି ଘଟଣା ବାରମ୍ବାର ଘଟୁଛି । ଭବିଷ୍ୟତରେ ଏହା ନ ହେବା ପାଇଁ ସରକାର ତାଙ୍କ ସ୍ତରରେ ସଜାଗ ହେବା ଦରକାର । ବିଶେଷକରି ଏହି ଜିଲ୍ଲାକୁ ସରକାରଙ୍କ ଧ୍ୟାନ ଦେବା ଉଚିତ । ଏବେ ସାରା ରାଜ୍ୟରେ ନିଶା କାରବାର କାହାକୁ ଛାଡ଼ିନାହିଁ । ଛାତ୍ର, ମାଷ୍ଟର, ଇଂଜିନିୟର, ଉଚ୍ଚଶିକ୍ଷିତ ଏବଂ ଅଣଶିକ୍ଷିତଙ୍କୁ ମଧ୍ୟ । ଯଥାଶୀଘ୍ର ଏହାପାଇଁ କିଛି ଦୃଢ଼ ପଦକ୍ଷେପ ନ ନେଲେ ଗାନ୍ଧିଜୀଙ୍କ ଦେଶ ପାଶ୍ଚାତ ଦେଶକୁ ଟପିଯିବ ଏବଂ ଦେଶର ଭବିଷ୍ୟତ ସରକାରଙ୍କ ହାତଛଡ଼ା ହୋଇଯିବ ।



କବିତା କୋଣାର୍କ

## ଅନୁରେ ଜୀବନ

### କୁନା ସେଠୀ

ଅନୁ ଉପସର୍ଗ ଜୀବନ ର ମାର୍ଗ
ଉଦାହରଣ ର ପଥ
ଅନେକ ଭିତରେ ଏକ ବାର୍ତ୍ତା ଦିଏ
ସାଜି ଜଗନ୍ନାଥ ରଥ ।

ଅନୁକରଣ

ମହାପୁରୁଷ ଙ୍କ ପଥରେ ଚାଲିଲେ
ମିଳିବ ଯଶ ସମ୍ମାନ
ବୁଝିଲେ ସୁଝିଲେ ଅନୁକରଣ ଯେ
ଦେଇଥାଏ ଧନ ଜ୍ଞାନ ।

ଅନୁସନ୍ଧାନ

ଈଶ୍ୱର ଙ୍କ ସୃଷ୍ଟି ବିଭବ ରେ ଭରା
ରହିଛି ଅନେକ ତଥ୍ୟ
ଅନୁସନ୍ଧାନରେ ପାଇବ ତାହାକୁ
ମିଥ୍ୟା ନୁହେଁ ଏହି ସତ୍ୟ ।

ଅନୁଭବ

ବାସ୍ତବ ଘଟଣା ଦେଖିଲେ ଭୋଗିଲେ
ଅନୁଭବ କରିହୁଏ
ଅନୁଭବି ଏକା ପଥ କୁ ବତାଏ
ଠିକ ଅବା ଭୁଲ ସିଏ ।

ଅନୁମାନ

ଅନୁମାନ ସବୁ ହୁଏ ନାହିଁ ସତ
କିଛି କିଛି ସତ ହୁଏ
ଅନୁମାନ ଜ୍ଞାନ ସଚେତନ ମନ
ଜୀବନ ସୁରକ୍ଷା ପ୍ରାୟେ ।

ଅନୁଶୀଳନ

ଜୀବନ ଟା ଏକ ରହସ୍ୟମୟ ଛନ୍ଦ
ବୁଝିବା ହୁଅଇ କଷ୍ଟ
ଅନୁଶୀଳନ ରେ ସହଜ ହୁଅଇ
ଶାନ୍ତ ହୋଇଯାଏ ଦୁଷ୍ଟ ।

ଅନୁପ୍ରାଣିତ

ଭଲ ମଣିଷ ଯେ ଅଛନ୍ତି ବୋଲି ତ
ସଂସାର ଟା ଚାଲିଅଛି
ତାଙ୍କରି ପଥ ଅନୁପ୍ରାଣିତ ହୋଇଲେ
ପାଇବା ଜୀବନେ କିଛି ।

ଅନୁରେ ଜୀବନ ଅନୁ ହିଁ ତ ପ୍ରାଣ
ଅନୁ ହିଁ ମଣିଷ ରାହା
ଅନୁ ଦିଏ ଶାନ୍ତି ଅନୁ ଦିଏ ପ୍ରୀତି
ଅନୁ ପୁଣି ହୁଏ ସାହା ।


ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ


## ପଣତ କାନି

### ଶ୍ରୀ ମିଥୁନ୍ ନାଏକ

ଛଅ ବରଷର ବାଳକ ଟିଏ,
କାନ୍ଦି କାନ୍ଦି ପୁଣି ବାପାକୁ କହେ ।
କହିଲା ବାପା ମୋ ଶୁଣ ହେ କଥା,
ମାଆ ଟିଏ ଆଣ ମୋ ପାଇଁ ଏକା ।
ପୁଅକୁ ବୁଝାଇ ବାପା କହିଲେ,
ପାଗଳ କି ତୁହି ହେଲୁ ବୋଇଲେ ।
ଘରେ ବା ଅଛନ୍ତି ମମି ତୋହର,
ମାଆ ମମି ଦୁହେଁ ଏକା ଡାକର ।
ମନ ତ ତାହାର ବୁଝିଲା ନାଇଁ,
ପୁଣି କାନ୍ଦିଲା ସିଏ କଇଁ କଇଁ ।
କହିଲା ବାପା ହେ ମୋ କଥା ବୁଝ,
ମୋ ସାଙ୍ଗର କଥା କହିବି ଆଜ ।
ସାଙ୍ଗର ନାମ ମୋ ଅଟଇ ଚିଣ୍ଟୁ,
ବାପା ଡ୍ରାଇଭର ଘର ପାଖକୁ ।
ତା' ମାଆ ଅଟେ ଭାରି ଭଲ ତ,
ଦେଖି ଅଛି ମୁହିଁ ମୋହରି ନେତ ।
ଧୂଳି ପୋଛେ ଧରି ପଣତ କାନି,
କୋଳରେ ବସାଏ ପାଖରେ ଘେନି ।
ଜନ୍ମଦିନେ ପିଠା ଆରିସା କରି,
ଖୁଆଏ ସେ ଅତି ଯତନେ କରି ।
ଖେଳ ଛୁଟି ବେଳେ ସାଙ୍ଗ କହଇ,
ଗୀତ ଗପ, ସବୁ ମାଆ ଶୁଣେଇ ।
ମୋତେ ବି ତା ମାଆ ଭଲ ପାଆନ୍ତି,
ପାଖକୁ ଡାକିଣ ଗଲେ କରନ୍ତି ।
ଘରେ ମୋର ସବୁ ବୁଝେ ମାଳତୀ,
ମମି ମୋର କଥା ଶୁଣେନି କିଛି ।
ଅଫିସ ଯାଇକି ଆସିଲେ ଚାଲି,
ଗପେ ମୋବାଇଲ ହାତରେ ଧରି ।
ନାଇଟ୍,ଡ୍ରେସ ତ ପିନ୍ଧନ୍ତି ସିଏ,
ପଣତ କାନି ଯେ ନାହିଁ ଟିକିଏ ।
ଧୂଳି ଟିକେ ମୁହିଁ ହେଲେ ତ ପୁଣି,
କହେ ଇନଫେକସ୍ନ ଆସେନାହିଁ ।
ପାଠ ପଢା ଗପ କଥା କହିଲେ,
କାର୍ଟୁନ ଦେଖେ କୁହଇ ଭଲେ ।
ବାପା ମୋର କଥା ମନେ ତ ଶୁଣ,
ମାଆ ଟିଏ ବେଗେ ମୋପାଇଁ ଆଣ ।
ନହେଲେ ପଳେବି ସାଙ୍ଗ ଘରକୁ,
ଆସିବିନି ଜମା ତୁମ ପାଖକୁ ।
ପୁଅ କଥା ବାପା ପାଖରେ ପାଇ,
ନୀରବ ଶବଦେ ରହିଲେ ଚାହିଁ ।
ପୁଅର ମମି ତ ସସ୍ମିତା ଦେବୀ,
ଶୁଣୁ ଥିଲେ ଲୁଚି ମଥାକୁ ଦାବି ।
ପୁଅକୁ ଆସିକି କୁଣ୍ଢେଇ ଧରି,
ଆଖିରୁ ଦି'ଟୋପା ଲୁହ ବାହାରି ।
କହିଲା ଧନରେ ଭୁଲ କରିଛି,
ତୋତେ ମୁହିଁ କେତେ କଷ୍ଟ ଦେଇଛି ।
କୋଳରେ ବସାଇ ଗେଲ କରିଲେ,
ମୁହଁରେ ଚୁମ୍ବନ ଦେଇ କହିଲେ ।
କ୍ଷମା କରିଦେବୁ ମୋତେ ତ ତୁହି,
ତୁହି ମୋ ଜୀବନ ନ'ଯା ଦୂରେଇ ।
ପଣତ କାନିର କଥା ତ ଏହି,
ଲେଖି ଦେଲି ଯାହା ମନେ ଆସଇ ।
ଭୁଲ ଥିଲେ ମୋତେ କ୍ଷମା କରିବ,
ପଢ଼ି ମତାମତ ନିଶ୍ଚୟ ଦେବ ।


କନ୍ଧବେରେଣୀ, ତାଳଚେର
ଅନୁଗୋଳ
ମୋ-୭୦୦୮୭୫୩୮୨୭


## ଗାଁ ଓ ସହରରେ ଶୀତ ସକାଳର ଦୃଶ୍ୟ

### ଅକ୍ଷୟ କୁମାର ରାଉତ

ଘନ କୁହୁଡ଼ା
ନିଜ ପାଦ ଛଡା ସବୁକିଛି ଅଦୃଶ୍ୟ
ମୁଣ୍ଡରେ ପଗଡ଼ି,ଦେହରେ ପୁରୁଣା ଚାଦର
ଘାସ ଉପରେ ପଡ଼ିଥିବା ବହଳ କାକର
ଖାଲି ପାଦରେ ହିଡ଼ ଉପରେ ଚାଲୁଥାଏ
ବେଳେ ବେଳେ ହିଡ଼ ତଳକୁ ପାଦ ଖସଡ଼ି ଯାଉଥାଏ
ଏ ସବୁ କୁ ଭ୍ରୂକ୍ଷେପ ନକରି
କାନ୍ଧରେ କୋଦାଳ ପକାଇ ଚାଲୁଥାଏ ପଧାନ ବୁଢ଼ା
ଫସଲ ରେ ପାଣି ଦେବାକୁ ...।

ସକାଳୁ ସକାଳୁ ସତୁରି ବର୍ଷର ବୃଦ୍ଧା ସ୍ନାନ କରି
ବାଡ଼ିରୁ ଫୁଲ ତୋଳି
ମନ୍ଦିର ବେଢ଼ାରେ ପହଁରା ଦେଇ
ମନ୍ଦିର ରେ ପୂଜା ପାଠ କଲାଣି ।

ବାଡ଼ିପଟ କୁଟା ଗଦା ମୂଳେ
କୁନି କୁନି କୁକୁର ଛୁଆ ଙ୍କ କେଁ କେଁ ଶବ୍ଦ
ଗାଁ ଦାଣ୍ଡରେ କଅଁଳା ବାଛୁରୀ ର ଦୌଡ଼
ଗାଈ ଗୁହାଳ ଭିତରୁ ଗାଈ ର ହମା ରଡ଼ି
ଗାଁ ପରିବେଶକୁ ଆହୁରି ଜୀବନ୍ତ କରିଦିଏ ।

ରାତ୍ରୀ ଆଶ୍ରୟ ଗୃହରେ କିଛି ଅସହାୟ ଲୋକେ
ସରକାର ପ୍ରଦତ୍ତ କମ୍ବଳ ଭିତରେ ନିଦ୍ରାରତ,
କିଛି ଦୂରରେ ଟ୍ରକ୍ ଚାଳକ ମାନେ ନିଆଁ ଜଳାଇ
ସେକି ହେଉଥାନ୍ତି, ଶୀତରୁ ତ୍ରାହି ପାଇବା ପାଇଁ ..।

ଆପାର୍ଟମେଣ୍ଟ ରେ ରହୁଥିବା ବଡ଼ ବାବୁ
ରୁମ୍ ହିଟର୍ ଓ ଜୟପୁରିଆ ରେଜାଇ ଭିତରେ
ସ୍ୱପ୍ନ ଦୁନିଆ ରେ ମଶଗୁଲ୍ ....।

ରାସ୍ତାରେ ଠିଆ ହୋଇ ହକର୍ ଦ୍ୱିତୀୟ ମହଲାକୁ
ଫିଙ୍ଗି ଦେଇ ଚାଲିଗଲା ଖବରକାଗଜ
ଖବରକାଗଜ ପଢ଼ିବାର ଶବ୍ଦ ଶୁଣି
ବାବୁଙ୍କ ଶ୍ୱାନ ଭୁକିବାକୁ ଲାଗିଲା ।

ପୁରୁଣା ସାଇକେଲର କେଁ.. କେଁ.. ଶବ୍ଦ
ଫୁଲ ବିକାଳି ଯିବାର ସଂକେତ ଦେଉଥିଲା,
ଗାର୍ଡ ରୁମ୍ ରେ ଢୋଳେଉଥିବା ରାତ୍ରୀ
ଜଗୁଆଳୀ
କ୍ଷୀର ବାଲାର କଲିଙ୍ଗ ବେଲ୍‌ରେ ପ୍ରକୃତିସ୍ଥ
ହେଲା...।


ଆଳି, ବାଳକାଟି,କେନ୍ଦ୍ରାପଡ଼ା
ମୋ: ୯୭୧୧୦୬୯୪୨୫

# ସ୍ମୃତିର ଚିତ୍ରପଟ

**ପ୍ରଫୁଲ୍ଲ ବାରିକ୍**

ପିଲାଦିନର କଥା । ଗାଁ'ମୁଣ୍ଡ ଝାଡ଼ି ବୁଦାରେ ହେଉଥିବ ନାନାଦି ବଣୁଆ ଗଛ । ବର୍ଷା ଆରମ୍ଭରେ ସେସବୁ ଗଛରେ ଫୁଲଫୁଟି ଦେଖା ଯାଉଥିବ ମର୍ତ୍ତ୍ୟର ନନ୍ଦନକାନନ। ନାମହୀନ ଫୁଲର ରଂଗ ଓ ମହକରେ ପୂରି ଉଠୁଥିବ ଗାଁ'ମୁଣ୍ଡ ଅପନ୍ତରା ଭୂଇଁ । ହାଟ ବସିବ ପ୍ରଜାପତିଙ୍କର । ଜାତିଜାତିକା ରଙ୍ଗୀନ ପ୍ରଜାପତିଙ୍କ ପଛରେ ଧାଉଁଥିବୁ ଆମେ । ଦି'ଘଣ୍ଟା ଧାଇଁ ଧାଇଁ ଗୋଟେ ଯୋଡ଼େ ହାତେଇଲୁତ ଖୁସିର ଇୟତା ରହେନା । ବାକିସବୁ ଉଡୁଥିବେ ଆମ ହାତ ପାହାନ୍ତାରେ । ଧରିବାକୁ ଗଲେ ଛୁ' ।

ସେଦିନ ଏବେ ବହୁ ପଛରେ । ଅନେଇଲେ ଆଖି ପାଏନା । ଏବେ ଆନତ ବୟସରେ ପ୍ରଜାପତିଙ୍କ ସ୍ଥାନ ନେଇଛନ୍ତି ସ୍ମୃତିମାନେ। ଛିଟ ଡେଣାରେ ଅହରହ ଚକ୍କର କାଟୁଛନ୍ତି ଚାରିପାଖେ । କର୍ମବହୁଳ ଜୀବନ ଭିତରେ ସେମାନେ ଦୂରେଇ ରହୁଥିଲେ । ବସିଯିବାକୁ ସେମାନଙ୍କ ଭିଡ଼ । ହେଲେ, ପଛରେ ଯେତେ ଧାଇଁଲେ କେହି ଧରା ଦିଅନ୍ତିନି, କି ସ୍ୱଷ୍ଟବି ହୁଅନ୍ତିନି ରୂପ ରଙ୍ଗରେ । ସବୁ ଅସ୍ୱଷ୍ଟ ଯିମିତି ଦୂର ପାହାଡର ଶ୍ୟାମଳ ରୂପ । ଗୋଟିଏ କିନ୍ତୁ ତା ଭିତରୁ ବିଶେ ସ୍ୱଷ୍ଟ ହେଇ। ବାରିପଡ଼େ ନିଆରା ଢଙ୍ଗରେ । ରୂପ ରଙ୍ଗରେ ରୋମାଞ୍ଚଭରା ଯେହେତୁ ତାକୁ ଭୁଲିବା ଏତେ ସହଜ ନୁହେଁ।

ଚାକିରୀ କରିବାର ବର୍ଷ ଚାରିପାଞ୍ଚ ହେବ। ଘରକୁ ଆସିବା ସେତେବେଳେ ବର୍ଷରେ ଅନ୍ୟୂନ ଦି'ଥର । ଆସେ ଖାସ ବୋଉପାଇଁ। ବାପା ଯାଇ ସାରିଥାନ୍ତି । ଘରେ ବୋଉ ଏକା। ଅନେଇ ବସିଥିବ ମୋ ଆସିବାକୁ।

ସେଥର ଆସିଥାଏ। ବୋଉର ପାଦ ଛୁଁ'ନଥାଏ ମାଟି । ଲାଗିଥାଏ ମୋ ପଛରେ। ଏଥର କିନ୍ତୁ ଭିନ୍ନ ଦୃଶ୍ୟଟିଏ ଆସିଲା ଆଖିକୁ। ଝିଅଟିଏ ଆସି ସାହାଯ୍ୟ କରୁଛି ବୋଉକୁ କାମରେ। ବୋଉ ପ୍ରାୟ କାମ କରଉଛି ତା ହାତରେ। ବିଶେଷକରି ମୋ ପାଖକୁ ନଆସିଲେବି ମୋ କାମ କରୁଛି ବେଶ ଆଗ୍ରହରେ ଦୂରତା ରଖି । ପ୍ରଥମେ ପ୍ରଥମେ କେହି ପଡୋଶୀ ହେଇଥିବ ଭାବି ଖୋଜ କଲିନି ତା ସମ୍ପର୍କରେ । ପରେ ତା କ୍ରମାଗତ ଉପସ୍ଥିତି ଦେଖି ତଥା ବୋଉର ତା ଉପରେ ନିର୍ଭରଶୀଳତା ବାଧ କଲା ମୋତେ ପରିଚୟ ଜାଣିବାକୁ । ବୋଉ କହିଲା, ସିଏ ମଣି ଦାଦାଙ୍କ ଝିଅ କେତକୀ । ଏଇବର୍ଷ ପ୍ଲସ ଟୁ ସାରି ଘରେ ବସିଛି । ବାପ ଆରାଜିରୁ ଆଗକୁ ଯିବା ବନ୍ଦ ରହିଲା । ମୋତେ ଆସି ସାହାଯ୍ୟ କରେ । ନ ଡାକିଲେ ବି ଆସେ । ଇମିତି ଅଭ୍ୟାସ କରି ଦେଲାଣି, ତା ଅନୁପସ୍ଥିତିରେ ଦିନ ବିତୁନି ମୋର । ତୁ ଆସିବୁ ବୋଲି ଜାଣି ଭାରି ଖୁସି ସିଏ।

ମୁଁ ମନେ ପକେଇଲି । ମୋ ଗାଁ ଛାଡିବା ବେଳକୁ ସିଏ ଅଷ୍ଟମ କି ନବମରେ ପଢୁଥିଲା । ଭଲ ପଢେ ବୋଲି ଶୁଣିଛି ପିଲାଙ୍କ ପାଖରୁ। ତା ଠାଣିବାଣୀ ସେତେବେଳେ ସ୍ୱତନ୍ତ୍ର ଥିଲା । ବାରିପଡ଼େ ଭିଡ଼ ଭିତରୁ । ବାସ, ସେତିକି । ଆଉ ଅଧିକ ଜ୍ଞାନ ମୋର ନଥିଲା ତା ସମ୍ପର୍କରେ । ଝିଅ ମାନେ ବର୍ଷ କେଇଟାରେ ଇମିତି ବଦଳି ଯାଆନ୍ତି ? ପରିବର୍ତ୍ତନ ଆକାଶ ପାତାଳର । ଏବେ ରୂପ ଔଜଲ୍ୟରେ ଆଲୋକିତ ତା ଚତୁଃପାର୍ଶ୍ୱ । ଲାଜଲାଜ ସ୍ୱଭାବ ସାଙ୍ଗକୁ ଚଂଚଳତା ତା ସର୍ବାଙ୍ଗରେ । ପାହାଡି ଝରଣା ପରି କୁଳୁ କୁଳୁ ବହି ଚାଲିଛି ବାଧା ବନ୍ଧନ ନମାନି । ସବୁ ଆକର୍ଷଣକୁ ଠୁଳ କରି ଆପଣାଠି ସିଏ ସ୍ଥିର, ଗମ୍ଭୀର । ତା ଗମ୍ଭୀରତାକୁ ଯିମିତି ଅଭାବ ସମୁଦ୍ରର ଗଭୀରତା। ଏତେ କମ ବୟସରେ ଏତେ ଅଭିଜ୍ଞ, ଏତେ ପୋଖତ ? !

ବୋଉ ତା ପରିଚୟ ବର୍ଣ୍ଣନା ସେତିକିରେ ରଖି ଚାଲି ଗଲାଣି । କେତକୀବି ନାଇଁ ଘରେ । ମୁଁ ଅନେଇଲି ବାରି ଆଡକୁ । ଦୃଶ୍ୟଟିଏ ଆଖିକୁ ଆସିଲା । ମୋ ବାସି ଡ୍ରେସକୁ ସଫାକରି ସେ ଶୁଖଉଛି ବାରିରେ ଟଙ୍ଗା ଯାଇଥିବା ତାରରେ ଚିପୁଡ଼ି ଝାଡ଼ି । ଲୁଗା କାନିକୁ ଗୁଡେଇ ଦେଇଚି କମରରେ କସିକି । ମୁଣ୍ଡ ବାଳ ଇତସ୍ତତଃ ଉଲୁରି ପଡିଛି ମୁହଁ ଉପରକୁ । ପାଦ ଉପରକୁ ଲୁଗା ଗୋଟା ଓଦା । ଲାଗୁଚି ଆପଣାର ମଣିଷଟିଏ । ଜିଗର ଲଗେଇ ଯତ୍ନ ସବୁଥିରେ । ଆଗ୍ରହ ସାଙ୍ଗକୁ ଆନନ୍ଦ ଫୁଟି ଉଠୁଚି ସର୍ବାଙ୍ଗରେ । ବୋଉକୁ ଡାକି ତାଗିଦ କଲି - ମୋ ଡ୍ରେସ ତାକୁ କାଇଁ ଦେଲୁ ଧୋଇବାକୁ ? ତୋ ଦେହି ନହେଲାତ ମୁଁ ଧୋଇ ଥାଆନ୍ତି । ସିଏ ଆମର ଆପଣାର କିଏକି ଡ୍ରେସ ଧୋଇବାକୁ ? ପର ଲୋକ ଦ୍ୱାରା ଏସବୁ କାମ କରାଯାଇନା । ଏତିକି ଜାଣିନୁ ? ବୋଉ ହସିଲା । କହିଲା, ମୁଁ ଜାଣେ ତୁ ପସନ୍ଦ କରିବୁନି । ହେଲେ ତା ଆଗ୍ରହ ପାଖରେ ମୁଁ ନାଚାର। ମୋ ହାତରୁ ଛଡେଇ କଲା ସିଏ । କହିଲା, ମୁଁ କଣ ତମର କେହି ନୁହେଁ ବଡ଼ବୋଉ ? ଖାଲି ତୋ ଡ୍ରେସ କାହିଁକି, ମୋ ଲୁଗାବି କାଚେନା ମୁଁ । ସିଏ ସବୁ କରେ। ରନ୍ଧା ବଢ଼ାଠୁ ଘରଓଳା । ମୋର ବାହାର କାମ ।

-- ତା ବାପମା' ଜାଣିଲେ କଣ କହିବେ, ଭାବିଛୁ ?

--- ସେମାନେ ସବୁ ଜାଣନ୍ତି । କହନ୍ତି ନକଲେ ଶିଖିବ କିମିତି ?

ନିଃଶଙ୍କୋଚରେ ସଫେଇ ଦେଇ ବୋଉ ଚାଲି ଗଲା । ଦିନ ଦି'ଟା ରହଣି ଭିତରେ ମୁଁ 'ବି ଅଭ୍ୟସ୍ତ ହେଇଗଲି ତା ଉପସ୍ଥିତି ସହ । ଅନୁପସ୍ଥିତିରେ ବରଂ ଛଟପଟେଇଲା ମନ ।

ଫେରିବାର ଦିନେ ଦି'ଦିନ ପୂର୍ବର ଘଟଣା । ମାଆ ପୁଅ ବସି ଚାଆ ପିଉଥାଉ । ଚାଆ କରି ରଖି ସିଏ ଚାଲି ଯାଇଥାଏ । ମୌକା ନେଇ ବୋଉ କହିଲା, ଆଉ କେତେଦିନ ମୋତେ ଏକଲା ରଖିଥିବୁ ? ବୋହୂଟିଏ ଆସିବ, ନା ନାଇଁ ? ଅନଉ ଅନଉ ଚାକିରୀ ଚାରି ବର୍ଷ ହବ । ମୁଁ କଣ ସବୁଦିନ ଇମିତି ଟାଣରେ ଥିବି ? ବୟସ ବଢୁଛି । ଶକ୍ତିବି କମୁଚି ।

ମୁଁ ଅନେଇଲି ବୋଉ ମୁହଁକୁ । ଏତକ କହି ବୋଉ କଥା ସାରିବା ପରି ଲାଗିଲାନି । ଆହୁରି ଅନେକ କଥାକୁ ଯିମିତି ଚପେଇ ରଖୁଛି କହିବାକୁ। କହିଲି, ତୁ'ତ ଠିକି ଅଛୁ । ସିଏ ପିଲା ତୋତେ ଫି'କାମରେ ସାହାଯ୍ୟ କରୁଛି । କଣ ଆବଶ୍ୟକ ବୋହୁ ଆଣିବାର ଏତେ ଜଲଦି ? ବୋଉ ବୋଧେ ନିକଟଉ ଥିଲା ମୌକାର । ଛେପ ଢ଼ୋକି କହିଲା, ସେଇ କଥାତ କହୁଛି । ତା'ରତ ପୁଣି ବୟସ ଅଛି । ନା ମୋ ପାଇଁ ଗଡେଇ ଦବ ବାହା ବୟସ ? କୋଉ ଭରଷାରେ ପଡି ରହିବ ଏଠି ?

--- ଭରଷା ମାନେ ? କୋଉ ଭରଷା କଥା କହୁଚୁ ? କିଛି ଭରଷା ଦେଇଚୁ କି ତାକୁ ?

--- ଦେଇଚି । ତୋତେ ନଜଣେଇ । ସିଧା ନହେଲେବି ବୁଲେଇ ବଙ୍କେଇ । ଭରଷା ଦେଇଚି ବୋହୁ କରି ଆଣିବାର । ସିଏ କଣ ତୋ ପାଇଁ ଅଯୋଗ୍ୟା ? ଅସୁନ୍ଦରି, ଅଳସେଇ, ନା ଆଉସବୁ ଝିଅଙ୍କ ଭଳି ଫୁଲ ଫୁଟେଇ ବୁଲୁଚି ଗାଁ ଦାଣ୍ଡରେ ? ଭାରି ବୁଦ୍ଧି ମତୀ, ବୁଝିବାର । ପରମନ ବୁଝିବାର ଢେର କ୍ଷମତା ତାର । ମାଛିକୁ ମ' କହିବନି ସିନା, ନ୍ୟାୟ ଉପରେ ଛାଡିବନି କାହାରିକୁ । ଇମିତି ବୋହୂଟିଏ ଦର୍କାର ମୋର । ମୋ ଘରକୁ ଗୋଟିପଣି ଉପଯୁକ୍ତ । ତୋର କଣ ପସନ୍ଦ ହଉନି ? ପାଠ ଶାଠ ପଢ଼ିଛି । କୋଉ ମୂର୍ଖ, ନା ଅଶିକ୍ଷିତ ? ଶୁ'ଣୁ, ଏବେ ନକହିଲେବି ଭାବି ଚିନ୍ତି କହିବୁ । ମନେ ରଖ ଯିମିତି, ତୋ ବୋଉ ଯାହାବି କରିବ ତୋ ଭଲ ପାଇଁ ।

ବୋଉ ଉତ୍ତାରି ଦେଇ ତା ବୋଝକୁ ମୋ ମଥାରେ ଉଠିଗଲା। ଯିବା ବେଳେ ତା ମୁହଁର ଔଜଲ୍ୟକୁ ମୁଁ ସ୍ୱଷ୍ଟ ଦେଖି ପାରୁଥିଲି । ଆଁ'ଟା କରି ଅନେଇଛି ମୁଁ । କଣ କହିବି ଭାବି ପାରୁନି । ଅବଶ୍ୟ ସହସା କହିବାର ଆବଶ୍ୟକତା ନାଇଁ । ବୋଉ ସମୟ ଦେଇଚି ବୁଝି ବିଚାରି କହିବାକୁ । ମାଇଣ୍ଡ ସେଟଅପ କରିବାର ସୁଯୋଗ ଅବଶ୍ୟ ଦେଇଚି । ଯାହାବି ହଉ, ମୋର ଗୋଟେ ରୁଚି ବିଚାର ଓ ସିଦ୍ଧାନ୍ତ ନେବାର ସ୍ୱାଧୀନତା ଅଛି ବୋଲି ବୋଉର ଅନୁଭବକୁ ଧନ୍ୟବାଦ ଦେଲି । ଏତେ ସ୍ୱାର୍ଥପର ସେ ହେଇ ପାରିବନି ।



ଚିନ୍ତା ଭଉଁରୀରେ ବେଶ କିଛି ସମୟ ଆକ୍ତାମାକ୍ତା ହେବା ପରେ ଏବେ ଅନୁଭବକୁ ଆସୁଛି ଯୋଉ ବୋମାଟି ପକେଇ ଗଲା ବୋଉ, ବିଷାକ୍ତ ଗନ୍ଧ ବଦଳରେ ନାକରେ ବାଜୁଛି ତାର ସୁଗନ୍ଧି । ମୁହ୍ୟମାନ ହେଇ ଆସୁଛି ମନ ମୁହୂର୍ତ୍ତକୁ ମୁହୂର୍ତ୍ତ। ଦିଶି ଯାଉଛି ତା ଅନୁପସ୍ଥିତିରେବି କେତକୀ । ଗୋରା ତକତକ ସୁନା ଶରୀରକୁ ତା ଲାଜଲାଜ ଚାହାଣି ଭାସି ଉଠୁଚି ମନଶ୍ଚକ୍ଷୁରେ । ତା ବିନା ଏ ଘରର ସ୍ଥିତି କଳ୍ପନା କରି ହଉନି । ଯେତିକି ସମୟ ସିଏ ଯାଉଛି, ସେଇ ସମୟ ତକ ଅସହ୍ୟ ହେଉଛି । ଖାଁ ଗୋଡ଼ଉଚି ଘର । ତା ଉପସ୍ଥିତିରେ ସମୟ କିମିତି ବିତୁଛି ଜାଣି ହଉନି । ମୁହଁରେ ନ କହିଲେବି ଅନ୍ତରରେ ଅସ୍ୱୀକାର କରି ପାରିବନି । କହିପାରିବନି ଛାତିରେ ହାତ ଦେଇ ଯେ କେତକୀ ଗୋଟେ ଗୁରୁତ୍ୱହୀନ ଚରିତ୍ର ତା ପାରିବାରର । ବର୍ଷାରେବି ବସନ୍ତର ଅନୁଭବ ସିଏ। ଆଞ୍ଜୁଳେ ଫଗୁଣ ହେଇ ବିଛେଇ ପଡୁଛି ଗୋଟା ଘର । ବାରିରୁ ଦାଣ୍ଡ ସଞ୍ଚରି ଯାଉଛି ମୁହୂର୍ତ୍ତକେ । ବୋଉ କମରରେ ଶତସିଂହର ବଳ । ମନରେ ନଇ ପହଁରି ଯିବାର ଉଦ୍ଧାମତା । ଆରାଜି ହେଲେ, କଣ ହେବ ବୋଉର ଅବସ୍ଥା ? ନିଜେ ସିଏ ରହି ପାରିବ ଘରେ କେତକୀ ବିନା ? କିଜାଣି କାଇଁକି, ଇମିତି ଏକ ଅଜବ ଅନୁଭବ ମଥାରେ ଏବେ ସବାର ହେବାରେ ଲାଗିଛି।

ଛୁଟୀ ସରିବାକୁ ଦି'ଦିନ ଥାଏ। ଅନୁଭବ କଲା, ସନ୍ତର୍ପଣରେ ଜାକିଜୁକି ହେଇ କେତକୀ ଦୁରେଇ ରହୁଛି । ବୋଉର ପ୍ରବଳ ଚେଷ୍ଟା କେତକୀକୁ ମୋ'ସହ ସାମ୍ମୁଖୀନ କରିବାର, ଫସର ଫାଟୁଥାଏ । ନବ ବଧୂପରି ସଂକୁଚିତ ହେଇ କେତକୀ ଲୁଚୁଛି ମୋତେ । କାରଣ କଣ ହେଇପାରେ ବୋଲି ବୋଉକୁ ପଚାରିଲି । କହିଲା, ତା ବାପା ବୋଉଙ୍କୁ ପ୍ରସ୍ତାବ କଥା କହୁଥିବା ବେଳେ ଶୁଣିଥିବ ହୁଏତ । ଜାଣିଲାଣି ଯେତେବେଳେ ସାମ୍ନାକୁ ଆସିବାକୁ ସଂକୋଚ କରୁଛି । ବ୍ୟସ୍ତ ହଅନା, ମୁଁ ସମ୍ଭାଳି ନେବି । ଠିକହେଇଯିବ।

--- ତା ମାନେ ସମସ୍ତେ ସ୍ଥିର ନିର୍ଣ୍ଣିତଯେ କେତକୀ ଆସୁଛି ଏ ଘରକୁ ବୋହୁ ହେଇ ?

--- ତୋ ଦୟା ଆଉ ଭଗବାନଙ୍କ ଇଛା ଥିଲେ। ମୁଁ'ତ ତାକୁ ବୋହୁ କରି ସାରିଛି ମନରେ। ବାକି ଖାଲି ବେଦିରେ ବସିବା।

ଏଥର ଛୁଟୀ କାଟିବା ଭଲ ଲାଗିଲା ଘରେ । ଆସିବା ଦିନ କେତକୀକୁ ଅନୁପସ୍ଥିତ ଦେଖିଲି । ମନ ମରିଗଲା । ବିଶାଦ ଛାଇ ଗଲା ହୃଦୟରେ । ଅଜାଗା ଘାଆକୁ ଘୋଡେଇ ଚାଲିଥାଏ ଗାଁ ଦାଣ୍ଡରେ। କେତକୀଙ୍କ ଘର ଆଗରେ ପହଂଚୁ ପହଂଚୁ ଅମାନିଆଁ ଆଖି ଦଉଡ଼ି ଗଲା । ଅନେଇଲି ଘରକୁ । ଅଧା ଆଉଜା କବାଟକୁ ଧରି କେତକୀ ଠିଆ ହେଇ ଅନେଇଛି। ଢଳଢଳ ତା ଲୁହ ବତୁରା ଆଖିରେ ମିଶି ଗଲା ମୋ ଆଖି । ସେ ତଳକୁ ଅନେଇଲା। ମୁଁ ଆଗକୁ ଅନେଇ ପାଦ ଉଠେଇଲି। ନିର୍ମେଘ ଆକାଶରେ ଅନୁଭବିଲି ଆକସ୍ମାତ ବିଜୁଳିର ଚମକ ।

ସମୟ ଢେର ଅତିକ୍ରାନ୍ତ । କହିବା ବାହୁଲ୍ୟ, ସେଦିନର ସୁନା ହରିଣୀ ଗୋଟା ଜୀବନ ବିତେଇ ଚାଲିଛି ମୋ ପିଞ୍ଜରାରେ ଜୀବନ। କେତକୀ ମୋ ଧର୍ମ ପତ୍ନୀ । ପଞ୍ଚସଠି ବର୍ଷ ବୟସ୍କା ମୋ ପ୍ରଉଢ଼ା ସ୍ତ୍ରୀ । ଏବେବି ପ୍ରାକ ବୈବାହିକ ଜୀବନର ସେ ରୋମାଞ୍ଚ ଭରା ଅନୁଭୂତି ମନେ ପଡେ । ମନେ ପଡିଲେ ଭାରି ଭଲ ଲାଗେ । ଅବସ ଶରୀରରେ ଅନୁଭୂତ ହୁଏ ଅହେତୁକ ଉନ୍ମାଦାନା। ସେଦିନ ଆଉଥରେ ଆସନ୍ତାନି ?

ଟଙ୍କା, ବ୍ୟାଗ ଟେବୁଲରେ ଥୋଇ କେତକୀ, ମାନେ ଆମର ଧର୍ମ ପତ୍ନୀ କହିଲେ, ଟିକେ ସମୟ ପାଇଲେ ବସି ଭାବିଲ । କଣ ଏତେ ଭାବ ? କେତେ ଭାବନା ତମର ଶୁଣେ.. ?

--- ଟିକେ ମନେ ପକାଅତ ଆମ ପ୍ରଥମ ସାକ୍ଷାତର ଦିନକୁ । ମନେ ଅଛି ତମ ରୂପରଙ୍ଗ ଲାଜଲାଜ ଭାବସହ ସରୁ ଚାହାଣି ? ଆଉଥରେ ଦେଖନ୍ତିନି ? ଭାରି ଇଛା ହଉଚି।

--- ବୟସ କେତେ ହେଲା ହିସାବ ରଖିଚ ? ନା ଏବେବି ଭାବୁଛ ନୂଆ ଚାକିରୀ କରା ସେ ରୋମାଣ୍ଟିକ ଯୁବକ ? ଭୁଲି ଯାଅ। ଭଗବାନ ଚାହିଁଲେ ଆର ଜନ୍ମକୁ.. ଓ ହଁ, ଶୀଘ୍ର ଯାଇ ପରିବା ଟିକେ ଧରି ଆସତ । ଭାତ ଫୁଟିଲାଣି । ମୁଁ ଗାଧେଇ ଯାଉଛି ।


କେତକୀ ଦେବି ଚାଲିଗଲେ। ପଛରୁ ଅନେଇଥାଏ ଯୋଡ଼େ ପେଜୁଆ ଆଖି । ଭାବୁଥାଏ, ଗତ କାଲି ଆଉ ଆଜି ଭିତରେ ସତେ କେତେ ବ୍ୟବଧାନ । ଗୋଟା ଜୀବନ, ଗୋଟା ଯୁଗ..।

+ଚନ୍ଦନବିନ୍ଧା,
ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ସବୁ ବଦଳି ଗଲା

**ଶଶିକାନ୍ତ ମେହେର**

ତାର କଣ ଭୁଲ୍ ଯେ ? ଭୁଲ୍ ପରା ମୋର ! ଆଉ ଏଠି ତ ଜାଣ କେବେକାର କେଉଁ ଗୋଟିଏ ଛୋଟ ଭୁଲ୍ ଭୁଲେଇ ଦିଏ ଅନେକ ଆମର କରିଥିବା ଭଲ କାମ । ହଁ ହେଇଥାଇପାରେ ମୋର ଭୁଲ୍ ! ହେଲେ ଏବେ ମୁଁ ମୋ ଭୁଲ୍ କେଉଁଟା ମୁଁ ଜାଣିପାରିନି । କେବଳ ତା ଖୁସି ପାଇଁ ହିଁ ଆପଣାଇ ନିଏ ସବୁଯାକ ମୋ ଭୁଲ୍ ।



ଲୋକେ ସମୟ ବଦଳେ କହନ୍ତି । ହେଲେ ସେକଥା କେତେ ସତ ସେଟା ଜାଣିନି କିନ୍ତୁ ଏବେ ଦେଖିଲି ଲୋକଙ୍କର ବଦଳିବା ଚେହେରା । ଯେବେ ସେ ବଦଳିଗଲା, ସେ ମୋ ଆଗରେ ରହିଲା ଏକ ଅଚିହ୍ନା ପରି !

ମୋ ମନ ଦିନେ ଯାହାର ସବୁ ଭଲ ମନ୍ଦ ଦୁଃଖ ସୁଖ ବୁଝୁଥିଲା ସେ ମନ ତାକୁ କେମିତି ଭୁଲିବ ଏତେ ସହଜରେ ? ହେଲେ ଯେତିକି ମନେ ପଡ଼ିଲେ ବି ସହି ରହିଯାଏ ଏବେ ! ଅନେକ ଥର ତା' ନମ୍ବରକୁ ହାତ ଗଲାଣି ହେଲେ ଫେରିଆସେ ତୁରନ୍ତ ! ଅନେକ ଥର ତା ନମ୍ବରରେ ମେସେଜ୍ କରିବାକୁ ଇଚ୍ଛା ହେଲେ ପୁଣି ଫେରିଆସେ ପଛଘୁଂଚା ଦେଇ। କାରଣ ତା କଥା ମନେ ପଡେ ସବୁବେଳେ ଯେଉଁ କହିଥିଲା; 'ତୁ ମୋ ସହ କଥା ହେବୁନି'। ବାସ୍ ସେଥିପାଇଁ ପୁଣି ଭାବେ, ମୋ କଥା ନହେବାରୁ ସେ ଖୁସି ଅଛି ହେଲେ ପୁଣି ମୁଁ କାହିଁକି ତାକୁ ଡିଷ୍ଟ୍ରବ କରିବି ।

ଏବେ ବି ଅନେକ ଥର ଦୁହେଁ ଥାଉ । ହେଲେ ଠିକ୍ ସେମିତି କରେ ଯେମିତି ମୋତେ ସେ ଜାଣିନି । ଆଗେ ମୋତେ ଦେଖି ଯେ ବାହାରି ଆସୁଥିଲା ହେଲେ ଆଜି ସେ ମୋତେ ଦେଖି ଲୁଚି ଯାଏ । ହଁ ସେ ଲୁଚି ପାରେ ହେଲେ ସେ ଜାଣିନି ସେ ଯେଉଁଠି ଗଲେବି ସେ ସବୁବେଳେ ମୋ ହୃଦୟ ଭିତରେ ।

ଏବେ ଅନେକ ଥର ଦର୍ଶନ ମିଲେ କେବଳ ତା ଫଟୋକୁ । ତାକୁ ଆଉ ସମ୍ମୁଖରୁ ତା ଆଖି ରେ ଆଖି ମିଲାଇବା ଯୁଗ ନାହିଁ। ଏବେ ଏଇ କର୍ଣ୍ଣ ଶୁଣେ ତା ମିଠା ସ୍ୱର କେବଳ ତା ସହ ସ୍ମୃତି ଆକାରେ ଥିବା ପୁରୁଣା କେତେ ଭିଡିଓରୁ । ସତେ ସବୁ ବଦଳି ଗଲା। ଏହାର ଆଭାସ ହେଲାନି । ନିମିଷକରେ ପାଲଟି ଗଲା ମନ୍ଦିର ସ୍ମଶାନ , ଚିହ୍ନା ପାଲଟିଗଲା ଅଚିହ୍ନା , ଫୁଲ ଫଳରେ ପରିପୂର୍ଣ୍ଣ ଥିବା ଗଛ ଆଜି ସବୁ ଶୂନ୍ୟ !

ଏଇ କିଛି ଦିନ ପୂର୍ବେ ଯେବେ ତାର କେଇ ପାଦ ଦୂରେ ଥାଇ ଶୁଣୁ ଥାଏ ତା କେଇ ପଦ କଥା । ଲାଗୁଥାଏ ବୋଧେ ତା ଦେହ ଭଲ ନାହିଁ ! ତାକୁ ବୋଧେ ଥଣ୍ଡା ଜ୍ୱର ନା କାଶ ହେଉଛି ! ପଚାରିବାକୁ ଚାହୁଁଥାଏ ଅନେକ। ହେଲେ ପୁଣି ମନେ ପଡେ ତା' କହିଥିବା କଥା, ତୁ ମୋ ସହ କଥା ହେବୁନି । ବାସ୍ ତା ପରେ, ଏପଟେ ମୁଁ ନିଜ ହୃଦୟରେ ଚାପିରଖେ ସବୁ ଭାବନା । ପ୍ରାଥନା କରୁଥାଏ ସେ ଭଲ ହେଇଯାଉ । ଶୁଣିଥିଲି ଦରଦୀ ମନିଷର ଡାକ ଭଗବାନ ଶୁଣନ୍ତି ? ତାହେଲେ ସେ ନିଶ୍ଚୟ ଭଲ ହେଇଯାଇଥିବ .....।

+ଜମଲା, ପଦ୍ମପୁର, ବରଗଡ଼

# ହୃଦୟ ପରିବର୍ତ୍ତନ

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ହାଡଭଙ୍ଗା ଶୀତ । କଲିଜାଥରା ଜାଡରେ ହାତଗୋଡ କୋଲ ମାରି ଯାଉଥାଏ । ଚାରିଆଡେ ଶୂନଶାନ, ଖାଁ ଖାଁ। କାଳି କିଟିକିଟି ଅନ୍ଧାର ରାତିରେ କିଏ କୁଆଡେ ଆଖିକି ଦିଶୁ ନଥାନ୍ତି । ତେଣେ ଜଡସଡ ଶୀତ ରାତିରେ କେତେଗୁଡିଏ ବାସହରା ଲୋକ ଖୋଲା ଆକାଶ ତଳେ ଫୁଙ୍ଗୁଳା ଦେହରେ ଗୋଟାପଣେ ଥରୁଥାନ୍ତି ବରଡା ପତ୍ର ଭଳି । ବିଚରା ସେମାନଙ୍କ ବିକଳ ଅବସ୍ଥା ଦେଖି ଜଣେ ଗରୀବ ବ୍ୟକ୍ତି ଦୟାରେ ବିଗଳିତ ହୋଇପଡିଲେ । ତାପରେ ଦରଦୀ ବ୍ୟକ୍ତି ଜଣକ ନିଜ ସଂଚିତ ପଇସାରୁ କିଛି ପଇସା ଅଲଗା କରି ରଖିଲେ । ପୁଣି ମୁଷ୍ଟିମେୟ ଦୟାଳୁ ଲୋକଙ୍କଠୁ ଆଉ କିଛି ପଇସାପତ୍ର ସଂଗ୍ରହ କରି ଏକାଠି କଲେ । ସେତିକି ପଇସାରେ ସେ ବଜାରରୁ କମ୍ବଳଗୁଡେ ଖରିଦ କରିଆଣିଲେ । ପ୍ରତିଦିନ ରାତିରେ ସେ ସହରର ଗୋଟେ ଛକ ଜାଗାକୁ ଯାଆନ୍ତି ଏବଂ ଗରିବ, ଅଭାବୀ, ନିଃସ୍ୱ ଦୀନହୀନ, ନିର୍ଦ୍ଧନ ଲୋକଙ୍କୁ କମ୍ବଳ ବଂଟାବଂଟି କରି ଫେରିଆସନ୍ତି ଘରକୁ ।



ଏହାଦେଖି ଚୋର ଆଉ ନିଜକୁ ସମ୍ଭାଳି ପାରିଲାନି । ଦିନେ ଅଧରାତିରେ କମ୍ବଳ ଚୋରୀ କରିବା ଲାଗି ମନ ତାର ଉଛନ୍ନ ହେଲା । ଆଉ ଉଛୁର ନ କରି ଧପାଲିଲା ସେ ଗରୀବ ଲୋକର ଘର ଆଡେ । ଚୋର ଦେଖିଲା ସେଇ ଦାନୀ ଲୋକଟି ପୁରୁଣା, ବହଳେ ମଇଳା କୋତରା ଲଗା କମ୍ବଳଟିଏ ଘୋଡିଘାଡି ହୋଇ ଗାଢ ନିଦରେ ଶୋଇଯାଇଛି । ଏହାଦେଖି ଚୋର କାବାକାଠ ପାଲଟିଗଲା । ଦାନୀ ଲୋକଟିକୁ ନିଦରୁ ଉଠେଇ ପଚାରିଲା -ତୁମ ପାଖରେ ଏତେଗୁଡେ କମ୍ବଳ ଥାଉ ଥାଉ ଏମିତି ସାତସିଆଁ ପୁରୁଣା କମ୍ବଳ କାହିଁକି ଘୋଡେଇ ହୋଇ ଶୋଇଛ ? ତହୁଁ ଦାନୀ ଲୋକ ଜଣକ ବେଶ୍ ନମ୍ର ଭାବରେ ବୁଝାଇଲେ -ଦେଖ ,ଏସବୁ କମ୍ବଳ ଖରିଦ ହୋଇଛି କେବଳ ଦାନ ପାଇଁ। ଏସବୁ ଉପରେ ମୁଁ କଣ କେବେ ନିଜ ଅଧିକାର ସାବ୍ୟସ୍ତ କରିପାରିବି ? ଯଦି ମୁଁ ୟା ଉପରେ ନିଜର ହକ ଜାହିର କରିବି ତେବେ ଏହା ଦୁର୍ନୀତି ଭ୍ରଷ୍ଟାଚାର କରିବା ଛଡା ଆଉ କିଛି ନ ହୋଇପାରେ । ଜଣେ ମାମୁଲି ବ୍ୟକ୍ତିର ଉଚ୍ଚ ବିଚାର ଦେଖି ଚୋର ହୃଦୟରେ ବିରାଟ ପରବର୍ତନ ଘଟିଲା । ପକେଟ ଅଣ୍ଡାଳି ଅଣ୍ଡାଳି କିଛି ପଇସା କାଢି ସେ ଗରୀବ ଦାନୀ ବ୍ୟକ୍ତିଙ୍କୁ ଦେଇ କହିଲା - ମୋ ଆଡୁ ଆଉ ଗୋଟେ କମ୍ବଳ କିଣି ବାଂଟିଦେବେ ।

+୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ଜୟନ୍ତୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରେନ୍ ମିତ୍ରଙ୍କ ୧୦୫ତମ ଜୟନ୍ତୀ ଅବସରରେ ଶନିବାର ସକାଳେ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏହି ଜନନେତାଙ୍କ ପ୍ରତିମୂର୍ତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗଏବଂ ବୀରେନ୍ ମିତ୍ର ଫାଉଣ୍ଡେସନ କମିଟିର ମିଳିତ ଆନୁକୂଲ୍ୟରେ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମେତ ଉତ୍କଳ ସମ୍ମିଳନୀ ଏବଂ ଉଇ ଫର ଭୁବନେଶ୍ୱର ଆଦି ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଯୋଗଦେଇ ବିରେନ୍ ମିତ୍ରଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ବୀରେନ ମିତ୍ରଙ୍କ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି ବିଧାୟକ ଶ୍ରୀ ସାମଲ କହିଲେ ଯେ, ବୀରେନ୍ ମିତ୍ର ଜଣେ ଲୋକପ୍ରିୟ ଜନପ୍ରତିନିଧି ଓ ଦକ୍ଷ ସଂଗଠକ ଥିଲେ । ଜଣେହୃଦୟବାନ ବ୍ୟକ୍ତିତ୍ୱ, ନିଃସ୍ୱାର୍ଥପର ସମାଜସେବୀ ଏବଂ ସ୍ୱାଧୀନୋତର ଓଡିଶାର ଉନ୍ନତି ଓ ରାଜନୈତିକ ପଟ୍ଟଭୂମିରେ ବୀରେନ୍ ମିତ୍ରଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ହୋଇ ରହିବେ ବୋଲି ଶ୍ରୀ ସାମଲ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ବରିଷ୍ଠ ସୂଚନା ଅଧିକାରୀ ତଥା ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ବିଭାଗର ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ରହି ବୀରେନ୍ ମିତ୍ରଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ 'ଉଇ ଫର ଭୁବନେଶ୍ୱର' ଅନୁଷ୍ଠାନ ତରଫରୁ ବୀରେନ୍ ମିତ୍ର ଫାଉଣ୍ଡେସନର ଯୁଗ୍ମ ସଂପାଦକ ସୁଧାଂଶୁ ଶେଖର ତ୍ରିପାଠୀଙ୍କ ସହ ୫ଜଣ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏମ୍ସ ଭୁବନେଶ୍ୱରରେ ଅଙ୍ଗ ଦାନ ସଚେତନତା କର୍ମଶାଳା

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ପ୍ରତ୍ୟେକ ଦିନ ଅଙ୍ଗ ପ୍ରତିରୋପଣ ଅପେକ୍ଷାରେ ୧୭ଜଣଙ୍କର ମୃତ୍ୟୁ ଘଟିଥାଏ । ପ୍ରତି ଦଶ ମିନିଟରେ ଟ୍ରାନ୍ସପ୍ଲାଂଟ ଅପେକ୍ଷାରେ ଥିବା ତାଲିକାରେ ଆଉ ଜଣେ ବ୍ୟକ୍ତି ମିଶିଥାଆନ୍ତି । ଜଣେ ଅଙ୍ଗଦାତା ୮ ଟି ମୂଲ୍ୟବାନ ଜୀବନ ବଂଚାଇଥାଆନ୍ତି । ତେଣୁ ବ୍ରେନ୍ ଡେଡ୍ ଅବସ୍ଥାରେ ଅଙ୍ଗ ଦାନ ବର୍ତମାନ ସମୟର ବଡ଼ ଆହ୍ୱାନ ବୋଲି ଆଜି ଏମ୍ସ ଭୁବନେଶ୍ୱରରେ ସର୍ଜିକାଲ୍ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ବିଭାଗ ପକ୍ଷରୁ ଆୟୋଜିତ "ଅଙ୍ଗ ଦାନ ସଚେତନତା" କର୍ମଶାଳା ଏବଂ ନିରନ୍ତର ମେଡିକାଲ୍ ଏଜୁକେସନ୍ (ସିଏମ୍ଇ) କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜାତୀୟ ଖ୍ୟାତିସମ୍ପନ୍ନ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି । ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ଉପଯୁକ୍ତ ଦାତା ତଥା ପ୍ରାପ୍ତକର୍ତା ବାଛିବା, ଅଙ୍ଗ ଆବଣ୍ଟନ, ଦୁଃଖରେ ଥିବା ପରିବାରକୁ ପରାମର୍ଶ ଏବଂ ବ୍ୟାପକ ଗୁଣାତ୍ମକ କ୍ଲିନିକାଲ୍ ଯତ୍ନ ଉପରେ ଦେଶର ଜଣାଶୁଣା ଅର୍ଗାନ ଟ୍ରାନ୍ସପ୍ଲାଂଟ କ୍ଷେତ୍ରର ବିଶିଷ୍ଟ ବକ୍ତାମାନେ ମତ ରଖିଥିଲେ । ଏହି ବ୍ୟବସ୍ଥା ଦେଶ ତଥା ରାଜ୍ୟରେ ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ । ଆଇସିୟୁରୁ ବ୍ୟକ୍ତିକୁ ବ୍ରେନ୍ ଡେଡ(ମସ୍ତିଷ୍କ ମୃତ୍ୟୁ) ଘୋଷଣା କରିବାରେ ନ୍ୟୁରୋ ଚିକିତ୍ସକ ଏବଂ କ୍ରିଟିକାଲ୍ କେୟାର ସେବାପ୍ରଦାନକାରୀ ଚିକିତ୍ସକଙ୍କ ପ୍ରମୁଖ ଭୂମିକା ରହିଥିବା ପ୍ରକାଶ କରିଛନ୍ତି ଏମ୍ସ ଭୁବନେଶ୍ୱରର ସଭାପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ । ନ୍ୟାସନାଲ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ୍ (ନୋଟୋ) ର ମିଳିତ ସହଯୋଗରେ ଆୟୋଜିତ ଏହି ଦିନିକିଆ କର୍ମଶାଳାରେ ପିଜିଆଇଏମ୍ଇଆର୍ ଚଣ୍ଡିଗଡର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ୱାଇ କେ ଚାଓ୍ୱଲା, ପୁଲିସ୍ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ନୋଟୋ ନିର୍ଦ୍ଦେଶକ ଡ. କ୍ରିସନ୍ କୁମାର, ପ୍ରଫେସର ବିପିନ କୌଶଲ୍, ପ୍ରଫେସର ଭିନିଏନ୍ଦ୍ର ପାମେଚା, ହେଡ, ଲିଭର ଟ୍ରାନ୍ସପ୍ଲା ଂଟେସନ୍, ଆଇଏଲବିଏସ୍, ନୂଆଦିଲ୍ଲୀ, ଡ. ଦୀନେଶ କୁମାର ନେଗି, ଆଇନ ବିଶେଷଜ୍ଞ, ହିନ୍ଦୁରାଓ ଡାକ୍ତରଖାନା, ଦିଲ୍ଲୀ, ପ୍ରଫେସର ଦୀପକ କୁମାର ଗୁପ୍ତା, ଜେପିଏନ୍ଏ ଟ୍ରମା ସେଂଟର, ଏମ୍ସ ନୂଆଦିଲ୍ଲୀ, ଡ. ଆଶିଷ କୁମାର ସାହୁ, ଡ. ସୁନୀଲ ଶ୍ରଫ, ଶ୍ରୀମତୀ ପଲ୍ଲଭି କୁମାରୀ, ଡ. ଅର୍ଚ୍ଚନା କୁମାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏମ୍ସ ଭୁବନେଶ୍ୱରରେ ବିଭିନ୍ନ ଟ୍ରାନ୍ସପ୍ଲାଂଟ ସେବା ଆରମ୍ଭ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବା ନେଇ ପ୍ରୟାସ ଜାରି ରହିଥିବା ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି । ଏହି କର୍ମଶାଳାରେ ଏମ୍ସ ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଏସ୍ ଏନ ମହାନ୍ତି, ଡିନ୍ ଡକ୍ଟର ପି ଆର ମହାପାତ୍ର, ଡିଡିଏ ରଶ୍ମି ରଂଜନ ସେଠୀ ପ୍ରମୁଖ ଅଂଶଗ୍ରହଣ କରି ବହୁମୂଲ୍ୟ ବକ୍ତବ୍ୟ ରଖିଥଲେ । ଏହି କର୍ମଶାଳାରେ ଅଙ୍ଗଦାନ ଏବଂ ପ୍ରତିରୋପଣ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଆନାସ୍ଥେସିଓଲୋଜିଷ୍ଟ, ନ୍ୟୁରୋ ସର୍ଜନ, ସ୍ନାୟୁବିଜ୍ଞାନୀ, ଆଘାତ ଏବଂ ଜରୁରୀକାଳୀନ ଚିକିତ୍ସକ, ସର୍ଜନ, ଫରେନସିକ୍ ମେଡିସିନ୍, କମ୍ୟୁନିଟି ମେଡିସିନ୍ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ସରକାରୀ କ୍ଷେତ୍ରରେ ଲିଭର ଟ୍ରାନ୍ସପ୍ଲାଂଟ ସର୍ଜରୀ ଆରମ୍ଭ କରିଥିବା ପ୍ରଫେସର ଭିନିଏନ୍ଦ୍ର ପାମେଚାଙ୍କ ସହ ପ୍ରଫେସର ଦୀପେଶ କେନଓ୍ୱାର, ପ୍ରଫେସର ବିପିନ କୌଶଲଙ୍କୁ ଏହି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଜିର କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା । ସେହିଭଳି ଯକୃତ ପ୍ରତିରୋପଣକାରୀ ଉମା ଆଚାର୍ଯ୍ୟ ତାଙ୍କ ଅଭିଜ୍ଞତା ବାଂଟିବା ସହିତ ଅଙ୍ଗ ପ୍ରତିରୋପଣ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଲିଭର୍ ଗ୍ରହଣ କରିବା ପରେ ସେ ପୁନର୍ଜନ୍ମ ପାଇଥିବା ଏବଂ ତାଙ୍କ ଜୀବନ ପରିବର୍ତନକାରୀ କାହାଣୀ ଉପସ୍ଥିତ ସମସ୍ତଙ୍କୁ ଅଙ୍ଗ ଦାନ ନିମନ୍ତେ ପ୍ରେରଣା ଦେଇଥିଲା । ଆସନ୍ତାକାଲି (ରବିବାର) ସକାଳେ ଏମ୍ସ ପକ୍ଷରୁ ୱାକାଥନ୍ ଆୟୋଜିତ ହେବ । ଏହି ୱାକାଥନ୍ ରେ ହକି ଇଣ୍ଡିଆ ଅଧକ୍ଷ ତଥା ବିଶିଷ୍ଟ ହକି ତାରକା ଦିଲ୍ଲୀପ ତିର୍କୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିଷ୍ପତିକ୍ରମେ ଶନିବାର "ସମ୍ବିଧାନ ଦିବସ" କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ "ଆମ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ଆଜି ସୁରକ୍ଷିତ କି"? ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ସଭାପତିତ୍ୱ କରିଥିଲେ ଏବଂ ସେବାଦଳ ଅଧକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏହାକୁ ପରିଚାଳନା କରିଥିଲେ ଓ ଶେଷରେ ମୁଖପାତ୍ର ଅମିୟ ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଜଷ୍ଟିସ ମନୋରଞ୍ଜନ ମହାନ୍ତି କହିଲେ ଯେ, ଭାରତ ବର୍ଷରେ ଏକ ନିର୍ଦ୍ଦିଷ୍ଟ କୁଚକ୍ରୀ ଗୋଷ୍ଠି ଆଜି ଭାରତବର୍ଷର ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନକୁ ଦୁର୍ବଳ କରିବାପାଇଁ ଉଦ୍ୟମ ଜାରି ରଖିଛନ୍ତି । ସ୍ୱାଧୀନତାର ପରେ ପରେ ଏହି ଭିନ୍ନ ଚିନ୍ତାଧାରା ବ୍ୟକ୍ତିବିଶେଷ ବା ଗୋଷ୍ଠିମାନେ ଗାନ୍ଧୀ ଓ ନେହେରୁଙ୍କ ଚିନ୍ତାଧାରାକୁ ଆଜି ସଂପୂର୍ଣ୍ଣ ନଷ୍ଟଭ୍ରଷ୍ଟ କରିଦେବାକୁ ବସିଛନ୍ତି । ଆଜି ଯେଉଁ ଭାରତବର୍ଷ ଆମେ ଦେଖୁଛୁ ବା ଦ୍ୱିତୀୟ ଗଣତନ୍ତ୍ର ରାଷ୍ଟ୍ରଭାବେ ନିଜକୁ ଗର୍ବିତ ଅନୁଭବ କରୁଛୁ ସେ ସବୁର ମୂଳଦୁଆ ହେଉଛି ସ୍ୱାଧୀନ ଭାରତବର୍ଷର ହୃତପିଣ୍ଡ ସମ୍ବିଧାନ ପାଇଁ । ଗାନ୍ଧୀ ଓ ନେହେରୁଙ୍କ ଚିନ୍ତାଧାରାକୁ କେବେ ବଦଳାଯାଇ ପାରିବ ନାହିଁ ।

ବରିଷ୍ଠ ସାମ୍ବାଦିକ କେଦାର ମିଶ୍ର ପ୍ରମୁଖ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦଙ୍କୁ ନିଜ ବକ୍ତବ୍ୟରେ କହିଥିଲେ ଯେ, ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଆରଏସଏସ ଏବଂ ହିନ୍ଦୁ ମହାସଂଘ କେବେ ଅଂଶଗ୍ରହଣ କରିନଥିଲେ । ଭାରତ ଛାଡ଼ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନକୁ ସେମାନେ ବିରୋଧ କରିବା ସହିତ ବ୍ରିଟିଶ ସରକାରକୁ ସହଯୋଗ କରିବା ଏବଂ ଜାତୀୟ କଂଗ୍ରେସକୁ ଘୋର ବିରୋଧ କରିବା ଏମାନଙ୍କର ଧର୍ମ ଓ କର୍ତବ୍ୟ ଥିଲା । ଜାତୀୟ ପତାକାକୁ ଆରଏସଏସ ନିଜ କାର୍ଯ୍ୟାଳୟରେ ଦୀର୍ଘବର୍ଷ ଧରି ଉଡାଇନଥିଲା । ସମ୍ମାନୀତ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କହିଲେ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏବଂ ବି ଆର ଆମ୍ବେଦକର ଏବଂ ବହୁ ମନୀଷମାନେ ଆମ ସମ୍ବିଧାନକୁ ପ୍ରସ୍ତୁତ କରିଥିଲେ । ଆମ ସମ୍ବିଧାନ ଯୋଗୁଁ ଆଜି ଆମ ଗଣତନ୍ତ୍ର ଅଛି କିନ୍ତୁ ୨୦୧୪ ମସିହା ଠାରୁ ବହୁ ମାତ୍ରାରେ ଆମ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ଉପରେ ବିଜେପି ସରକାର ଆରଏସଏସ ଇଙ୍ଗିତରେ ନଷ୍ଟଭ୍ରଷ୍ଟ କରିବାକୁ ଲାଗିପଡ଼ିଛନ୍ତି ଏବଂ ଏଥିରେ ସେମାନେ ମଧ ବହୁ କିଛି ସଫଳତା ପାଇଲେଣି । ଯାହାକି ଆମ ଦେଶପାଇଁ ଓ ଆମ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଘଡ଼ିସନ୍ଧି ମୂହୁର୍ତ୍ତ । ସୁପ୍ରିମ କୋର୍ଟର ବିଚାରପତି ମାନଙ୍କ ନିଯୁକ୍ତିର ସ୍ୱଚ୍ଛତା ନରଖି କିଭଳି ଯେଉଁ ବିଚାରପତି ମାନେ ତାଙ୍କ ଅଧିନରେ ରହିବେ ସେମାନଙ୍କ ନାମ ସୁପାରିଶ କରାଯିବା ପାଇଁ ଚେଷ୍ଟା ଚାଲିଛି । କଲେଜିୟମ ସିଷ୍ଟମକୁ ସିଧାସଳଖ ବିରୋଧ କରାଯାଉଛି । ନିର୍ବାଚନ ଆୟୋଗର ସଦସ୍ୟମାନଙ୍କୁ ନିଜ ହାତମୁଠାରେ ରଖାଯାଉଛି । ପ୍ରସାଦ ହରିଚନ୍ଦନ କହିଥିଲେ ଯେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ବିଜେଡ଼ି ସରକାର ଉଭୟ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନକୁ ଦୁର୍ବଳ କରୁଛନ୍ତି । ଆଜି ଉଭୟ ବିଜେପି ଓ ବିଜେଡ଼ି ଉଭୟ ଗାନ୍ଧୀ, ନେହେରୁଙ୍କ ପ୍ରତି ଅସହିଷ୍ଣୁ ହୋଇପଡ଼ିଛନ୍ତି । ଆଜି ଯେଉଁଭଳି ଭାବରେ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକୁ ଦୁର୍ବଳ କରିବାରେ ବିଜେପି ଉଦ୍ୟମ କରୁଛି ତାକୁ ସଫଳ କରିବାପାଇଁ ବିଜେଡ଼ି ସାହାଯ୍ୟ କରୁଛି ବୋଲି କହିଥିଲେ ।

# ପୁରୀ ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଚଳିତ ମାସରେ ସ୍ପେସିଆଲ ଡ୍ରାଇଭ କାର୍ଯ୍ୟକ୍ରମ

ପୁରୀ, ୨୭/୧୧ (ନି.ପ୍ର): ରାଜ୍ୟ ପରିବହନ ବିଭାଗ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଓ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସପି କନଓ୍ୱର ବିଶାଲ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପୁରୀ ସଦର ଥାନା ଛକ ସମେତ ସହର ଓ ଜିଲ୍ଲାର ବିଭିନ୍ନ ଛକ ମାନଙ୍କରେ ସ୍ପେସିଆଲ ଡ୍ରାଇଭ କାର୍ଯ୍ୟକ୍ରମରେ ଶହ ଶହ ଗାଡି ମୋଟର ଯାଂଚ୍ କରାଯାଇଥିଲା । ନଭେମ୍ବର ୧ ରୁ ୨୫ ତାରିଖ ଯାଏ ଅନୁଷ୍ଠିତ ଏହି ସ୍ପେସିଆଲ ଡ୍ରାଇଭ ଅଭିଯାନରେ ଗାଡି ଚାଳକଙ୍କ ଡ୍ରିଏଲ ଚେକିଂରେ ୫୯୮ ଜଣଙ୍କୁ, ସିଟ ବେଲ୍ଟ ଚେକିଂରେ ୪୨ ଜଣଙ୍କୁ ଜୋରିମାନା, ହେଲମେଟ ଚେକିଂ କରାଯାଇ ୩୪୦ ଜଣଙ୍କୁ ଫାଇନ ସହିତ ଗାଡି ଜବତ, ଓଭର ସ୍ପିଡ୍ ପାଇଁ ୪୦୨ ଜଣଙ୍କୁ, ଗାଡି ଚଳାଇବା ବେଳେ ମୋବାଇଲ ୟୁଜ ପାଇଁ ୨୪ ଜଣଙ୍କୁ, ୩୦ ଜଣ ମଦୁଆ ଗାଡି ଚାଳକଙ୍କୁ ଫାଇନ ସହିତ ଗାଡି ଜବତ, ମାଲଗାଡିରେ ପାସେଞ୍ଜର ନେବା ଅଭିଯୋଗରେ ୬ ଟି ଗାଡିକୁ, ୧୫୫ ଜଣ ବିନା ଇନ୍ସୁରେନ୍ସ ଗାଡି ଚାଳକଙ୍କୁ, ୮ ଗୋଟି ଓଭର ଲୋଡିଙ୍ଗ ଗାଡି ଚାଳକଙ୍କୁ ଜୋରିମାନା କରାଯାଇଛି । ସମୁଦାୟ ୧୩୦୩ ଜଣଙ୍କ ନାଁ ରେ ଇ -ଚାଲାଣ କରାଯାଇ ସମୁଦାୟ ୨୫ ଲକ୍ଷ ୫୪ ହଜାର ୨୩୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି ଏବଂ ବକେୟା ୬୭ ଲକ୍ଷ ୮୭ ହଜାର ୯୦୫ ଜୋରିମାନା ଟଙ୍କା ବିଭାଗୀୟ ଅଫିସରେ ଗାଡି ମାଲିକ ଓ ଡ୍ରାଇଭରଙ୍କ ଠାରୁ ଖୁବ ଶୀଘ୍ର ଆଦାୟ କରାଯିବ । ଅନେକ ଡ୍ରିଏଲକୁ ବାତିଲ କରାଯାଇ ଗାଡି ଚାଳକ ନାଁରେ ବିଭିନ୍ନ ମାମଲା ରୁଜୁ ହୋଇଛି । ସହର ତଥା ଜିଲ୍ଲାରେ ଦୁର୍ଘଟଣା ହାର ଓ ମୃତ୍ୟୁ ହାର ବୃଦ୍ଧି ପାଇଥିବାରୁ ଜିଲ୍ଲାର ବୃହତର ସ୍ୱାର୍ଥ ଦୃଷ୍ଟିରୁ ସାଧାରଣ ଲୋକ ଓ ପର୍ଯ୍ୟଟକଙ୍କ ଧନ ଜୀବନ ସୁରକ୍ଷା ଲାଗି ଆଗକୁ ଏ ଅଭିଯାନକୁ ଆହୁରି କଡାକଡି କରାଯିବ ଏବଂ ଲୋକେ ଯେମିତି ଅଯଥାରେ ଦଶ ହଜାର, ପନ୍ଦର ହଜାର ଟଙ୍କା ଫାଇନ ନ ଦେବେ ଏବଂ ନିଶାଗ୍ରସ୍ତ ଅବସ୍ଥାରେ ଗାଡି ନ ଚଳାଇବାକୁ, ଟ୍ରାଫିକ ନିୟମକୁ ଶୃଙ୍ଖଳାର ସହିତ ମାନିବାକୁ ଓ ଜିଲ୍ଲାରେ ଦୁର୍ଘଟଣା ମୃତ୍ୟୁ ହାରକୁ କିଭଳି ରୋକାଯାଇପାରିବ । ଏଥିପାଇଁ ପୁରୀ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ସହର ତଥା ଜିଲ୍ଲା ବାସୀଙ୍କୁ ନିବେଦନ କରିଛନ୍ତି । ଏନେଇ ସହର ତଥା ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୋଲିସ ସହାୟତାରେ ଏ ଅଭିଯାନକୁ ଆହୁରି ବ୍ୟାପକ କରାଯିବ ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଆରଟିଓ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି ମେଗା ଅଭିଯାନରେ ଆରଟିଓ ଶ୍ରୀ ପଟ୍ଟନାୟକଙ୍କ ସମେତ ଏମଭିଆଇ, ଆସିଷ୍ଟାଂଟ ଏମଭିଆଇ, ଟିଆଇ ଓ ବିଭିନ୍ନ ପୋଲିସ ଅଧିକାରୀ ପ୍ରମୁଖ ଉଭୟ ବିଭାଗର ସମସ୍ତ ଅଧିକାରୀ କର୍ମଚାରୀ ସାମିଲ ଥିଲେ ।

# ଜାତୀୟ ଦୁଗ୍ଧ ଦିବସ ପାଳିତ : ଦୁଗ୍ଧଜାତ ଦ୍ରବ୍ୟ ଉପରୁ ଜି.ଏସ୍.ଟି. ଛାଡ ଦାବି - ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଆନୁକୂଲ୍ୟରେ ଭାରତ ବର୍ଷର "ଶ୍ୱେତ ବିପ୍ଲବର ଜନକ" ଡକ୍ଟର ଭର୍ଗିଜ୍ କୁରିଆନ୍ଙ୍କ ଜନ୍ମ ଦିବସ ଅବସରରେ ଜାତୀୟ ଦୁଗ୍ଧଦିବସ ପାଳିତ ହୋଇଯାଇଅଛି । ସ୍ଥାନୀୟ ଲୋହିଆ ଭବନଠାରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ରାଜ୍ୟ ଅଧ୍ୟକ୍ଷ ରବି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମହାସଂଘର ଉପସଭାପତି ଦୁଃଶାସନ ମହାପାତ୍ର ଡକ୍ଟର କୁରିଆନ୍ଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ । ଭାରତ ଭଳି ଏକ ଗରିବ ଦେଶକୁ ଦୁଗ୍ଧ ବନ୍ୟାର ବିପ୍ଳବର ଜନକ ଭାବରେ ସେ ବିଶ୍ୱର ପ୍ରଥମ ଦୁଗ୍ଧଉତ୍ପାଦନକାରୀ ଦେଶ ଭାବରେ ଶୀର୍ଷରେ ସ୍ଥାନିତ କରିବାରେ ମୁଖ୍ୟ କର୍ଣ୍ଣଧାର ଥିଲେ ବୋଲି ଶ୍ରୀ ମହାପାତ୍ର କହିଥିଲେ । ମହାସଂଘର ସମ୍ପାଦକ ନାରାୟଣ ଡାଳୁଆ ଜାତୀତୟ ଦୁଗ୍ଧ ଦିବସର ମହତ୍ୱ ଉପରେ ଆଲୋକପାତ କରି ଅପପୁଷ୍ଟି ଓ ରକ୍ତହୀନତା ଦୂର ପାଇଁ ଆଇ.ସି.ଡି.ଏସ୍. ଓ ମଧ୍ୟାହ୍ନ ଭୋଜନରେ ଦୁଗ୍ଧଜାତ ଦ୍ରବ୍ୟ ଓ ପନିର, ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଏବଂ ସ୍କୁଲ୍ର ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ବିଜୟ ବେହେରା, ତାପସ ମହାନ୍ତି ଓ ବାବାଜୀ ବାରିକ ପ୍ରମୁଖ ଦୁଗ୍ଧଚାଷୀମାନଙ୍କ ସମସ୍ୟା ଉପରେ ଆଲୋକପାତ କରି ତୁରନ୍ତ ଦୁଗ୍ଧ ଲିଟର ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩୫ ଟଙ୍କା କରିବାକୁ ଦାବି କରିଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ଗୃହପାଳିତ ପଶୁମାନଙ୍କର ଚିକିତ୍ସା ପାଇଁ ଏକ ଯୋଜନା ପ୍ରଚଳିତ କରିବାକୁ ଓଡ଼ିଶା ସରକାର ପଦକ୍ଷେପ ନେବାକୁ ଏହି ଚାଷୀନେତାମାନେ ଦାବି କରିଥିଲେ । ମହାସଂଘର ଅଧ୍ୟକ୍ଷ ଶ୍ରୀ ବେହେରା ତାଙ୍କର ସଭାପତି ଅଭିଭାଷଣରେ କେନ୍ଦ୍ର ସରକାର ଦୁଗ୍ଧଜାତ ଦ୍ରବ୍ୟ ଯଥା-ଦହି, ପନିର, ଲହୁଣୀ ଓ ଦୁଗ୍ଧ ଉପରେ ଜିଏସ୍ଟି ବସାଇଥିବାରୁ ଦେଶର ୮ କୋଟି ଦୁଗ୍ଧଚାଷୀ ପରିବାରଙ୍କର ଜୀବିକା ପ୍ରଭାବିତ ହେଉଛି ବୋଲି ମତବ୍ୟକ୍ତ କରିଥିଲେ । ଦେଶର ଅର୍ଥନୀତିରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଦେଶର ପ୍ରାୟ ୧ ତୃତୀୟାଂଶ ଗ୍ରାମୀଣ ପରିବାର ଦୁଗ୍ଧ ଅର୍ଥନୀତି ଉପରେ ନିର୍ଭର କରିଥାଆନ୍ତି । ତେଣୁ ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉପରୁ ଜିଏସ୍ଟି ଛାଡ କରିବା ପାଇଁ ଶ୍ରୀ ବେହେରା ଦାବି କରିଥିଲେ । ରାଜ୍ୟର ଏମ୍.ପି. ମାନେ ଆଗାମୀ ପାର୍ଲାମେଂଟ ଅଧିବେଶନ ସମୟରେ ଦୁଗ୍ଧଜାତ ଦ୍ରବ୍ୟ ଉପରୁ ଜିଏସ୍ଟି ଛାଡ କରିବା ପାଇଁ ଦାବି କରିବାକୁ ଶ୍ରୀ ବେହେରା ମତବ୍ୟକ୍ତ କରିବା ସଂଗେ ସଂଗେ ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କୁ ମହାସଂଘ ପକ୍ଷରୁ ଏକ ପତ୍ର ଲେଖି ଅନୁରୋଧ କରାଯିବ ବୋଲି ବୈଠକରେ ଆଲୋଚନା କରିଥିଲେ । ଯଦି କେନ୍ଦ୍ର ସରକାର ଦୁଗ୍ଧଜାତ ଦ୍ରବ୍ୟ ଉପରୁ ଜିଏସ୍ଟି ଛାଡ ନ କରନ୍ତି ଏବଂ ରାଜ୍ୟ ସରକାର ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ୩୫ ଟଙ୍କା ଚାଷୀଙ୍କୁ ନ ଦିଅନ୍ତି, ବାଧହୋଇ ମହାସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଏହି ବୈଠକରେ ସ୍ଥିର କରାଯାଇଥିଲା । ଶେଷରେ ଦୁଗ୍ଧଚାଷୀ ଗୌରାଙ୍ଗ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିର ଆଇନ୍ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ, ମୁଟ୍ କୋର୍ଟର ଶୁଭାରମ୍ଭ

ବଲାଙ୍ଗିର, ୨୭/୧୧ (ନି.ପ୍ର): ଆଜି ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପରିସରରେ ଭାରତୀୟ ସମ୍ବିଧାନ ଦିବସ ପାଳିତ ହେବା ସହ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ମୁଟ୍ କୋର୍ଟ ଉଦ୍ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ତଥା ଲ' କଲେଜ ପରିଚାଳନା ସମିତିର ସଭାପତି ଅମରେନ୍ଦ୍ର ମିଶ୍ର ଯୋଗଦେଇ ଜିଲ୍ଲା କୋର୍ଟ ଗୁଡିକରେ ସମ୍ବିଧାନର ବିଭିନ୍ନ ଧାରା ଗୁଡିକର ସଠିକ ପ୍ରୟୋଗ ହୋଇ ପାରୁନଥିବାରୁ ଦୁଃଖ ପ୍ରକାଶ କରିଥିଲେ । ଦେଶରେ ଏକ ସୁଶାସନ ପାଇଁ ତଥା ନିଜର ମୌଳିକ ଅଧିକାର ସଂପର୍କରେ ଅବଗତ ହେବା ପାଇଁ ସମସ୍ତେ ସମ୍ବିଧାନକୁ ପଢ଼ିବା ଉଚିତ ବୋଲି ଶ୍ରୀ ମିଶ୍ର କହିଥିଲେ । ମୁଖ୍ୟବକ୍ତା ଭାବରେ ବରିଷ୍ଠ ଆଇନଜୀବୀ ଗୌରୀଶ୍ୟାମ ପଣ୍ଡା ଯୋଗ ଦେଇ ସମ୍ବିଧାନର ବ୍ୟବହାର ଦେଶର ଅନେକ ସମସ୍ୟାକୁ ଦୂର କରିପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ଅଧାପକ ତଥା ସୁସାହିତ୍ୟିକ ଡ. ପ୍ରହଲ୍ଲାଦ ଶତପଥୀ ଯୋଗଦେଇ ସମ୍ବିଧାନର ଆବଶ୍ୟକତା ଓ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଲୋଚନାଚକ୍ରର ଆବାହକ ତଥା ଲ କଲେଜର ଏସିଷ୍ଟାଣ୍ଟ ପ୍ରଫେସର ଚଣ୍ଡିପ୍ରସାଦ ଖମାରୀ ଭାରତୀୟ ସମ୍ବିଧାନର ବିଭିନ୍ନ ଦିଗ ଓ ତତ୍ସଂପର୍କିତ ଆଇନ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ଆଲୋଚନାଚକ୍ରକୁ ଲ' କଲେଜର ଏସୋସିଏଟ୍ ପ୍ରଫେସର ମଣିନ୍ଦ୍ର ସିଂ ହଂସପାଲ ସଂଯୋଜନା କରିଥିଲେ । ମୁଟ କୋର୍ଟ ମାଧ୍ୟମରେ ଲ କଲେଜ ଛାତ୍ରଛାତ୍ରୀ ମାନେ କୋର୍ଟରେ ମୋକଦ୍ଦମା ପରିଚାଳନାର ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିଲେ । ପରେ ସମ୍ବିଧାନ ଦିବସ ସଂପର୍କରେ ଛାତ୍ରଛାତ୍ରୀ ମାନେ ନିଜର ଲିଖିତ ସନ୍ଦର୍ଭ ପାଠ କରିଥିଲେ । ଏହି ଆଲୋଚନାଚକ୍ରରେ କଲେଜର ଅଧାପକ କିଶୋର ଆଚାର୍ଯ୍ୟ, ବଂଶୀ ହୋତା, କର୍ମଚାରୀ ସୁବ୍ରତ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ପଟେଲ ଓ କଲେଜ ର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ମାଲକାନଗିରି ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

ମାଲକାନଗିରି, ୨୭/୧୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଆଜି ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ସଭାଗୃହ ଠାରେ ଅନୁଷ୍ଠିତ ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମାଲକାନଗିରି ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସମ୍ବିଧାନ ପ୍ରଣେତା ଭିମାରାଓ ଆମ୍ବେଦକରଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଉପଜିଲ୍ଲାପାଳ ତାଙ୍କର ଅଭିଭାଷଣରେ ସମ୍ବିଧାନର ମୁଖ୍ୟବନ୍ଧ ଏବଂ ଆମ୍ବେଦକରଙ୍କ ଦର୍ଶନ ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଭାରତୀୟ ସମ୍ବିଧାନ କିପରି ଭାବରେ ସମସ୍ତ ନାଗରିକ ମାନଙ୍କୁ ସମାନତାର ଅଧିକାର ପ୍ରଦାନ କରିଛି ସେ ବିଷୟରେ ଆଲୋଚନା କରିଥିଲେ ।

# ମୃତ ବ୍ୟକ୍ତିଙ୍କ ନାମରେ ପଟ୍ଟା ରହିବ ନାହିଁ

ଗଂଜାମ, ୨୭/୧୧ (ନି.ପ୍ର): ଜଗନ୍ନାଥ ପ୍ରସାଦ ତହସିଲ ଅନ୍ତର୍ଗତ ପ୍ରତାପପୁର ରାଜସ୍ୱ ସର୍କଲରେ ଆରମ୍ଭ ହେଲା ପଟ୍ଟା ଅପଡେଟ କାର୍ଯ୍ୟକ୍ରମ । ମୃତ ବ୍ୟକ୍ତିଙ୍କ ନାମରେ ଆଉ ରହିବନାହିଁ କୌଣସି ପଟ୍ଟା । ଓଡିଶା ମ୍ୟୁଟେସନ ଅତିରିକ୍ତ ଶାସନ ସଚିବ ରାଜସ୍ୱ ବିଭାଗ ପରିପତ୍ର ସଂଖ୍ୟା ୩୪୧୨ ପ୍ରକାରେ ୭ ଅକ୍ଟୋବରରୁ ଏହି ନିୟମ ଲାଗୁ କରାଯାଇଛି । ହିତାଧିକାରୀ ମାନେ ଆବଶ୍ୟକ ପ୍ରମାଣପତ୍ର, ପଟ୍ଟା ର ନକଲ ସହ ଆବେଦନ କଲେ ସେମାନଙ୍କ ବାପା କିମ୍ବା ଜେଜେ ବାପାଙ୍କ ନାମରେ ଥିବା ପଟ୍ଟା ପରିବର୍ତନ ହୋଇ ନିଜ ନାମକୁ ବଦଳାଇ ପାରିବେ ବୋଲି କୁହାଯାଇଛି । ଅଂଚଳର ଅନେକ ବ୍ୟକ୍ତି ଖବର ପାଇ ପଟ୍ଟା ସଂଶୋଧନ କରିବା ପାଇଁ ପହଁଚିଥିଲେ । ଏକ ମାସ ପର୍ଯ୍ୟନ୍ତ ଏହି ଧାରା ଜାରୀ ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି । ଏଥିରେ ଅତିରିକ୍ତ ତହସିଲଦାର ବାରିଆଲୁ ମୁର୍ମୁ । ସନ୍ତୋଷ କୁମାର ଓଝା, ପ୍ରତାପପୁର ରାଜସ୍ୱ ଅଧିକାରୀ ତପନ କୁମାର ଦଳେଇ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିସହିତ ଜନସେବା କେନ୍ଦ୍ର ପରିଚାଳକ ଧନଞ୍ଜୟ ପଟ୍ଟନାୟ, ଅରବିନ୍ଦ ପଟ୍ଟନାୟକଙ୍କ ସହ ବିଭିନ୍ନ ପ୍ରମାଣ ପତ୍ର ଆବେଦନରେ ସଂସ୍କାର ସମ୍ପର୍କରେ ଆଲୋଚନା କରିଥିଲେ । ସରକାରଙ୍କ ଏଭଳି ପ୍ରୟାସକୁ ସାଧାରଣରେ ଖୁବ ପ୍ରସଂଶା କରାଯାଇଛି ।

# ଦାରିଙ୍ଗବାଡିରେ ପର୍ଯ୍ୟଟକଙ୍କୁ ନିମ୍ନମାନର ଖାଦ୍ୟ ଓ ଅପମିଶ୍ରିତ ସାମଗ୍ରୀ ବିକ୍ରି : ଅଭିଯୋଗ ପରେ ପ୍ରଶାସନର ଚଢଉ

କନ୍ଧମାଳ, ୨୭/୧୧ (ନି.ପ୍ର): ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକ ଆସି ଶୋଷଣର ଶିକାର ହେଉଛନ୍ତି । ପର୍ଯ୍ୟଟକଙ୍କ ଗହଳିକୁ ଦେଖି ଦୋକାନୀମାନେ ଚଢ଼ା ଦରରେ ମାଛ, ମାଂସ ବିକ୍ରି କରୁଛନ୍ତି । ଏହି ସୁଯୋଗରେ କନ୍ଧମାଳ ହଳଦୀ ନାମରେ ଅପମିଶ୍ରଣ ହଳଦୀ ମଧ ବିକ୍ରି ହେଉଛି । ସେହିପରି ପାରମ୍ପରିକ ସାମଗ୍ରୀ ନାମରେ ବାହାର ମାର୍କେଟରୁ ସାମଗ୍ରୀ ଆଣି କଫି ବଗିଚା ସମ୍ମୁଖରେ ଚଢ଼ା ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ଏହାର ପ୍ରତ୍ୟକ୍ଷ ପ୍ରମାଣ ମିଳିଯାଇଛି । ଏକ ପର୍ଯ୍ୟଟକ ଟିମ୍ ଦାରିଙ୍ଗବାଡିକୁ ଭୋଜି କରିବାକୁ ଆସିଥିଲେ । ସେମାନେ ସ୍ଥାନୀୟ ମାର୍କେଟରୁ ମାଂସ କିଣି ରୋଷେଇ କରିଥିଲେ । ହେଲେ ପରେ ଏହା ନିମ୍ନମାନର ବୋଲି ଜଣାପଡ଼ିଥିଲା । ତେଣୁ ପର୍ଯ୍ୟଟକମାନେ ନଖାଇ ଏହାକୁ ଫୋପାଡି ଦେଇଥିଲେ । ପରେ ଏହାର ଭିଡିଓ ଭାଇରାଲ ହୋଇଥିଲା । ଏ ସମ୍ପର୍କରେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର, ତହସିଲଦାର ଡ. ଅଶୋକ କୁମାର ଦାସ, ଆଇଆଇସି କୌଶିକ ମାଝୀ ସଦଳବଳେ ଶନିବାର ମାର୍କେଟରେ ଚଢ଼ଉ କରି ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରିଥିବା ଜଣାପଡିଛି ।

## ଅଜଣା ଜନ୍ତୁ ଆକ୍ରମଣରେ ୧୫ ଛେଳି ମୃତ, ୫ ଗାୟବ୍ ଘଟଣା

ଗଞ୍ଜାମ,୨୭/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଖଲିଙ୍ଗୀ ଗ୍ରାମରେ ଗତ ୨୫ ତାରିଖ ରାତିରେ ଦାଶ ଗୌଡ଼ଙ୍କ ଗୁହାଳରେ ଅଜଣା ବନ୍ୟଯନ୍ତୁ ପଶି ୧୫ଟି ଛେଳି ମାରି ପକାଇବା ସହ ଘଟଣା ପର ଠାରୁ ୫ଟି ଛେଳି ନିଖୋଜ ଥିଲେ । ଖବର ପାଇ ଗତକାଲି ବନ ବିଭାଗ ଓ ପ୍ରାଣୀ ଚିକିତ୍ସକଙ୍କ ଟିମ୍ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲେ । ବାରହା ପଲ କିମ୍ବା ଜଙ୍ଗଲି କୁକୁର ଗୁହାଳରେ ପଶି ଛେଳି ମାନଙ୍କୁ ଆକ୍ରମଣ କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଛି । ମୃତ ଛେଳି ପିଛା ୨୦୦୦ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବ ବୋଲି ଦିଗପହଣ୍ଡି ରେଞ୍ଜର୍ କାହ୍ନୁଚରଣ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏବଂ ଦିଗପହଣ୍ଡି ରେଞ୍ଜ୍ ପକ୍ଷରୁ ସମ୍ପୃକ୍ତ ଅଂଚଳରେ ରାତ୍ରୀକାଳୀନ ପହରା ଦେବା ନିମନ୍ତେ ପଦକ୍ଷେପ ନିଆଯାଇଥିବା ନେଇ ରେଞ୍ଜର୍ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଜୟପୁର ପୌରାଂଚଳ ସ୍ତରୀୟ ପରବ ଉଦ୍‌ଘାଟନ

ଜୟପୁର, ୨୭/୧୧ (ନି.ପ୍ର): ଜୟପୁର ପୌରାଂଚଳସ୍ତରିୟ ପରବ ଉଦଘାଟନ ହୋଇଛି । ଅଧିଷ୍ଠାତ୍ରୀ ମା ଭଗବତିଙ୍କ ନିକଟରେ ପୁଜା ପାଠ କରାଯାଇ ମଶାଲ ବାହାରିଥିଲା । ରଜାନହର ଭିତରେ ଥିବା ମା କନକ ଦୁର୍ଗା ମନ୍ଦିରକୁ ମଶାଲ ଯାଇ ପୁଜା ପାଠ କରାଯାଇ ମୁଖ୍ୟ ରାସ୍ତା ଦେଇ ଦଶହରା ପଡିଆକୁ ଯାଇଥିଲା । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଶାଲ ଧରି ଜୟପୁର ପୌରାଂଚଳ ପରବ କୁ ଉଦଘାଟନ କରିଥିଲେ । ନାଚ, ଗୀତ. ବାଜା ରେ ମୁଖ୍ୟ ରାସ୍ତା ମୁଖରିତ ହୋଇଥିଲା । ଉଦଘାଟନି କାଯ୍ୟ କାଯ୍ୟକ୍ରମରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପ ଜିଲାପାଳ ବେଦ ବର ପ୍ରଧାନ, ଏସଡିପିଓ ଅରୁପ ଅଭିଷେକ ବେହେରା, ପୌର ଉପାଧକ୍ଷ ବି ସୁନିତା. ପୌର କାଯ୍ୟନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଏସଡିପିଆରଓ ଯୋଶଦା ଗାଦବା, ଟାଉନ ଥାନା ଅଧିକାରି ସମ୍ବିତ ବେହେରାଙ୍କ ସହ କାଉନସିଲର ମାନେ ଉପସ୍ଥିତ ଥିଲେ । ୨୮ ଓ ୨୯ ତାରିଖରେ ଦଶହରା ପଡିଆରେ ବିଭିନ୍ନ ଖେଳ ଓ ଟାଉନ ହଲ ଠାରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଆସନ୍ତା ୩ ତାରିଖରେ ପୌରାଂଚଳ ପରବର ମୁଖ୍ୟ ଉତ୍ସବ ଅନୁଷ୍ଠିତ ହେବ ।

# ଦାବିପୂରଣ ଲାଗି ଜଳେଶ୍ୱରର ଯୁବ-ଛାତ୍ର ମେଳି : ଅଂଚଳିକ ବିକାଶ ଲାଗି ସବ୍‌ଡିଭିଜନ୍ ଜରୁରୀ

ଜଳେଶ୍ୱର, ୨୭/୧୧(ନି.ପ୍ର): ଉତ୍ତର ବାଲେଶ୍ୱରରେ ଜଳେଶ୍ୱରକୁ କେନ୍ଦ୍ର କରି ସମସ୍ତ ଭିତ୍ତିଭୂମୀ ଓ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ରାଜସ୍ୱ ବିଭାଗର ସବ୍‌ଡିଭିଜନ୍ ଘୋଷଣା ହୋଇନଥିବାରୁ ଆଂଚଳିକ ବିକାଶରେ ଅନ୍ତରାୟ ସୃଷ୍ଟି ହୋଇ ଆସୁଛି । ତେଣୁ ଆଜି ଜଳେଶ୍ୱରର ବହୁ ଯୁବ-ଛାତ୍ର ସମ୍ମିଳିତ ହୋଇ ୪ ବ୍ଲକର ଯୁବଶକ୍ତିକୁ ନେଇ ସବ୍‌ଡିଭିଜନ୍ ଘୋଷଣାର ଦାବି କରିଛନ୍ତି । ଜଳେଶ୍ୱର ନୂଆବଜାର ଠାରେ ଭଂଜ ଭବନ ପରିସରରେ ଆଜି ଜଳେଶ୍ୱରର ଯୁବ-ଛାତ୍ର ପକ୍ଷରୁ ଏକ ଯୁବ ସମ୍ମିଳନୀ ଆହ୍ୱାନ କରାଯାଇଥିଲା । ଏଥିରେ ପୂର୍ବତନ ଛାତ୍ରନେତା କାଳିଚରଣ ଦାସ ଅଧ୍ୟକ୍ଷତା କରିଥିଲେ । ଜଳେଶ୍ୱରରେ ପୁଲିସ୍ କାର୍ଯ୍ୟାଳୟ, ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ, ଜଳ ସେଚନ, ପାନୀୟ ଜଳ ଯୋଗାଣ, କୃଷି, ବନ ବିଭାଗ, ଅବକାରୀ, ବିଦ୍ୟୁତ୍, ଉଠା ଜଳସେଚନ,



କୋର୍ଟ, ସମସ୍ତ ବ୍ୟାଙ୍କ, ଟ୍ରେଜେରୀ, ଉପକାରାଗାର, ଟେଲିକମ୍ ଇତ୍ୟାଦି ସବ୍‌ଡିଭିଜନାଲ ସ୍ତରୀୟ ସମସ୍ତ କାର୍ଯ୍ୟାଳୟ ଥିବା ବେଳେ ଗ୍ରାମ୍ୟ ଉନ୍ନୟନ, କୃଷି, ଉଠାଜଳସେଚନ ଓ ବିଦ୍ୟୁତ୍ ବିଭାଗର ଜିଲ୍ଲାସ୍ତରୀୟ ଡିଭିଜନ୍ କାର୍ଯ୍ୟାଳୟ ମଧ୍ୟ ରହିଛି । ତେଣୁ ୧୯୭୮ ମସିହାରୁ ଜଳେଶ୍ୱରକୁ ସବ୍‌ଡିଭିଜ ଘୋଷଣା ଲାଗି ବିଧାନସଭା ଓ ବିଧାନସଭା ବାହାରେ ବିଭିନ୍ନ ଫୋରମ୍ ଦ୍ୱାରା ଦାବି କରାଯାଇ ଆସୁଛି । କିନ୍ତୁ ଅଦ୍ୟାବଧି ତାହା ହୋଇପାରିନଥିବା କୁହାଯାଇଥିବା ବେଳେ ଏବେ ଯୁବ ଛାତ୍ର ପକ୍ଷରୁ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତାକୁ ନେଇ ଜଳେଶ୍ୱର ସବ୍‌ଡିଭିଜନ୍ ଘୋଷଣା ଲାଗି ଦାବି ଜୋର୍ ଧରିଛି । ଆୟୋଜିତ ସଭାରେ ହାଇକୋର୍ଟର ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଯୋଗ ଦେଇ ଭୌଗୋଳିକ ସ୍ଥିତି, ଉପାନ୍ତରେ ସୀମା ସମସ୍ୟା, ଲଘୁ ଖଣିଜପଦାର୍ଥ ଚୋରାଚାଲାଣ ରୋକିବା, ଚୋରା ନିଶାକାରବାର ରୋକିବା, ଦୈବଦର୍ବିପାକ ବେଳେ ପ୍ରଶାସନୀକ ତତ୍ପରତା ଲାଗି ଉପଜିଲାପାଳ କାର୍ଯ୍ୟାଳୟ ଏକାନ୍ତ ଜରୁରୀ ବୋଲି କହିଥିଲେ । ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ ଯୋଗ ଦେଇ ସବ୍‌ଡିଭିଜନ୍ ଦାବିରେ ଯୁବ ଜାଗରଣ ଏକ ଶୁଭ ସୂଚନା ବୋଲି କହିଥିଲେ । ୪ ବ୍ଲକର କେନ୍ଦ୍ରସ୍ଥଳୀ ଜଳେଶ୍ୱରଠାରେ ସବ୍‌ଡିଭିଜନ୍ ଲାଗି ଯୁବଛାତ୍ର ସମ୍ମିଳିତ ଉଦ୍ୟମ ଲାଗି ରହିଲେ ଦାବି ପୂଣର ସମ୍ଭବ ବୋଲି କହିଥିଲେ । ଆଗାମୀ ଦିନରେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରି ଜିଲାପାଳଙ୍କ ଜରିଆରେ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ଅବନୀ ଚାନ୍ଦ, ରବିନାରାୟଣ ପାତ୍ର, ମନୋଜ ପ୍ରଧାନ, ଦିଲ୍ଲିପ କୁମାର ଦାସ, ଦୀନବଂଧୁ ପ୍ରଧାନ, ରାଜେଶ ପ୍ରଧାନ, ସୁବ୍ରତ ଘୋଷ, ଆଲୋକ ଘଡେଇ, ସଂଜୟ ମହାନ୍ତି, ଲକ୍ଷ୍ମୀଧର ବେହେରା, ରାସବିହାରୀ ରଣା, ଚନ୍ଦନ କର, ସତ୍ୟଶୋଭନ ମିଶ୍ର ପ୍ରମୁଖ ଯୋଗଦେଇ ସବ୍‌ଡିଭିଜନ୍ ଦାବିକୁ ଉତ୍ଥାପନ କରିଥିଲେ ।

# କାଲି ଜାଗା ଦିଅନ୍ତୁ, ପଅରଦିନ ବରଗଡ଼-ନୂଆପଡ଼ା ରେଲଲାଇନ୍ କାମ ଆରମ୍ଭ ହେବ: ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ପଦ୍ମପୁର ଉପ ନିର୍ବାଚନରେ ବରଗଡ- ନୂଆପଡା ରେଳ ଲାଇନ ପ୍ରସଙ୍ଗରେ କେନ୍ଦ୍ରୀୟ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟ ସରକାରଙ୍କୁ ଚାଲେଂଜ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ଆସନ୍ତା କାଲି ଏହି ପ୍ରସଙ୍ଗ ପାଇଁ ଜାଗା ଦିଅନ୍ତୁ. ପଅର ଦିନ ଏହି ରେଳ ଲାଇନ କାମ ଆରମ୍ଭ ହେବ । ପଦ୍ମପୁର ଉପନିର୍ବାଚନ ଲାଗି ପାଇକମାଳରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ପ୍ରଚାର ଲାଗି ଆସିବା ପରେ ଏକ ନିର୍ବାଚନୀ ସଭାରେ ଅଶ୍ୱିନୀ ବେ?ଷ୍ଣବ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଟୁକୁନି ସାହୁ ଓ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଲୋକଙ୍କୁ ମିଛ କହୁଛନ୍ତି। ରାଜ୍ୟ ସରକାର ଜାଗା ଯୋଗାଇ ଦେଉ ନଥିବାରୁ ବରଗଡ଼-ନୂଆପଡ଼ା (ଭାୟା ପଦ୍ମପୁର) ରେଲଲାଇନ୍ କାମ ଆରମ୍ଭ ହୋଇପାରୁନାହିଁ। ସେ କହିଛନ୍ତି ଯେ କାଲି ଜାଗା ଦିଅନ୍ତୁ, ପଅରଦିନ କାମ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସଂକଳ୍ପକୁ ପୁରା କରିବେ। ଓଡ଼ିଶାକୁ ୧୦ ହଜାର କୋଟି ଟଙ୍କା ରେଲବାଇ ପାଇଁ ପ୍ରଧାନମନ୍ତ୍ରୀ ଦେଇଛନ୍ତି। ଏହି ଅବସରରେ ସେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ବିଜୟୀ କରାଇବାକୁ ନିବେଦନ କରିଛନ୍ତି। ପ୍ରଦୀପଙ୍କୁ ଜିତାଇଲେ ଭୁବନେଶ୍ୱରରେ ଶୁଭିବ ଆପଣଙ୍କ ସ୍ୱର ଶୁଭିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବେ?ଷ୍ଣବ କହିଛନ୍ତି। ପଦ୍ମପୁର ଉପନିର୍ବାଚନ ଲାଗି ପାଇକମାଳରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ପ୍ରଚାରକୁ ଓହ୍ଲାଇଛନ୍ତି। ସଭାସ୍ଥଳରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ବରଗଡ଼ ସାଂସଦ ସୁରେଶ ପୂଜାରୀ, ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ଉପସ୍ଥିତ ଅଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟର ବିକାଶ ଦିଗରେ କାମ କରିବା ପାଇଁ କେନ୍ଦ୍ର ସରକାର ତତ୍ପର ଅଛନ୍ତି । ରାଜ୍ୟ ସରକାର ଜାଗା ଦେଲେ ଓଡ଼ିଶାର ବିକାଶ ହୋଇପାରିବ । ସେ ଆହୁରି କହିଛନ୍ତି ଯେ ପୂର୍ବରୁ ରାଜ୍ୟକୁ ରେଳ ପ୍ରକଳ୍ପ ବାବଦକୁ ୮ ଶହ କୋଟି ଆସୁଥିଲା । ହେଲେ ମୋଦି ସରକାର ରେଳ ପ୍ରକଳ୍ପ ବ୍ୟୟ ୧୦ ହଜାର କୋଟି କରିଛନ୍ତି । ପ୍ରତି ଗାଁରେ ଟାୱାର ପାଇଁ ୫ ହଜାର ୬ ଶହ କୋଟି ମଞ୍ଜୁର ହୋଇଛି । ରାଜ୍ୟ ସରକାରଙ୍କ ନୀତି ନିୟତ ଠିକ୍ ରହିଲେ ରୋଜଗାର ତିଆରି ହୋଇପାରିବ । ଏକଜୁଟ ହୋଇ କାମ କଲେ କେହି ଦାଦନ ଖଟିବାକୁ ଯିବେ ନାହିଁ ।

# ୨୩ ବର୍ଷର ବିଜେଡି ସରକାର, ରାଜ୍ୟର କେତେ ହେକ୍ଟର ଜମି ଜଳସେଚନ କରିଛନ୍ତି : ସୁରେଶ ପୁଜାରୀ

ପଦମପୁର / ଭୁବନେଶ୍ୱର,୨୭/୧୧ (ନି.ପ୍ର): ପଦ୍ମପୁରବାସୀଙ୍କୁ ପ୍ରତାରଣା କରି ବାରମ୍ବାର ମିଛ କହୁଥିବା ରାଜ୍ୟ ସରକାରଙ୍କ ଅସଲ ଚେହେରା ପଦାରେ ପଡିଛି । ବରଗଡ-ପଦ୍ମପୁର-ନୂଆପଡା ରେଳ ପ୍ରକଳ୍ପ ପାଇଁ ସ୍ଥାନୀୟ ସାଂସଦ ଭାବେ ମୁଁ ଯେତେବେଳେ ପବିତ୍ର ସଂସଦରେ ଦାବୀ କରିଥିଲି, ସେତେବେଳେ ବିଜେଡି ସାଂସଦମାନେ ନୀରବ ରହିଥିଲେ । କେନ୍ଦ୍ରରୁ ମୋଦି ସରକାରଙ୍କ ଅନୁମୋଦନକ୍ରମେ ଯେତେବେଳେ ଏହି ପ୍ରକଳ୍ପକୁ ମଂଜୁରୀ ମିଳଲା, ସେତେବେଳେ ନିଜ ଆଡୁ ପ୍ରଥମେ ଜମି ଯୋଗାଇ ଦେବାର ଦାୟୀତ୍ୱ ହେଉଛି ରାଜ୍ୟ ସରକାରଙ୍କର । ଗତ ୨୦୨୧ ମସିହା ଡିସେମ୍ବର ୩୧ ତାରିଖରୁ ପ୍ରକଳ୍ପକୁ ମଂଜରୀ ମିଳିଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଜମି ଯୋଗାଇ ନାହାନ୍ତି ରାଜ୍ୟ ସରକାର । ନିଜ ଦାୟୀତ୍ୱକୁ ପାଳନ କରିବାରେ ବିଫଳ ହୋଇଥିବା ରାଜ୍ୟ ସରକାର ଏବଂ ଶାସକ ବିଜେଡି ବର୍ତ୍ତମାନ ପଦ୍ମପୁର ଉପନିର୍ବାଚନକୁ ଆଖି ଆଗରେ ରଖି ଅଂଚଳବାସୀଙ୍କୁ ଭ୍ରମିତ କରିବାକୁ ଯାଇ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ସାଂସଦ ବାରମ୍ବାର ମିଛ କହୁଥିବାର କେନ୍ଦ୍ର ରେଳମନ୍ତ୍ରୀଙ୍କ ବକ୍ତବ୍ୟରୁ ଆଜି ପୁଣି ଥରେ ପ୍ରମାଣିତ ହୋଇଛି । ସେହିପରି ଫସଲ ବୀମାରେ ରାଜ୍ୟ ସରକାରଙ୍କ ଚଂଚକତା ମଧ ପ୍ରମାଣିତ ହୋଇଛି । କେନ୍ଦ୍ରୀୟ ଯୋଜନାକୁ ନିଜ ଯୋଜନାର ମୋହର ମାରି ମିଛଠାରେ ବାଃ ବାଃ ମାରୁଥିବା ରାଜ୍ୟ ସରକାର ଏବଂ ଶାସକ ବିଜେଡି ଆଉ ମିଛ ନକହି ଗତ ୨୨ ବର୍ଷ ଶାସନରେ ରାଜ୍ୟର କେତେ ହେକ୍ଟର ଚାଷ ଜମି ଜଳସେଚନ କରିଛନ୍ତି, ତାର ଜବାବ୍ ରଖିବାକୁ ସ୍ଥାନୀୟ ତଥା ବରଗଡ ସାଂସଦ ଶ୍ରୀ ସୁରେଶ ପୁଜାରୀ ଦାବୀ କରିଛନ୍ତି ।

## ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରି ଓ ବୌଦ୍ଧରେ ୩୧.୫ ଡ଼ିଗ୍ରୀ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଆଜି ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରି ଓ ବୌଦ୍ଧରେ ୩୧.୫ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୯.୫ ଡ଼ିଗ୍ରୀ ରହିଛି । ରାଜଧାନୀ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୨୯.୯ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୪.୦ ଡ଼ିଗ୍ରୀ ରେକର୍ଡ଼ କରାଯାଇଛି । ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୨୮.୦ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୪.୮ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ପଦମପୁର ଉପନିର୍ବାଚନ:

## ଜୟନାରାୟଣଙ୍କୁ ପ୍ରଚାରରୁ ବାଦ ଦେବାକୁ ବିଜେଡିର ଦାବି

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ମହିଳା ବିରୋଧୀ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ତାଙ୍କୁ ପ୍ରଚାରରୁ ବାଦ ଦେବାକୁ ଦାବି କରିଛି ବିଜୁ ଜନତା ଦଳ । ବିଜେଡି ଦଳର ଏକ ପ୍ରତିନିଧି ଦଳ ରବିବାର ଦିନ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ଦାବି ନେଇ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏଥିରେ କୁହାଯାଇଛି ଯେ ଗତକାଲି ପଦମପୁର ଉପନିର୍ବାଚନ ରାଲିରେ ଜୟନାରାୟଣ ମହିଳାଙ୍କୁ ନେଇ ଅଶାଳୀନ ମନ୍ତବ୍ୟ ଦେଇଥିଲେ

# ଏମ୍ସ ଭୁବନେଶ୍ୱର ପକ୍ଷରୁ 'ଅଙ୍ଗ ଦାନ ସଚେତନତା' ସୃଷ୍ଟି ନେଇ ୱାକାଥନ୍

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଏମ୍ସ ଭୁବନେଶ୍ୱରରେ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଂଟେରୋଲୋଜି ବିଭାଗ ପକ୍ଷରୁ ଆଜି ସକାଳେ "ଅଙ୍ଗ ଦାନ ସଚେତନତା" ନିମନ୍ତେ ଏକ ବିଶାଳ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନରେ ହକି ଇଣ୍ଡିଆ ଅଧ୍ୟକ୍ଷ ତଥା ବିଶିଷ୍ଟ ହକି ତାରକା ଦିଲ୍ଲୀପ ତିର୍କୀ ଯୋଗଦେଇଥିଲେ। ୱାକାଥନକୁ ଶୁଭାରମ୍ଭ କରିବା ସହିତ ଅଙ୍ଗ ଦାନ ଭଳି ମହତ କାର୍ଯ୍ୟ ନିମନ୍ତେ ଏମ୍ସ ପ୍ରୟାସ କରିଥିବାରୁ ଅଭିନନ୍ଦନ ଜଣାଇଥିଲେ। ଅଙ୍ଗ ଦାନ ବର୍ତ୍ତମାନ ସମୟର ବିରାଟ ଆବଶ୍ୟକତା ଏବଂ ଏନେଇ ରହିଥିବା ନାନା ଅନ୍ଧବିଶ୍ୱାସ କୁ ଦୂର କରିବାରେ ଏମ୍ସ ଭୁବନେଶ୍ୱର ଛାତ୍ରଛାତ୍ରୀ କାର୍ଯ୍ୟ କରିବେ ବୋଲି ଶ୍ରୀ ତିର୍କୀ ଆହ୍ୱାନ କରିଥଲେ। ଏହି ୱାକାଥନ୍ ରେ ପ୍ରାୟ ଏକ ହଜାରରୁ ଅଧିକ ମେଡିକାଲ୍ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଏମ୍ସ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ୱାକାଥନରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ, ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଏସ୍ ଏନ ମହାନ୍ତି, ଡିନ୍ ଡକ୍ଟର ପି ଆର ମହାପାତ୍ର, କୁଳସଚିବ ବି ବି ମିଶ୍ର, ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡ. ସଞ୍ଜୟ ଗିରି, ଡିଡିଏ ରଶ୍ମି ରଂଜନ ସେଠୀ, ନର୍ସିଂ କଲେଜ ଅଧକ୍ଷା ଆଶା ପି ସେଜି, ଡ. ପ୍ରଶାନ୍ତ ନାୟକ, ଡ. ସୁବ୍ରତ ସାହୁ, ଡ. ହେମନ୍ତ ନାୟକଙ୍କ ସମେତ ଅନେକ ଅଧ୍ୟାପକ ଅଧ୍ୟାପିକା, ସରକାରୀ କ୍ଷେତ୍ରରେ ଲିଭର ଟ୍ରାନ୍ସପ୍ଲାଂଟ ସର୍ଜରୀ ଆରମ୍ଭ କରିଥିବା ପ୍ରଫେସର ଭିନିଏନ୍ଦ୍ର ପାମେଚା ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏମ୍ସ ଭୁବନେଶ୍ୱର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଂଟେରୋଲୋଜି ବିଭାଗ ସହକାରୀ ପ୍ରଫେସର ତଥା କାର୍ଯ୍ୟକ୍ରମ ସଂଗଠନ ସମ୍ପାଦକ ଡକ୍ଟର ବ୍ରହ୍ମଦତ୍ତ ପଟ୍ଟନାୟକ ୱାକାଥନ୍ ର ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଏମ୍ସ ଭୁବନେଶ୍ୱରରେ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଂଟେରୋଲୋଜି ବିଭାଗ ପକ୍ଷରୁ ଗତକାଲି ଆୟୋଜିତ "ଅଙ୍ଗ ଦାନ ସଚେତନତା" କର୍ମଶାଳା ଏବଂ ନିରନ୍ତର ମେଡିକାଲ୍ ଏଜୁକେସନ୍ (ସିଏମ୍ଇ) କାର୍ଯ୍ୟକ୍ରମରେ ଜାତୀୟ ଖ୍ୟାତିସମ୍ପନ୍ନ ବିଶେଷଜ୍ଞମାନେ ଯୋଗଦେଇ ଅଙ୍ଗ ଦାନ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ଉପଯୁକ୍ତ ଦାତା ତଥା ପ୍ରାପ୍ତକର୍ତ୍ତା ବାଛିବା, ଅଙ୍ଗ ଆବଂଟନ, ଦୁଃଖରେ ଥିବା ପରିବାରକୁ ପରାମର୍ଶ ଏବଂ ବ୍ୟାପକ ଗୁଣାତ୍ମକ କ୍ଲିନିକାଲ୍ ଯତ୍ନ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

# ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତା ତୃତୀୟ ଦିବସ



ବାରିପଦା, ୨୭/୧୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତାର ତୃତୀୟ ଦିବସରେ ଆଜି ଇଷ୍ଟଜୋନ ପାଇଁ ୪ଟି ଟିମ ସି. ଭି. ରମଣ ବିଶ୍ୱବିଦ୍ୟାଳୟ, କେ.ଏନ.ସି. ବିଶ୍ୱବିଦ୍ୟାଳୟ ବାଲିଆ, ଆଡାମାସ ବିଶ୍ୱବିଦ୍ୟାଳୟ, ଭି.ବି.ଏସ ପୂର୍ବାଂଚଳ ବିଶ୍ୱବିଦ୍ୟାଳୟ ଉତୀର୍ଣ୍ଣ ହୋଇଛନ୍ତି । ଲିଗ୍ ପର୍ଯ୍ୟାୟରେ ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ ୪୩-୧୦ରେ ଓୟୁଏଟିକୁ, ଉତ୍କଳ ବିଶ୍ୱବିଦ୍ୟାଳୟ ୪୯-୩୨ରେ ମୁଙ୍ଗେର ବିଶ୍ୱବିଦ୍ୟାଳୟକୁ, ଏ.ପି.ଏସ୍ ବିଶ୍ୱବିଦ୍ୟାଳୟ ରେୱା ୩୯-୧୬ରେ କଲିକତା ବିଶ୍ୱବିଦ୍ୟାଳୟକୁ, ପାଟଳିପୁତ୍ର ବିଶ୍ୱବିଦ୍ୟାଳୟ ୫୪-୩୪ରେ ଏ.ବି.ଭି ବିଶ୍ୱବିଦ୍ୟାଳୟ ବିଳାସପୁରକୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ ୪୬-୪୨ରେ ପାଟନା ବିଶ୍ୱବିଦ୍ୟାଳୟକୁ, ଉତ୍କଳ ବିଶ୍ୱବିଦ୍ୟାଳୟ ୪୭-୨୩ରେ କିଟ୍ ବିଶ୍ୱବିଦ୍ୟାଳୟକୁ, ଆଡାମାସ ବିଶ୍ୱବିଦ୍ୟାଳୟ ୪୧-୧୯ରେ ଏ.ପି.ଏସ୍ ବିଶ୍ୱବିଦ୍ୟାଳୟ ରେୱାକୁ, ପାଟଳିପୁତ୍ର ବିଶ୍ୱବିଦ୍ୟାଳୟ ୫୦-୩୯ରେ ଏଲ୍.ଏନ୍. ମିଥିଳା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲେ । ଶେଷ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ୮ଟି ଟିମଙ୍କ ମଧ୍ୟରେ ଗ୍ରୁପ୍ ପର୍ଯ୍ୟାୟ ଫାଇନାଲ୍ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଦିବସ ରବିବାର ଦିନ ଇଷ୍ଟଜୋନ୍ ପାଇଁ ଉତୀର୍ଣ୍ଣ ହୋଇଥିବା ଏହି ୪ଟି ଟିମ୍‌ଙ୍କ ମଧ୍ୟରେ ପଏଣ୍ଟ ନିର୍ଦ୍ଧାରଣ ପାଇଁ ୬ଟି ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

# ଅନ୍ତର୍ଜାତୀୟ ମଡେଲିଂ ପ୍ରତିଯୋଗିତାରେ ମୟୁରଭଂଜର ଆଦିବାସୀ ଯୁବକଙ୍କ କୃତିତ୍ୱ



ବାରିପଦା, ୨୭/୧୧ (ନି.ପ୍ର): ମିଷ୍ଟର, ମିସ୍ ଏବଂ ମିଷ୍ଟର ଇଣ୍ଡିଆ ଇଣ୍ଟର ନେସନାଲ ୨୦୨୨ – ୨୩ ସିଜନ ୪ ର ଗ୍ରାଣ୍ଡ ଫାଇନାଲ କାର୍ଯ୍ୟକ୍ରମ କଲିକତା ଠାରେ ଅନୁଷ୍ଠିତ ହୋଇଥିବା ବେଳେ, ବାରିପଦା ପ୍ରଫୁଲ୍ଲ ନଗରର ବାସିନ୍ଦା କପିଳେନ୍ଦ୍ର ସିଂଙ୍କ ପୁତ୍ର ମନୋରଂଜନ ସିଂ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି । ପୂର୍ବରୁ ନିଜ ମାତୃଭାଷା ଆଦିବାସୀ ମୁଣ୍ଡା ଭାଷାର ବହୁ ମ୍ୟୁଜିକ ଆଲବମରେ ମୁଖ୍ୟ କଳାକାର ଭାବେ କାର୍ଯ୍ୟ କରିଛନ୍ତି । ସେ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ସମୟରେ ସାଂସ୍କୃତିକ କ୍ଷେତ୍ରରେ ଅନେକ ବାର ପୁରସ୍କୃତ ହୋଇଥିବାବେଳେ ଜାତୀୟ ସ୍ତରରେ ମୟୁରଭଂଜର କଳାକୁ ପ୍ରତିନିଧିତ୍ୱ କରିଥିଲେ । ଏହି ଅନ୍ତର୍ଜାତୀୟ ସ୍ତରୀୟ ଆଦିବାସୀ ଫେସନ କାର୍ଯ୍ୟକ୍ରମରେ ବଲିଉଡ ଅଭିନେତ୍ରୀ ସାରା ଖାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ତାଙ୍କ ସହିତ ଅବଦୁଲ୍ଲା ଗ୍ରୁପର ଅଧକ୍ଷ ଡ. ବୁ. ଅବଦୁଲ୍ଲା, ବଲିଉଡ କଣ୍ଠ ଶିଳ୍ପି ଦଲିୟା ମିତ୍ର, ମେକଅପ ଆର୍ଟିଷ୍ଟ ନେତୀ ଗୁଲାଟି ପ୍ରମୁଖ ଯୋଗ ଦେଇ କୃତୀ ମୋଡେଲ୍ ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ତେବେ ବାରିପଦାର ଆଦିବାସୀ ମୁଣ୍ଡା ସମ୍ପ୍ରଦାୟର ଯୁବକ ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଉପ ବିଜେତା ହୋଇ ଥିବାରୁ ତାଙ୍କୁ ବିଭିନ୍ନ ମହଲ ରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ରବିରାୟଙ୍କ ଜନ୍ମଜୟନ୍ତୀ ସମାରୋହ ପାଳିତ

ବାଲିପାଟଣା, ୨୭/୧୧ (ନି.ପ୍ର): ଆଜି ପୂର୍ବାହ୍ନରେ ବାଲିପାଟଣା ନିକଟରେ ଥିବା ଦୂର୍ଗାମାଧବ କଲ୍ୟାଣୀ ମଣ୍ଡପରେ, ଓଡ଼ିଶାର ସାମ୍ୟବାଦୀ , ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ, ସମାଜସେବୀ,ଓ ଜନନେତା ରବିରାୟଙ୍କ ଜନ୍ମଜୟନ୍ତୀ ଉତ୍ସବ ରବିରାୟ ସ୍ମୃତି ସଂସଦ, ଓଡ଼ିଶା ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୂଖ୍ୟ ଅତିଥି ଭାବରେ ବ୍ୟଙ୍ଗ କବି ଶ୍ରୀଯୁକ୍ତ ସତ୍ୟାନାସ (ପ୍ରଭାକର ନାୟକ), ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନିତ ଅତିଥି ଭାବରେ ଅନୁ ସଚିବ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା, ର ଲକ୍ଷ୍ମୀଧର ବେହେରା, ଗୀତିକବି



ତଥା ବରିଷ୍ଠ ସାମରିକ ଅଧିକାରୀ ବିପିନୀ ମହାନ୍ତି, ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରବିରାୟଙ୍କ ପୁତୁରା ମନୋରଂଜନ ରାୟ ସଭାର ସଭାପତି ଭାବେ ସଭା ପରିଚାଳନା କରିଥିଲେ ।ଅତିଥିମାନଙ୍କ ଦ୍ୱାରା ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୨ ମାଟ୍ରିକ ପରୀକ୍ଷାରେ ବ୍ଲକ ସ୍ତରରେ ପ୍ରଥମ ହୋଇଥିବା ଉମେଶ କୁମାର ମହାପାତ୍ର, ଏନ ଏମ ଏମ ଏସ ଅଷ୍ଟମ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହୋଇଥିବା ମୋନାଲିସା ଆଚାର୍ଯ୍ୟ, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଗ୍ରିନିଜୀ ବୁକ୍ର ରେ ସ୍ଥାନ ପାଇଥିବା ସ୍ୱଂୟଦିବ୍ୟାସୁଁ ସାହୁ, ପ୍ୟାରିସ ଚିତ୍ରକଳା ପ୍ରଦର୍ଶନୀ ରେ ଦେଶରେ ପ୍ରଥମ ସ୍ଥାନ ପାଇଥିବା ସ୍ୱାସତି ପ୍ରିୟଦର୍ଶିନୀ,ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତିର ବିଭାଗର ଲକ୍ଷ୍ମୀଧର ବେହେରାଙ୍କୁ ରବିରାୟ ମେଧା ସମ୍ମାନ -୨୦୨୨ ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ରବିରାୟ ସ୍ମୃତି ସଂସଦ, ଓଡ଼ିଶାର ସମ୍ପାଦକ କବି ଭଗବାନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଅଭିମନ୍ୟୁ ନାୟକ ବିବରଣୀ ପାଠ କରିବା ସହ ରବୀରାୟଙ୍କ ସ୍ମୃତି ଚାରଣ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଫିଲ୍ମ ନିର୍ଦ୍ଦେଶକ ରଜନୀ ରଞ୍ଜନ ଦାସ, ସଂସଦର କୋଷାଧ୍ୟକ୍ଷ ତଥା ସାମ୍ବାଦିକ ସୁରେଶ ସ୍ୱାଇଁ, ଝୁନାରାଣୀ ସାହୁ, ଅଧ୍ୟାପକ ମୂରଲୀଧର ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ସଞ୍ଜୁଲତା ଦେଇ, ସୁଜାତା ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥଲେ।

# ଫାର୍ମାସିଷ୍ଟ କ୍ୟାଡର ପୁନର୍ଗଠନ ନହେଲେ ଆନ୍ଦୋଳନ

ବାରିପଦା, ୨୭/୧୧ (ନି.ପ୍ର): ଓଡିଶା ଫାର୍ମାସିଷ୍ଟ ସେବାସଂଘ ମୟୂରଭଂଜ ଜିଲ୍ଲା ଶାଖା ତରଫରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ମିଳନୀ କକ୍ଷରେ ୬୧ତମ ଜାତୀୟ ଫାର୍ମାସିଷ୍ଟ ସପ୍ତାହ ପାଳିତ ହୋଇଯାଇଛି । ମୟୁରଭଂଜ ଜିଲ୍ଲା ମୁଖ୍ୟ ଉପଦେଷ୍ଟା ମାନିକଲାଲ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀ ଭାବେ ଜି.ଡି.ଏମ. ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି, ସମ୍ମାନୀୟ ଅତିଥୀ ଭାବେ ରାଜ୍ୟ ସଭାପତି ଚିନ୍ମୟ ସିହ୍ନା , ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ ମହାପାତ୍ର ଯୋଗଦେଇ ଚଳିତ ବର୍ଷର ଥିମ ଇଣ୍ଡିଆ ଫାର୍ମାସୀ ଅଫ ଦି ୱାଲର୍ଡ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟ ସଭାପତି ଚିନ୍ମୟ ସିହ୍ନାଙ୍କ ସଭାପତିତ୍ୱରରେ ଅନୁଷ୍ଠିତ ସାଧାରଣ ପରିଷଦ



ବୈଠକରେ ଉପସଭାପତି ଗଣେଶ ଚନ୍ଦ୍ର ବସା, ଜିଲ୍ଲା ସମ୍ପାଦକ ତୁଷାର କାନ୍ତ ବେହେରା ପ୍ରମୁଖ ଯୋଗଦେଇ ଫାର୍ମାସିଷ୍ଟ ମାନଙ୍କ କ୍ୟାଡର ପୁନଃ ଗଠନ କରାଯାଇ ମୂଳ ଦରମା ବୃଦ୍ଧି ଏବଂ ଗ୍ରେଡପେ ୨୪୦୦ ରୁ ୨୮୦୦କୁ ବୃଦ୍ଧି, ଫାର୍ମାସିଷ୍ଟଙ୍କ ପଦବୀ ବଦଳରେ ଫାର୍ମାସୀ ଅଫିସର ନାମକରଣ କରାଯିବା, ତା ୨୦.୦୪.୨୨ ରେ କରାଯାଇଥିବା ଦରମା ପୁନଃ ଗଠନକୁ ତା୦୧.୦୧.୨୦୧୬ ପରିବର୍ତେ ତା ୨୪.୦୮.୨୦୧୩ରୁ ଲାଗୁ କରାଯିବା, ଆର.ବି.ଏସ.କେ, ଏମ. ଏଚ. ୟୁ.ରେ ଠିକାରେ କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟ ମାନଙ୍କୁ ତୁରନ୍ତ ନିୟମିତ କରିବା, ପାରା ମେଡିକାଲ କର୍ମଚାରୀ ମାନେ ଯୁଗ୍ମ ନିର୍ଦ୍ଦେଶକ ପର୍ଯ୍ୟନ୍ତ ପଦୋନ୍ନତି ପାଉ ଥିବା ବେଳେ, ରାଜ୍ୟରେ ଫାର୍ମାସିଷ୍ଟ ମାନେ ୪୦ ବର୍ଷ ପାଖାପାଖି କାର୍ଯ୍ୟ କରିଥିଲେ ମଧ ପଦୋନ୍ନତି ପାଇ ପାରୁ ନଥିବାରୁ କ୍ଷୋଭ ପ୍ରକାଶ କରିବା ସହିତ ଫାର୍ମାସିଷ୍ଟ କ୍ୟାଡର ପୁନର୍ଗଠନ ନହେଲେ କାର୍ଯ୍ୟବନ୍ଦ କରାଯିବା ସହିତ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କୁହାଯାଇଛି । ଶେଷରେ କୋଷାଧ୍ୟକ୍ଷ ଶୁଶାନ୍ତ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ବୈଠକରେ ଜିଲ୍ଲାର ଅନ୍ୟ କର୍ମକର୍ତା ରୀତାଂଜଳୀ ନାୟକ, ଅଜିତ ବେହେରା, ସାଗର ପଟ୍ଟନାୟକ, ପ୍ରଣ୍ୟୟ ଜେନା, ଅବନି ମଣ୍ଡଳ, ରୁପନାରାୟଣ ପ୍ରତିହାରୀ, ତପନ କଲିଆ, ରୁପେନ୍ଦ୍ର କୁମାର ସିଂ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଏକାମ୍ର ହାଟଠାରେ 'ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨' ଉଦ୍‌ଘାଟିତ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆଜି ସନ୍ଧ୍ୟାରେ ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଆୟୋଜିତ 'ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨'କୁ ଉଦ୍‌ଘାଟନ କରିଛନ୍ତି । ରାଜ୍ୟ ସରକାରଙ୍କ ପୋହି ୨୦୨୨-୨୩ ଯୋଜନାରେ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ଅନୁଷ୍ଠିତ ଏହି ମେଳା ଜନସାଧାରଣଙ୍କ ନିମନ୍ତେ ଡିସେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟରେ ଥିବା ବିଭିନ୍ନ ହସ୍ତତନ୍ତ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକରେ ଜଡ଼ିତ ଥିବା ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି ସହ ବୁଣାକାରମାନଙ୍କୁ ନିୟମିତ କାମ ଯୋଗାଇଦେବା ନିମନ୍ତେ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏହି ମେଳା ଆୟୋଜିତ ହୋଇଛି । ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ଼, କଟକ, ସୋନପୁର, ଆଠଗଡ଼, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ଼, କଳାହାଣ୍ଡି, ବଲାଙ୍ଗିର ଓ ବୌଦ୍ଧ ବୟନମଣ୍ଡଳମାନଙ୍କରୁ ଆସିଥିବା ୩୫ଟି ସମବାୟ ସମିତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦିତ ଲୁଗାର ପ୍ରଦର୍ଶନୀ ଏବଂ ବିକ୍ରୟ କରିବେ । ଏଥି ନିମନ୍ତେ ସେମାନଙ୍କୁ ୩୪ଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତର ଉତ୍ପାଦିତ ହସ୍ତତନ୍ତ ଲୁଗା ଉପରେ ଗ୍ରାହକମାନଙ୍କୁ ୧୦%ରୁ୨୦% ସରକାରୀ ରିହାତି ପ୍ରଦାନ କରାଯାଉଛି । ଆଜିର ଉଦ୍‌ଘାଟନୀ ଉତ୍ସବରେ ବୟନଶିଳ୍ପ ନିର୍ଦ୍ଦେଶକ ଶ୍ରୀ ଶୋଭନ କ୍ରିଷ୍ଣା ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ସରୋଜ ପଟେଲ, ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶିଶିର କୁମାର ନାଗ, ସଭାପତି ଶ୍ରୀ ସମ୍ବିତ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସମିତିର ବାଣିଜ୍ୟ ଅଧିକାରୀ ଶ୍ରୀ ହେମନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ । ପ୍ରକାଶଯୋଗ୍ୟ ଯେ ଏକାମ୍ର ହାଟରେ ଅକ୍ଟୋବର ୨ରୁ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୫୭୧ ଜଣ ହସ୍ତତନ୍ତ ବୁଣାକାର/ସଂସ୍ଥା ଓ ୮୭୬ ଜଣ ହସ୍ତଶିଳ୍ପ କାରିଗର ଯଥାକ୍ରମେ ୭୯୩.୫୬ ଲକ୍ଷ ଟଙ୍କା ଏବଂ ୬୩୩.୩୨ ଲକ୍ଷ ଟଙ୍କାର ବିକ୍ରିବଟା କରିଛନ୍ତି ।

# ନାଟ୍ୟ ନିର୍ଦ୍ଦେଶନା ପାଇଁ ମନୋଜ ପଟ୍ଟନାୟକଙ୍କୁ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କାର



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ୨୦୨୧ ମସିହା ନିମନ୍ତେ ନାଟ୍ୟ ନିର୍ଦ୍ଦେଶନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ମନୋଜ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯିବ । ନୃତ୍ୟ ନିର୍ଦ୍ଦେଶନା କ୍ଷେତ୍ରରେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇବାରେ ଶ୍ରୀ ପଟ୍ଟନାୟକ ହେଉଛନ୍ତି ପ୍ରଥମ । ୧୯୬୧ ମସିହାରେ ବିଶିଷ୍ଟ ଅଭିନେତା ସାମୁଏଲ ସାହୁ (ବାବି)ଙ୍କୁ ଅଭିନୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ମନୋଜ ପଟ୍ଟନାୟକ ଓଡିଶା ସଂଗୀତ ନାଟକ ମହାବିଦ୍ୟାଳୟରୁ ଅଭିନୟରେ ଡିପ୍ଲୋମା ହାସଲ ପରେ ଓଡ଼ିଆ ନାଟକ ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ । ତାଙ୍କ ପ୍ରତିଷ୍ଠିତ ମନନ ନାଟ୍ୟ ସଂସ୍ଥା ସର୍ବ ଭାରତୀୟ ସ୍ତରରେ ବେଶ ପ୍ରତିଷ୍ଠା ଅର୍ଜନ କରିଛି । ଶ୍ରୀ ପଟ୍ଟନାୟକଙ୍କ ଦୀର୍ଘ ପଇଂଚାଳିଶ ବର୍ଷର ନାଟ୍ୟ ଅଭିଜ୍ଞତା ମଧ୍ୟରେ ଅଛି ୨୫୦ ନାଟକରେ ଅଭିନୟ, ୨୦୦ ନାଟକର ନିର୍ଦ୍ଦେଶନା, ୧୨ ଟି ନାଟକର ରଚନା । ଓଡ଼ିଆ ଯାତ୍ରା ଜଗତର ଏକ ଚର୍ଚ୍ଚିତ ବ୍ୟକ୍ତିତ୍ୱ ହେଉଛନ୍ତି ଶ୍ରୀ ପଟ୍ଟନାୟକ । କୋଡିଏରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର, ୨୫ ଟି ଧାରାବାହିକ ଏବଂ ଦଶଟି ଟେଲିଫିଲମରେ ଅଭିନୟ କରିଛନ୍ତି । ତାଙ୍କ ଅଭିନୀତ ଚଳଚ୍ଚିତ୍ର ମାନଙ୍କ ମଧ୍ୟରେ ପିପାସା, ରାମରାହିମ, କିଏଜିତେ କିଏ ହାରେ, ଦଣ୍ଡ ବାଲୁଙ୍ଗା, ଫଟା କପାଳ, ଭୁଲି ହୁଏନା, ଯାହାକୁ ରଖିବେ ଅନନ୍ତ, କଳ୍କୀ ଅବତାର, ଆଇ ଲଭ ୟୁ, ଅର୍ଜୁନ, ତୁ ମୋ ଗାର୍ଲ ଫ୍ରେଣ୍ଡ, ଜିଅନ୍ତା ଭୁତ, ଥୁକୁଲ ଓ ହିନ୍ଦୀ ଚଳଚ୍ଚିତ୍ର ଆଭାସ ପ୍ରଭୃତି । ଶ୍ରୀ ପଟ୍ଟନାୟକ ମଧ ଓଡିଶା ରାଜ୍ୟ ସଂଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ । କେବଳ ସେତିକି ନୁହେଁ ଓଡିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର (୨୦୧୬), ରାଜ୍ୟ ଟେଲି ପୁରସ୍କାର(୨୦୧୮) ର ବିଚାରକ ଭାବରେ ଏବଂ ଚଳଚ୍ଚିତ୍ର ସେନ୍ସର ବୋର୍ଡର ସଦସ୍ୟ ଭାବରେ ସଫଳତାର ସହ କାର୍ଯ୍ୟ ତୁଲାଇ ଆସିଛନ୍ତି । ଅନେକ ବର୍ଷ ତଳେ ଧ୍ୱନିପ୍ରତିଧ୍ୱନିକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ନାଟକ ମୋର ପ୍ରାଣ ଓ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନାଟକ କରିଚାଲିଥିବେ ବୋଲି ପ୍ରକାଶ କରିଥିଲେ । ତାଙ୍କର ଜନ୍ମ ଖୋର୍ଦ୍ଧା ଜିଲ୍ଲା ବାଲକାଟୀ ସନ୍ନିକଟ ନାଗପୁର ଗ୍ରାମରେ ୧୯୫୫ ମସିହାରେ ହୋଇ ଥିଲା ।

# ପ୍ରଥମ ବିଷ୍ଣୁ ସେଠୀ ମେମୋରିଆଲ ଓପନ ଚେସ୍ ଚମ୍ପିୟାନସିପ୍ ଉଦ୍‌ଯାପିତ
# ଗଜପତି ଜିଲ୍ଲାର ବୀରେନ୍ଦ୍ର ରାଇତା ଚମ୍ପିୟାନ



ଭଦ୍ରକ, ୨୭/୧୧ (ନି.ପ୍ର): ଭଦ୍ରକର ସିଦ୍ଧାନ୍ତ ମହାପାତ୍ର ଆନ୍ତର୍ଜାତୀୟ ସ୍ତରରେ ରାଜ୍ୟ ଓ ସମଗ୍ର ଭାରତ ବର୍ଷକୁ ଖ୍ୟାତି ଆଣିଦେଇଥିବାବେଳେ ସ୍ଥାନୀୟ ନେହେରୁ ଷ୍ଟାଡିୟମ୍‌ରେ ଦୁଇଦିନ ଧରି ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଥିବା ବିଷ୍ଣୁ ସେଠୀ ମେମୋରିଆଲ ଓପନ ଚେସ୍ ଚମ୍ପିୟାନସିପ୍‌ରେ ୧୪ଟି ଜିଲାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଛନ୍ତି । ଆଜିର ଏହି ସାନ୍ଧ୍ୟର ଉଦ୍‌ଯାପନୀ ଉତ୍ସବକୁ ଭଦ୍ରକ ଜିଲା ଚେସ୍ ଆସୋସିଏସନ୍‌ର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର ସଂଯୋଜନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଏସ୍‌ବିଡି ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ଦୀକ୍ଷିତ ଯୋଗଦେଇ ଏହି ଖେଳ ରାଜା ମହାରାଜାଙ୍କ ଅମଳରୁ ଚାଲିଆସିଥିବାବେଳେ ରାଜକୀୟ କ୍ରୀଡାର ଯେଉଁ ସମ୍ମାନ ପାଇଛି, ତାହାକୁ ବଜାୟ ରଖିବା ଦିଗରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୁଦ୍ଧ କରିବା ଉଚିତ୍ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏବଂ ଭଦ୍ରକ ଭଳି ଏକ ଜିଲାରେ ଜିଲା ଆସୋସିଏସନ୍ ଯେଉଁଭଳି ଶୃଙ୍ଖଳିତ ଭାବେ ଏଭଳି କ୍ରୀଡାର ଆୟୋଜନ କରିପାରିଛି, ତାହାର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଅଶୋକ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଚେସ୍ ଆସୋସିଏସନ୍‌ର ସଂପାଦକ ଦେବବ୍ରତ ଭଟ୍ଟ, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସମାଜସେବୀ ହେମନ୍ତ ପାଢୀ ପ୍ରମୁଖ ଯୋଗଦେଇ ଏହି ଖେଳର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରାରମ୍ଭରେ ଆନ୍ତର୍ଜାତୀୟ ସ୍ତରୀୟ ଚେସ୍ ଖେଳାଳି ସିଦ୍ଧାନ୍ତ ମହାପାତ୍ରଙ୍କୁ ଅତିଥିମାନେ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଥିବାବେଳେ ଦ୍ୱିଦିବସୀୟ କ୍ରୀଡାର ସମସ୍ତ ଖେଳାଳିଙ୍କ ସମେତ ଚମ୍ପିୟାନ ହୋଇଥିବା ଗଜପତି ଜିଲାର ବୀରେନ୍ଦ୍ର ରାଇତା, ରନର୍ସ ଅପ୍ ହୋଇଥିବା ବାଲେଶ୍ୱରର ଅଶୋକ କୁମାର ଯାଜୁ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କମଲ ଲୋଚନ ପାଢୀଙ୍କ ସମେତ କୃତୀ ସବୁ ବର୍ଗର କ୍ରୀଡାବିତ୍‌ଙ୍କୁ ଟ୍ରଫି, ମେଡାଲ ଓ ଅର୍ଥ ରାଶି ଦ୍ୱାରା ପୁରସ୍କୃତ କରାଯାଇଥିଲା । ସାଧାରଣ ସଂପାଦକ ଅଶୋକ ପରିଜା, କାର୍ଯ୍ୟକର୍ତ୍ତା ଭାଗୀରଥି ମହାକୁଡ, ସୁଜିତ୍ ପତି, ବିଶ୍ୱଜିତ୍ ଦାସ, ଲକ୍ଷ୍ମୀକାନ୍ତ ବାରିକ ଓ ରିଆଜ ଖାଁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ରାଜେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪ତମ ବୀର ବଜରଙ୍ଗବଲି ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ବଲାଙ୍ଗିର,୨୭/୧୧ (ନି.ପ୍ର): ବିର ବଜରଙ୍ଗ ବଳି ଏସୋସିଏସନ କୁଦେଇପାଲି ତରଫରୁ ଚତୁର୍ଥ ବର୍ଷ ବିର ବଜରଙ୍ଗବଲି ଫୁଟବଲ ଟୁର୍ଣ୍ଣାମେଂଟ ଖୁଜେନପାଲି ପଡିଆରେ ପଂଚମ ଦିନର ଖେଳ ରେ କର୍ଲାମୁହାଣ କୁ କାଲସାଏ ପାଲି ୨-୦ ଗୋଲରେ ଫାଇନାଲ ରେ ପ୍ରବେଶ । ଦ୍ୱିତୀୟ ମ୍ୟାଚ କୁରୁଲ କୁ ଅମାମୁଣ୍ଡା ୧-୦ ଗୋଲ୍ ରେ ପରାସ୍ତ କରି ଫାଇନାଲ କୁ ପ୍ରବେଶ । ଫାଇନାଲରେ ଅମାମୁଣ୍ଡା କୁ କାଲସାଏ ପାଲି ଟ୍ରାଇବ୍ରେକର ରେ ବିଜୟୀ ହୋଇଛି । ଅମନ ନାଗ, ସଂଗ୍ରାମ ବହିଦାର, ସତ୍ୟବାନ ସାହୁ, ଭୁପେନ୍ଦ୍ର ସିଂ ଅତିଥି ଭାବରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସଞ୍ଜିବ ମହାରଣା, ପ୍ରଫୁଲ୍ଲ ବଗର୍ତି, ସଜନ କୁଦେଇ, ଶ୍ରବନ ବାଗ ଖେଳକୁ ରେଫରି ଭାବରେ ଉପସ୍ଥିତ ରହି ପରିଚାଳନା କରିଥିଲେ । ଗଙ୍ଗାଜଳ କୁଦେଇ, ଭାଗିରଥି କୁଦେଇ, ଦୌଲତ କୁଦେଇ, ନିଲୁ କୁଦେଇ, ମଂଟୁ ବଗର୍ତି, ପ୍ରଦିପ କୁଦେଇ ଙ୍କ ତତ୍ତ୍ୱାବଧାନରେ ଖେଳଟି ଅନୁଷ୍ଠିତ ହୋଇଥିଲା । ବିର ବଜରଙ୍ଗ ବଳି କ୍ଲବ୍ ଓ କୁଦେଇପାଲି ଗ୍ରାମବାସୀ ବୃନ୍ଦ ସମସ୍ତେ ସହଯୋଗ କରିଥିଲେ ।

# ଉପରାଷ୍ଟ୍ରପତି ଭଲ କାରିଗରଙ୍କୁ ଶିଳ୍ପ ଗୁରୁ ଏବଂ ଜାତୀୟ ପୁରସ୍କାର ପ୍ରଦାନ କରିବେ

ନୂଆଦିଲ୍ଲୀ, ୨୭/୧୧ : କେନ୍ଦ୍ର ବୟନ ମନ୍ତ୍ରଣାଳୟ ସୋମବାର, ନଭେମ୍ବର ୨୮ ରେ ୨୦୧୭, ୨୦୧୮ ଏବଂ ୨୦୧୯ ବର୍ଷ ପାଇଁ ଉଲ୍ଲେଖନୀୟ କାରୀଗର ମାନଙ୍କୁ ଶିଳ୍ପ ଗୁରୁ ଏବଂ ଜାତୀୟ ପୁରସ୍କାରର ଆୟୋଜନ କରିବ । ମହାମାରୀ ହେତୁ ଗତ ତିନି ବର୍ଷ ପାଇଁ ପୁରସ୍କାର ଏକ ସମୟରେ ପ୍ରଦାନ କରାଯାଉଛି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ବୟନଶିଳ୍ପ, ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ଜନସାଧାରଣ ବଂଟନ ଏବଂ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବେ । ଏହିକାର୍ଯ୍ୟକ୍ରମରେ ରାଜ୍ୟ ରେଳ ଓ ବୟନ ମନ୍ତ୍ରୀ ଦର୍ଶନା ବିକ୍ରମ ଜରଦୋଷ ଅତିଥି ଭାବେ ଯୋଗଦେବେ ।

# ଏହି ମାଟିରେ ଜନ୍ମ, ଏହି ମାଟିରେ ମରିବି : ପ୍ରଦୀପ ପୁରୋହିତ

ପଦମପୁର / ଭୁବନେଶ୍ୱର,୨୭/୧୧ (ନି.ପ୍ର): ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ ସମୟ ଧରି ପଦ୍ମପୁର ଅଂଚଳବାସୀଙ୍କ ସେବାରେ ଅଛି ଏବଂ ତାଙ୍କ ଆଶୀର୍ବାଦ କାରଣରୁ ୨୦୧୪-୨୦୧୯ ପର୍ଯ୍ୟନ୍ତ ବିଧାନସଭାକୁ ନିର୍ବାଚିତ ହୋଇ ଶ୍ରେଷ୍ଠ ବିଧାୟକ ଭାବେ ମାନ୍ୟତା ମଧ ପାଇଲି । ମୋର ଏଇଟା ଜନ୍ମ ମାଟି । ଗଗନ୍ଧମାର୍ଦ୍ଧନ, ହରିଶଂକର ଏବଂ ନୃସିଂହନାଥ ବଂଚାଇବା ପାଇଁ ଏ ଅଂଚଳର ଭାଇ, ଭଉଣୀ, ଦାଦା, ମାଉସୀମାନଙ୍କ ସହିତ କାମ କରିଛି । ବିରୋଧୀ ବିଜେପି ଦଳର ହୋଇ ଶ୍ରେଷ୍ଠ ବିଧାୟକ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଚିନ୍ତା ବଢ଼ିବା ସହିତ ମୋତେ ପଦ୍ମପୁର ଅଂଚଳବବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ଉପରେ ରୋକ୍ ଲଗାଇବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ସେନାପତିମାନଙ୍କୁ ପଠାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବର୍ତ୍ତମାନ ୬୦ରୁ ଊର୍ଦ୍ଧ୍ୱ ବିଧାୟକ ଏବଂ ୧୫ ଜଣ ମନ୍ତ୍ରୀ ପଦ୍ମପୁର ନିର୍ବାଚନମଣ୍ଡଳରେ ଡେରା ପକାଇଛନ୍ତି । ଶାସନ କଳ, ଅର୍ଥ ବଳ ଏବଂ କଳ ବଳ ଲଗାଇ ଭୋଟରମାନଙ୍କୁ ପ୍ରଭାବିତ କରାଯାଉଛି । ପଦ୍ମପୁରର ମୋର ଭାଇ, ଭଉଣୀ, ଦାଦା, ମାଉସୀମାନଙ୍କ ମୋ ମୁଣ୍ଡ ଉପରେ ଆସୀର୍ବାଦ ରହିଲେ, ମୋର କିଛି କରିପାରିବେ ନାହିଁ । "ଏହି ମାଟିରେ ଜନ୍ମ, ଏହି ମାଟିରେ ମରିବି, କେଉଁଠିକି ଯିବି ନାହିଁ" । ଆଗାମୀ ୫ ତାରିଖରେ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ମୋତେ ଆଶୀର୍ବାଦ କରିବେ ବୋଲି ଆଜି ପାଇକମାଳ ଏବଂ ପଦ୍ମପୁରଠାରେ ଅନୁଷ୍ଠିତ ଜନ ସମାବେଶରେ ଉଦ୍‌ବୋଧନ ଦେଇ ବିଜେପି ପ୍ରାର୍ଥୀ ଶ୍ରୀ ପ୍ରଦୀପ ପୁରୋହିତ କହିଛନ୍ତି ।

# ରାଜ୍ୟ ସରକାରଙ୍କ ଭୁଲ ପାଇଁ ଚାଷୀ ଫସଲ ବୀମା ଅର୍ଥ ପାଇନାହାନ୍ତି : କେନ୍ଦ୍ର କୃଷିମନ୍ତ୍ରୀ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ବରଗଡର ପଦ୍ମପୁର ଠାରେ ବିଜେପି ପାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ପ୍ରଚାର କରିବାକୁ ଆସିଥିବା କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ଚାଷୀଙ୍କୁ କୃଷି ବୀମା ନ ମିଳିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ସେ ପାଇକମାଳରେ ଆୟୋଜିତ ନିର୍ବାଚନୀ ସଭାରେ କହିଛନ୍ତି, ଚାଷୀଙ୍କୁ ଫସଲ ବୀମା ଅର୍ଥ କେନ୍ଦ୍ର ସରକାର ରିଲିଜ କରିସାରିଛନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ ଭୁଲ ପାଇଁ ଚାଷୀ ସେହି ଟଙ୍କା ପାଇନାହାନ୍ତି । ରାଜ୍ୟ ସରକାରଙ୍କ କାର୍ଯ୍ୟଶୈ ?ଳୀ ଧିମା । ସେଥିଲାଗି କୃଷକମାନେ ସେମାନଙ୍କର ପ୍ରାପ୍ୟ ପାଇବାରେ ବିଳମ୍ବରେ ଘଟୁଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ରାଜ୍ୟ ସରକାର ଫସଲ ବୀମା ନେଇ ସର୍ଭେ କରାଉନାହାନ୍ତି, ବରଂ ଫସଲ ବୀମା ନେଇ ଅପପ୍ରଚାର କରୁଛନ୍ତି । କୃଷକଙ୍କୁ ସେମାନଙ୍କର ସୁରକ୍ଷା କବଚ ସଦୃଶ ଫସଲ ବୀମା ଅର୍ଥ କିପରି ଶୀଘ୍ର ମିଳିବ, ସେଥିନେଇ ରାଜ୍ୟ ସରକାର ତତ୍ପର ହେବା ଉଚିତ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର କହିଛନ୍ତି । ଦ୍ମପୁର ଉପନିର୍ବାଚନ ଲାଗି ପାଇକମାଳରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈ ?ଷ୍ଣବ ଆଜି ପ୍ରଚାରକୁ ଓହ୍ଲାଇଛନ୍ତି । ସଭାସ୍ଥଳରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ବରଗଡ଼ ସାଂସଦ ସୁରେଶ ପୂଜାରୀ, ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ଉପସ୍ଥିତ ଥିଲେ ।

# ମହିଳା ଓ ଝିଅଙ୍କ ବିରୁଦ୍ଧରେ ହେଉଥିବା ହିଂସାର ଦମନ ପାଇଁ ସଚେତନତା କାର୍ଯ୍ୟକ୍ରମ





ଭଦ୍ରକ, ୨୭/୧୧ (ନି.ପ୍ର): ପୁରୁଣା ବଜାର ସ୍ଥିତ ନାରାୟଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଅନ୍ତେବାସୀଙ୍କୁ ନେଇ ସୋସାଇଟି ଫର୍ ଉଇକର୍ କମ୍ୟୁନିଟିର ସମ୍ପାଦିକା ସୋଫିଆ ସେଖ୍‌ଙ୍କ ସଭାପତିତ୍ୱରେ ମହିଳା ଓ ଝିଅଙ୍କ ବିରୁଦ୍ଧରେ ହେଉଥିବା ହିଂସାର ଦମନ ପାଇଁ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ନଭେମ୍ବର ୨୫ରୁ ଆରମ୍ଭ ହୋଇଥିବା ଅର୍ନ୍ତଜାତୀୟ ମହିଳା ହିଂସା ବିରୋଦ୍ଧ ୧୬ ଦିନିଆ କ୍ୟାପେନିଂରେ ୩ୟ ଦିବସରେ ପଦାର୍ପଣ କରିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସଭାପତି ସୁରଜିତା ନାୟକ ଯୋଗଦେଇ ଏହି କ୍ୟାପେନିଂର ବିଷୟ ବସ୍ତୁ ଉପରେ ବିସ୍ତୃତ୍ୱ ଭାବେ ଆଲୋଚନା କରିଥିଲେ । ସମ୍ମାନନୀୟ ଅତିଥିଭାବେ ପୂର୍ବତନ କିଶୋର ନ୍ୟାୟ ପରିଷଦର ସଦସ୍ୟ ତଥା ବର୍ତ୍ତମାନର ଜିଲ୍ଲା ଖାଉଟି ପ୍ରାଧିକରଣ ସେବାର ସଭାପତି ଆଇନ୍‌ଜୀବୀ ଶିବ ପ୍ରସାଦ ମହାନ୍ତି ଯୋଗଦେଇ କିଶୋର ନ୍ୟାୟ ଆଇନ୍ ଉପରେ ଆଲୋକପାତ କରିବା ସଂଗେ ସଂଗେ ନାରୀ ଅବଳା ନୁହେଁ ସବଳା ବୋଲି ଚିନ୍ତାଧାରା ଆଣିବା ପାଇଁ ଉପଦେଶ ଦେଇଥିଲେ । ଅତିଥିଭାବେ ଆଇନ୍‌ଜୀବୀ ମନୋରଞ୍ଜନ ଦାସ ଯୋଗଦେଇ ପୋକସୋ ଆଇନ୍ ଉପରେ ଆଲୋଚନା କରିଥିଲେ । ଅନ୍ୟ ପ୍ରମୁଖ ବ୍ୟକ୍ତି ଭାବରେ କେ.ଜି.ଭି.ଭି.ର ପରିଚାଳିକା ମମିତା ଦାସ ଯୋଗଦେଇଥିଲେ । ସଭାର ସଭାପତି ସୋଫିଆ ସେଖ୍ ବାଲ୍ୟ ବିବାହ କୁ ବିରୋଧ କରିବା ସଂଗେ ସଂଗେ ନିଜ ଉପରେ ଅତ୍ୟାଚାର ବା ହିଂସା ହେଲେ ଆଇନ୍ କିମ୍ବା ଚାଇଲ୍ଡ ଲାଇନ୍ ୧୦୯୮ର ସହାୟତା ନେବାକୁ ଉପଦେଶ ଦେଇଥିଲେ । ଶେଷରେ ଆସିଆନାର ସଂଯୋଜକ ରିଆଜ୍ ଅହମଦ୍ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚାଇଲ୍ଡ ଲାଇନ୍‌ର ସଦସ୍ୟ ରମାକାନ୍ତ ଜେନା, ପ୍ରଦୀପ୍ ପଣ୍ଡା, ସାଇନ୍ ଖାନ୍, ସଂଯୁକ୍ତା ମଲ୍ଲିକ, ବାସନ୍ତି ସେଠୀ ଓ ମୁକ୍ତାଶ୍ରୟର ସଂଯୋଜକ ସମ୍ବିତ୍ ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସରେ ଶପଥ



ବାରିପଦା, ୨୭/୧୧ (ନି.ପ୍ର): ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ ଙ୍କ ସଭାପତିତ୍ୱରେ ସଂମ୍ବିଧାନ ପ୍ରଣେତା ବାବା ସାହେବ୍ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତୀ ସ୍ଥଳରେ ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି । ଏହି ଅବସର ରେ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ସହ କଂଗ୍ରେସ ନେତୃବୃନ୍ଦ, କର୍ମକର୍ତା ମାନେ ଆଇନଜୀବୀ ଓ ସାମାଜିକ କର୍ମକର୍ତା ମାନେ ସଂମ୍ବିଧାନର ସୁରକ୍ଷା ପାଇଁ ଶପଥଗ୍ରହଣ କରିଥିଲେ । ଆଜିର ଏହି ଶପଥଗ୍ରହଣ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବି ବିଜନ ଦାସ, ମହିଳା ସଭାନେତ୍ରୀ ସୁସ୍ମିତା ଘୋସାଲ, ଉପସଭାପତି ଅରବିନ୍ଦ ଦାସ, ନଗର ସଭାପତି ତଥା ଶାନ୍ତନୁ ପାଲ, ଛାତ୍ର ନେତା ମୋତି ପ୍ରକାଶ ଦାସ, ଯୁବ ନେତା ଶିବାନନ୍ଦ ଜ୍ଞାନେନ୍ଦ୍ର ଦାସ, ସମାଜସେବକ ବିକାଶ ମହାଭୋଇ ଓ ସ୍ୱାଗନ ଦାସ, ପୂର୍ବତନ ଉପନଗରପାଳ ପ୍ରଦୀପ ମିଶ୍ର, ନାରୀ ନେତ୍ରୀ ରଶ୍ମିତା ମିଶ୍ର, ସାମାଜିକ କର୍ମୀ ଭବାନୀ ଶଙ୍କର ସାହୁ, ନିର୍ମଳ ପ୍ରଧାନ, ହରି ଶଙ୍କର ଦାସ, ସଂଖ୍ୟାଲଘୁ ସମ୍ପ୍ରଦାୟର ଶେଖ କଲିମ ପ୍ରମୁଖ ଯୋଗ ଦେଇଥିଲେ ।

# ବାଲେଶ୍ୱରରେ ୭୪ ଏନସିସି ଦିବସ



ବାଲେଶ୍ୱର,୨୭/୧୧ (ନି.ପ୍ର): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ୭୪ତମ ଏନସିସି ଦିବସ ପାଳିତ ହୋଇଯାଇଛ । ଉପ-ଆରକ୍ଷୀ ଅଧୀକ୍ଷକ ମାନସ କୁମାର ଦେଓ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏନସିସି ପତାକା ଉତ୍ତୋଳନ କରିବା ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ ନେହେରୁ ଏହାକୁ ପ୍ରତିଷ୍ଠା କରିଥିବା ବେଳେ ସମାଜର ବିଭିନ୍ନ କ୍ଷେତ୍ରରେ କ୍ୟାଡେଟ୍‌ଙ୍କ ଦାୟିତ୍ୱ ସମ୍ପାଦନ ପ୍ରଶଂସନୀୟ ବୋଲି ଶ୍ରୀ ଦେଓ ମତପ୍ରକାଶ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ ଘୋଷ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଣେ ଏନସିସି କ୍ୟାଡେଟଙ୍କ ପାଇଁ ଶୃଙ୍ଖଳା, କର୍ତ୍ତବ୍ୟପରାୟଣତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଏଫଏମ କଲେଜ ମହିଳା ଏନସିସି ଏଏନଓ ବିଦ୍ୟୁତପ୍ରଭା ଦାସ, ଏନସିସି ଆର୍ମି ଉଇଙ୍ଗ ଏଏନଓ ଲେଫ୍ଟନାଂଟ ଆଶିଷ କୁମାର ପଣ୍ଡା ଓ ଏନସିସି ନାଭାଲ ଉଇଙ୍ଗ ସିଟିଓ ପ୍ରଶାନ୍ତ କୁମାର ସାହୁ, ରସାଳପୁର ଯଦୁନାଥ ମହାବିଦ୍ୟାଳୟର ଏନସିସି ଆର୍ମି ଉଇଙ୍ଗ ଏଏନଓ ଜ୍ୟୋତ୍ସ୍ନା ଦାସ ଓ ଏନସିସି ନାଭାଲ ଉଇଙ୍ଗ ଏଏନଓ ବନ୍ଦନା ରାଣୀ ସେଠୀ, ଜିଲ୍ଲାସ୍କୁଲ ଏନସିସି ସିଟିଓ ପ୍ରଶାନ୍ତ କୁମାର ମଲ୍ଲିକ, ସେଣ୍ଟ୍ରାଲ ସ୍କୁଲ ଏନସିସି ସିଟିଓ ଶମ୍ଭୁନାଥ ସେଠୀ, ନୟନା କୁମାରୀ ହାଇସ୍କୁଲ ଏନସିସି ସିଟିଓ ସୁଦର୍ଶନ ଜେନା ଓ ବାଲିଆ ସରସ୍ୱତୀ ଶିଶୁମନ୍ଦିରର ସିଟିଓ ଉତମ କୁମାର ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗଦେଇ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ । ପରେ କ୍ୟାଡେଟମାନଙ୍କ ଦ୍ୱାରା ସାମୂହିକ ପ୍ୟାରେଡ୍ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଟ୍ରେନର ହରିହର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଶ୍ରେଷ୍ଠ ଏନସିସି କ୍ୟାଡେଟ୍ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ପୁରସ୍କାର ବିତରଣ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# 'ଆୟୁର ଆବେଗ ବାର୍ଷିକ ଉତ୍ସବ ଏବଂ ଚିକିତ୍ସକ ସମ୍ମିଳନୀ

ବାଲେଶ୍ୱର,୨୭/୧୧ (ନି.ପ୍ର): ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସକ ସିଦ୍ଧବୈଦ୍ୟ ଡାକ୍ତର ଶୀତିକଣ୍ଠ ଦାସଙ୍କ ସ୍ମୃତିରେ 'ଆୟୁର୍ ଆବେଗ'ର ତ୍ରୟୋଦଶ ବାର୍ଷିକ ଉତ୍ସବ ଏବଂ ରାଜ୍ୟସ୍ତରୀୟ ଆୟୁର୍ବେଦିକ ସ୍ନାତକୋତ୍ତର ଶିକ୍ଷାର୍ଥୀ କର୍ମଶାଳା ଏବଂ ଚିକିତ୍ସକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ ସହ ସ୍ୱାସ୍ଥ୍ୟସେବାରେ ଆୟୁର୍ବେଦ ତଥା ପ୍ରାକୃତିକ ଚିକିତ୍ସା ପଦ୍ଧତିର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତର ପାରମ୍ପରିକ ତଥା ପ୍ରାକୃତିକ ଚିକିତ୍ସା ପଦ୍ଧତିକୁ ଘରେ ଘରେ ଆଦୃତ କରିବା ସହ ଏହାର ପ୍ରଚାର ପ୍ରସାର ପାଇଁ 'ଆୟୁର-ଅବେଗ'ର ପ୍ରୟାସ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ । ଏହି ଉତ୍ସବରେ 'ଆବେଗ ସମ୍ମାନ'ରେ ସମ୍ବର୍ଦ୍ଧିତ ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପରିଷଦର ମହାନିର୍ଦ୍ଦେଶକ ପ୍ରଫେସର (ବୈଦ୍ୟ) ରବିନାରାୟଣ ଆଚାର୍ଯ୍ୟ କୌଣସି ରୋଗର ଚିକିତ୍ସା ଅପେକ୍ଷା ପ୍ରତିଷେଧକର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଚିକିତ୍ସା ପ୍ରଣାଳୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ତେବେ ଅନ୍ୟାନ୍ୟ ଚିକିତ୍ସା ବିଜ୍ଞାନ ଭଳି ଆୟୁର୍ବେଦର ଆଧୁନିକୀକରଣ ପାଇଁ କେବଳ ସରକାର ନୁହେଁ ବିଶେଷଜ୍ଞମାନେ ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ । ଆୟୁର ଆବେଗର ସଭାପତି କବି ପ୍ରଶାନ୍ତ ଦାସ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ସିଦ୍ଧ ବୈଦ୍ୟ ଶୀତିକଣ୍ଠ ଦାସଙ୍କ ସୁପୁତ୍ର ଡାକ୍ତର ଶାନ୍ତନୁ ଦାସ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ପ୍ରଫେସର ଆଚାର୍ଯ୍ୟଙ୍କୁ ୨୦୨୨ ମସିହାର 'ଆବେଗ ସମ୍ମାନ', ଅବସରପ୍ରାପ୍ତ ଆୟୁର୍ବେଦ ଚିକିତ୍ସକ ଡାକ୍ତର ପ୍ରଭାକର ରଥଙ୍କୁ 'ମାଗୁଣି ବ୍ରହ୍ମା ସମ୍ମାନ' ଏବଂ ଚଳିତ ବର୍ଷର ଶ୍ରେଷ୍ଠ ଆୟୁର୍ବେଦ ସ୍ନାତକ ଡାକ୍ତର ରାଜଶ୍ରୀ ମେହେରଙ୍କୁ ଆୟୁର ଆବେଗ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରେ ଆୟୋଜିତ ଆୟୁର୍ବେଦିକ କର୍ମଶାଳାରେ ସ୍ନାତକୋତ୍ତର ବିଦ୍ୟାର୍ଥୀଙ୍କ ଦ୍ୱାରା ଗବେଷଣା ନିବନ୍ଧ ଉପସ୍ଥାପନ କରାଯାଇଥିଲା । ଅପରାହ୍ଣରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ୫୫ କୋଭିଡ ଯୋଦ୍ଧା (ଆୟୁଷ ଡାକ୍ତର)ଙ୍କ ସମ୍ମାନିତ କରାଯାଇଥିଲା । ଏଥିରେ ବରେଣ୍ୟ ଅତିଥି ଭାବେ ପ୍ରଫେସର ଆଚାର୍ଯ୍ୟଙ୍କ ସମେତ ମୟୂରଭଞ୍ଜ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡାକ୍ତର ତୀର୍ଥବାସୀ ପଣ୍ଡା ଓ ବାଲେଶ୍ୱର ଜିଲା ଭାରପ୍ରାପ୍ତ ଆୟୁର୍ବେଦ ଚିକିତ୍ସାଧିକାରୀ ଡାକ୍ତର ଅଜୟ କୁମାର ଷଣ୍ଢ ପ୍ରମୁଖ ଯୋଗଦେଇ ଆଧୁନିକ ଚିକିତ୍ସା କ୍ଷେତ୍ରରେ ଆୟୁର୍ବେଦର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଡାକ୍ତର ଶାନ୍ତନୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜେଶ ଗିରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo